# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, August 19/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 264 | ମୂଲ୍ୟ ₹୭/-




**ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ**

ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୪

୦୨

**ପୋଲିସ ଭୂମିକାରେ ଅଲି ଫଜଲ୍**

ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ରାଖ୍'ରେ ଅଭିନେତା ଅଲି ଫଜଲ୍ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ନଜରକୁ ଆସିବେ।





ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ କାଲିମେଲା ବ୍ଲକ ୩୨୬ ନଂ. ଜାତୀୟ ରାଜପଥ ପୋଟେରୁ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଉଭୟ ପାର୍ଶ୍ୱରେ ଗାଡି ଓ ଲୋକେ ଅଟକି ରହିଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର

## ଜଣେ ଗିରଫ, ଧରାପଡ଼ିଲେ ୨ ନାବାଳକ, ୨ଫେରାର

**ଯୁବଗୋଷ୍ଠୀ ମଧ୍ୟରେ ବଢ଼ିଚାଲିଛି ଅପରାଧ ପ୍ରବଣତା। ବିଶେଷ କରି ଅପରାଧରେ କିଶୋରମାନଙ୍କ ସମ୍ପୃକ୍ତି ସମ୍ପ୍ରତି ଏକ ଚିନ୍ତାର କାରଣ ପାଲଟିଛି। ସମ୍ବଲପୁର ଜିଲା ଯୁଯୁମୁରା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଜଣାପଡ଼ିଛି। ଏଥିରେ ମୋଟ ୫ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ରହିଛନ୍ତି। ପୋଲିସ ମୁଖ୍ୟ ଅଭିଯୁକ୍ତ ଶୀତଲେନପାଲି ଦୁମୁରୀପଡ଼ାର ସୁଶାନ୍ତ ମିର୍ଦ୍ଧା(୨୧)ଙ୍କୁ ଗିରଫ କରିଥିବାବେଳେ ୨ଜଣ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।**

ସମ୍ବଲପୁର,୧୮।୮ (ପ୍ରମୋଦ ବହିଦାର)

ଯୁଯୁମୁରା ଥାନା ଅନ୍ତର୍ଗତ ଶୀତଲେନପାଲି ଅଞ୍ଚଳରେ ରହୁଥିବା ପୀଡ଼ିତା ନାବାଳିକା ନବମ ଶ୍ରେଣୀରେ ପଢୁଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧା ଓ ଅନ୍ୟ ୪ଜଣ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକି ନେଇଥିଲେ। ଏହାପରେ ସେମାନେ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଯାଇଥିଲେ। ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ସମସ୍ତ ବିଷୟ ଜଣାଇବା ପରେ ରାତିରେ ପୀଡ଼ିତାଙ୍କ ସହିତ ପରିବାର ଲୋକେ ଯୁଯୁମୁରା ଥାନାକୁ ଯାଇ ଏତଲା ଦେଇଥିଲେ। ଏତଲା ଓ ପୀଡ଼ିତାଙ୍କ ବୟାନ ଆଧାରରେ ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୭୦(ଗଣବଳାତ୍କାର) ଏବଂ ପୋକ୍‌ସୋ ଆଇନର ଦଫା ୬(ଗୁରୁତର ଭାବେ ଯୌନ ନିର୍ଯାତନା) ରେ ଏକ ମାମଲା(ନଂ. ୧୭୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତୁରନ୍ତ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଜଣଙ୍କୁ ଧରିଥିଲା। ଫେରାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ ପୂର୍ବକ କୋର୍ଟରେ ଏହି ମାମଲାର ତୁରନ୍ତ ଫଇସଲା ପାଇଁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ ପ୍ରମାଣ ଉପସ୍ଥାପନ ☞ ପୃଷ୍ଠା-୪

# ସିଇସିଙ୍କ ବିରୋଧରେ ମହାଭିଯୋଗ ଆଣିପାରନ୍ତି ବିରୋଧୀ

**ଭୋଟର ତାଲିକା ଠିକ୍ ଥିବା ନେଇ ପ୍ରଥମେ ଇସି ସତ୍ୟପାଠ ଦାଖଲ କରନ୍ତୁ: କଂଗ୍ରେସ**

ନୂଆଦିଲ୍ଲୀ,୧୮।୮

ଭୋଟ ଜାଲିଆତି ଅଭିଯୋଗକୁ ନେଇ ନିର୍ବାଚନ କମିଶନ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟ ପରିସରରେ ସୋମବାର ସକାଳେ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକରେ ଏନେଇ ଆଲୋଚନା ହୋଇଛି। ସୁପ୍ରିମକୋର୍ଟ ବିଚାରପତିଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନଙ୍କୁ ବହିଷ୍କାର କରିବା ଲାଗି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ହୋଇଥାଏ। ତାଙ୍କ ବିରୋଧରେ ଦୁର୍ବ୍ୟବହାର କିମ୍ବା ଅପାରଗତାର ପ୍ରମାଣ ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରେ ଦୁଇ-ତୃତୀୟାଂଶ ଭୋଟରେ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। ପ୍ରସ୍ତାବ ଗୃହୀତ କରାଇବା ପାଇଁ ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଏହା କେବଳ ଏକ ଚାପ କୌଶଳ ଭଳି ଜଣାପଡୁଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ଅଭିଯୋଗ ଆଣିଥିବାବେଳେ ଏଭଳି ଶବ୍ଦ ବ୍ୟବହାର କରିବା ସମ୍ବିଧାନ ପ୍ରତି ଅପମାନ ବୋଲି ସିଇସି ରବିବାର କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ପାଇଁ ଭାରତର ଭୋଟରମାନଙ୍କୁ ଟାର୍ଗେଟ କରିବାକୁ ନିର୍ବାଚନ ଆୟୋଗଙ୍କୁ ଏକ ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରାଯାଉଛି। ଇସି ଭୋଟରମାନଙ୍କ ସହ ରହିଛନ୍ତି ବୋଲି ଜ୍ଞାନେଶ କହିବା ☞ ପୃଷ୍ଠା-୪

# ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍‌ଆଇଆର୍

**ଦୀର୍ଘ ୨୪ବର୍ଷ ପରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଏହା ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଉଛି। ଏଥିଲାଗି ଘରକୁ ଘର ଯାଞ୍ଚବେଳେ ୧୧ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇବାକୁ ପଡ଼ିବ। ଆବଶ୍ୟକସ୍ଥଳେ ଏହି ପ୍ରମାଣପତ୍ର ତାଲିକାରେ ଆଉ କିଛି ସଂଯୋଗ ହୋଇପାରେ। କିନ୍ତୁ ଯାଞ୍ଚବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାଶନ କାର୍ଡକୁ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍.ଏସ୍. ଗୋପାଳନ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

ମତଦାନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ନିମନ୍ତେ ନିର୍ଭୁଲ୍ ଭୋଟର ତାଲିକା ଜରୁରୀ। ତେଣୁ ଏସ୍‌ଆଇଆର୍ ମାଧ୍ୟମରେ ନକଲି ଭୋଟର ଏବଂ ମତଦାତାଙ୍କ ଏକାଧିକ ନାଁକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ଏହାସହ ନୂଆ ଭୋଟରଙ୍କୁ ସୁବ୍ୟବସ୍ଥିତ ଭାବେ ଯୋଡ଼ାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଇସିଆଇ ପକ୍ଷରୁ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ କରାଯାଇଛି। ତେବେ ବିରୋଧୀ କଂଗ୍ରେସ, ଆର୍‌ଜେଡି ସମେତ ଅନେକ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ଏଭଳି ହଠାତ୍ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଯିବା ସହ ତ୍ରୁଟିଗୁଡ଼ିକୁ ଦର୍ଶାଯାଉଛି। ନିର୍ବାଚନ କମିଶନଙ୍କ ଉପରେ ଭୋଟ୍ ଚୋରି ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏଭଳିସ୍ଥଳେ ବିହାର ପରେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏସ୍‌ଆଇଆର୍ ପାଇଁ ପ୍ରଚେଷ୍ଟା କରାଯାଉଛି, ଯାହାକି ଓଡ଼ିଶାରେ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ତେବେ ୫୦ବର୍ଷ ପୂର୍ବରୁ ଯେଭଳି ଭୋଟଗ୍ରହଣ ନୀତି ଆପଣା ଯାଉଥିଲା, ଏବେ ସେଥିରେ ବହୁ ସଂସ୍କାର ଆସିଛି। ଲୋକଙ୍କ ବିଶ୍ୱାସ ଯେଭଳି ☞ ପୃଷ୍ଠା-୪

**ଯାଞ୍ଚ ପାଇଁ ଆବଶ୍ୟକ ପ୍ରମାଣପତ୍ର**

- ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର
- ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର କର୍ମଚାରୀ ପରିଚୟପତ୍ର
- ଜନ୍ମ ପ୍ରମାଣପତ୍ର
- ପାସ୍‌ପୋର୍ଟ
- ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍
- ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର
- ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର
- ଜାତିଗତ ପ୍ରମାଣପତ୍ର
- ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଓଡ଼ିଶାରେ ହୋଇନାହିଁ)
- ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ
- ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ର

## ବାଦ୍ ପଡ଼ିଲେଣି ୧୨ ଦଳ

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

ରାଜ୍ୟରେ ରାଜନୈତିକ ଦଳ ବୋଲି ନାଁ ରହିଛି। ହେଲେ ବାସ୍ତବକ୍ଷେତ୍ରରେ ରାଜନୀତି ମୈଦାନରେ ଦେଖିବାକୁ ମିଳୁନାହିଁ। ଏହିଭଳି ଭାବେ ରାଜ୍ୟର ୧୨ଟି ରାଜନୈତିକ ଦଳ ଚିହ୍ନଟ ହେଲେଣି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ ସୂଚନା ଦେଇଛନ୍ତି।

ସୋମବାର ଅପରାହ୍ନରେ ସିଇଓ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ଗୋପାଳନ କହିଛନ୍ତି, ଦେଶରେ ବହୁ ରାଜନୈତିକ ଦଳ ନିର୍ବାଚନ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ପିପୁଲ ଆକ୍ଟ-୧୯୫୧ର ଅନୁଚ୍ଛେଦ-୨୯ ଏ ଅନୁଯାୟୀ, ଯେଉଁ ଦଳଗୁଡ଼ିକ ୬ବର୍ଷ ଧରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବେ ସେମାନଙ୍କୁ ବାଦ୍ ଦିଆଯାଇପାରିବ। ଏହିକ୍ରମରେ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ଦେଶରେ ୩୩୪ଟି ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶାରେ ୫ଟି ରାଜନୈତିକ ଦଳ ରହିଥିଲା। ଏହି ରାଜନୈତିକ ଦଳ ବାଦ୍ ପରେ ଦେଶରେ ରାଜନୈତିକ ଦଳ ସଂଖ୍ୟା ୨୮୫୪ରୁ ୨୫୨୦କୁ ଖସି ଆସିଛି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦେଶରେ ୪୭୬ଟି ରାଜନୈତିକ ଦଳ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ତାଲିକାରୁ ବାଦ୍ ଦିଆଯାଇଛି, ଯେଉଁଥିରେ ଓଡ଼ିଶାର ୭ଟି ଦଳ ରହିଛି। ଆଗାମୀ ☞ ପୃଷ୍ଠା-୪

## ସମ୍ବଲପୁରରେ ଖୋଲିବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୮।୮ (ସୁନିତ୍ ମିଶ୍ର)

ସମ୍ବଲପୁରଠାରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଏନେଇ ଆଲୋଚନା ହୋଇଛି। ଏହାଦ୍ୱାରା କୃଷି ଓ ଆନୁସଙ୍ଗିକ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବ। ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷିପ୍ରଣାଳୀ ବିକାଶରେ ସହାୟକ ହେବ। ଏଥିସହିତ କୃଷି ଗବେଷଣାକୁ ଆଗକୁ ବଢ଼ାଇବା ସହିତ ଚାଷୀଙ୍କୁ ସଶକ୍ତ କରିବ ବୋଲି କନକ ବର୍ଦ୍ଧନ କହିଛନ୍ତି।

**ଆଜିର ସମ୍ପାଦକୀୟ**


**ତ୍ରୁଟି ଘୋଡ଼ାଉଛନ୍ତି**

## କେମ୍ବ୍ରିଜ୍ ଡିକ୍ସନାରିରେ ଯୋଡ଼ିହେଲା ୬ ହଜାର ନୂଆ ଶବ୍ଦ

ଲଣ୍ଡନ,୧୮।୮

କେମ୍ବ୍ରିଜ୍ ଡିକ୍ସନାରି ନିଜର ଅନ୍‌ଲାଇନ ସଂସ୍କରଣରେ ୬ ହଜାର ନୂତନ ଶବ୍ଦକୁ ସ୍ଥାନିତ କରିଛି। ଏଥିମଧ୍ୟରୁ ଅନେକ ହେଉଛି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବ୍ୟବହୃତ ହେଉଥିବା ଶବ୍ଦ। ସାଧାରଣତଃ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫା ଦ୍ୱାରା ଲୋକପ୍ରିୟ ହୋଇଥିବା ଶବ୍ଦ 'delulu', 'skibidi', 'tradwife'କୁ କେମ୍ବ୍ରିଜ୍ ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ଏନେଇ ଡିକ୍ସନାରର ପ୍ରକାଶକ ସୋମବାର ସୂଚନା ଦେଇଛନ୍ତି।

କେମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି, ସାମ୍ପ୍ରତିକ ସ୍ଥିତିରେ 'tradwife'କୁ ଇନ୍‌ଷ୍ଟାଗ୍ରାମ ଏବଂ ଟିକ୍‌ଟକ୍ ପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଟ୍ରାଡିସିନାଲ୍‌ୱାଇଭ୍ ବଦଳରେ ବ୍ୟାପକ ଭାବେ ବ୍ୟବହାର



କରାଯାଉଛି। ତେଣୁ ଉକ୍ତ ଶବ୍ଦକୁ ଡିକ୍ସନାରି ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ସେହିପରି 'skibidi' ଶବ୍ଦକୁ ବ୍ୟାପକ ଭାବରେ ବିଭିନ୍ନ ଅନ୍‌ଲାଇନ ମିମ୍ସରେ ବ୍ୟବହାର କରାଯାଉଛି। ଏହି ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନ ଥିବା ବେଳେ ବିଭିନ୍ନ ସ୍ଥିତିରେ ଭଲ କିମ୍ବା ଖରାପ ଦର୍ଶାଇବା ପାଇଁ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୟୁଜର୍ସ ଏହାକୁ ବ୍ୟବହାର କରୁଛନ୍ତି। ସେହିପରି 'delulu' ଡିଲ୍ୟୁଶନାଲ ଶବ୍ଦରୁ ଆସିଛି। ୨୦୨୫ରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଦେଶର ପାର୍ଲାମେଣ୍ଟରେ ଭାଷଣ ଦେବାବେଳେ 'delulu' ଶବ୍ଦର ବ୍ୟବହାର କରିଥିଲେ। ଏକ ସତ୍ୟ ହୋଇ ନ ଥିବା କଥାରେ ବିଶ୍ୱାସ କରିବାକୁ ନେଇ ସମ୍ପ୍ରତି 'delulu' ଶବ୍ଦର ବହୁଳ ବ୍ୟବହାର କରାଯାଉଛି। ଅନନ୍ୟ ଫ୍ୟାଶନ ଲୁକ୍‌କୁ ବର୍ଣ୍ଣନା କରିବା ପାଇଁ ସମ୍ପ୍ରତି ବ୍ୟବହୃତ ହେଉଥିବା 'lewk', ଇନ୍‌ସ୍ପାରେଶନ ବଦଳରେ ସଂକ୍ଷିପ୍ତ ଭାବେ ବ୍ୟବହୃତ ହେଉଥିବା 'inspo' ଶବ୍ଦକୁ ମଧ୍ୟ କେମ୍ବ୍ରିଜ୍ ଡିକ୍ସନାରିର ଶବ୍ଦକୋଷରେ ଯୋଡ଼ାଯାଇଛି। ସେହିପରି କୌଣସି କାର୍ଯ୍ୟ କରୁ ନ ଥିବା ସମୟରେ କାମ କରିବା ପରି ଦେଖେଇ ହେବା ପାଇଁ ସମ୍ପ୍ରତି ବ୍ୟବହୃତ ହୋଇଥିବା 'mouse jiggler' ଶବ୍ଦକୁ ମଧ୍ୟ ଡିକ୍ସନାରି ଶବ୍ଦକୋଷରେ ଯୋଡ଼ାଯାଇଛି। ବୈବାହିକ ସମ୍ପର୍କ ପରି କର୍ମକ୍ଷେତ୍ରରେ ନିଜ ସହକର୍ମୀଙ୍କ ସହ ନିବିଡ଼ ଏବଂ ବିଶେଷ ସମ୍ପର୍କ ପାଇଁ ସମ୍ପ୍ରତି ବ୍ୟାପକ ଭାବେ ବ୍ୟବହୃତ ହେଉଥିବା 'work spouse' ଶବ୍ଦ ମଧ୍ୟ କେମ୍ବ୍ରିଜ୍‌ର ଶବ୍ଦକୋଷରେ ସ୍ଥାନ ପାଇଛି। ଡିକ୍ସନାରି ପକ୍ଷରୁ କେବଳ ସେହି ଶବ୍ଦଗୁଡ଼ିକୁ ନିଜ ଅନ୍‌ଲାଇନ ସଂସ୍କରଣରେ ଯୋଡ଼ାଯାଇଛି, ଯାହାକୁ ଦୀର୍ଘଦିନ ହେବ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। ସମୟ ସହ ଇଣ୍ଟରନେଟ ସଂସ୍କୃତି ଇଂରାଜୀ ଭାଷାରେ ପରିବର୍ତ୍ତନ ଆଣୁଛି। ତେଣୁ ଏହାର ପ୍ରଭାବକୁ ପର୍ଯ୍ୟବେକ୍ଷଣ କରିବା ପରେ ସେଥିମଧ୍ୟରୁ କେତେକ ଶବ୍ଦକୁ ଗ୍ରହଣ କରାଯାଇଥିବା ନେଇ କେମ୍ବ୍ରିଜ୍ ଡିକ୍ସନାରିର ଲେକ୍ସିକାଲ ପ୍ରୋଗ୍ରାମ ମ୍ୟାନେଜର କୋଲିନ୍ ମ୍ୟାକ୍‌ଇଣ୍ଟୋଶ କହିଛନ୍ତି।




## ସଂକ୍ଷେପରେ

### ଚାଇନା ଉପରେ ଟାରିଫ୍ ଲଗାଇଲେ ଅନ୍ତର୍ଜାତୀୟ ବଜାରରେ ତେଲ ମହଙ୍ଗା ହେବ: ରୁବିଓ

ୱାଶିଂଟନ,୧୮।୮

ରୁଷିଆରୁ ତେଲ କିଣୁଥିବା ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଅତିରିକ୍ତ ୨୫ ପ୍ରତିଶତ କଷିବାକୁ ନିଷ୍ପତ୍ତି ନେଇଛି। ଅଥଚ ସେଠାରୁ ଅଧିକ ତୈଳ କିଣୁଥିବା ଚାଇନାକୁ ଟାରିଫ୍‌ରୁ ବାଦ୍ ଦେବାର କାରଣ ସମ୍ପର୍କରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରୁଷିଆରୁ ବେଜିଂ କିଣୁଥିବା ଅଧିକାଂଶ ତୈଳକୁ ବିଶୋଧନ କରି ୟୁରୋପକୁ ବିକ୍ରି କରୁଛି। ୟୁରୋପ ମଧ୍ୟ ସେଠାରୁ ପ୍ରାକୃତିକ ଗ୍ୟାସ୍ କିଣୁଛି। ଚାଇନାର ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ ଲଗାଇଲେ, ଏହାର ପରିଣାମ ବିଶ୍ୱ ତୈଳ ବଜାରରେ ପଡ଼ିବ। ଚାଇନା କେବଳ ରୁଷିଆ ତେଲକୁ ବିଶୋଧନ କରି ବିଶ୍ୱ ବଜାରରେ ବିକ୍ରି କରୁଛି। ଟାରିଫ୍ ଲଗାଇଲେ, ଯେଉଁମାନେ ବେଜିଂରୁ ତେଲ କିଣୁଛନ୍ତି, ସେମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି। ବେଜିଂ ଉପରେ ଦଣ୍ଡାତ୍ମକ ଶୁଳ୍କକୁ ଅନେକ ୟୁରୋପୀୟ ଦେଶ ବିରୋଧ କରିଥିବା ଆମେ ଶୁଣିବାକୁ ପାଇଛୁ। ସେଥିପାଇଁ ଭାରତ ଉପରେ ଟାରିଫ୍ ଲଗାଯାଇଥିବାବେଳେ ଚାଇନାକୁ ବାଦ୍ ଦିଆଯାଇଥିବା ଆମେରିକା ପରରାଷ୍ଟ୍ର ସଚିବ କହିଛନ୍ତି।

### ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେଉଥିବା ସେନା କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯାଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.)

ସାମରିକ ପ୍ରଶିକ୍ଷଣ ବେଳେ ଆହତ କିମ୍ବା ଭିନ୍ନକ୍ଷମ ହେଉଥିବା ବୀର କ୍ୟାଡେଟ୍‌ମାନଙ୍କୁ ପ୍ରତିରକ୍ଷା ବଳ ବାଦ୍ ଦେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଚାହୁଁଥିବା ସୋମବାର କହିଛନ୍ତି। ଏଭଳି ଅନିବାର୍ଯ୍ୟତା ପାଇଁ ସେମାନଙ୍କୁ ବୀମାଭୁକ୍ତ କରିବା ନିମନ୍ତେ ସମ୍ଭାବନା ବାହାର କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେବା କାରଣରୁ ଅନୁପଯୁକ୍ତ ଦର୍ଶାଇ ବାଦ୍ ଦିଆଯାଇଥିବା କ୍ୟାଡେଟ୍‌ମାନଙ୍କ ସମସ୍ୟାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମାଧବନ୍‌ଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ସରକାର ଓ ସେନାବାହିନୀକୁ ଜବାବ ମାଗିଛନ୍ତି। ସେମାନଙ୍କୁ ସେନାରେ ସାମିଲ କରାଯିବା ଆମେ ଚାହୁଁ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହୋଇଥିଲେ ସେମାନଙ୍କୁ ବାଦ୍ ଦିଆଯିବା ଆମେ ଚାହୁଁନାହୁଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେମାନଙ୍କୁ ବୀମାଭୁକ୍ତ କରାଗଲେ ସରକାରଙ୍କ ଉପରେ ଆର୍ଥିକ ବୋଝ ନ ପଡ଼ି ବୀମା କମ୍ପାନୀ ଉପରେ ପଡ଼ିବ। ସେଥିପାଇଁ ବିପଦପୂର୍ଣ୍ଣ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟେକ କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

### ଦିଲ୍ଲୀରେ ଆଜି



ଭୋଟ ଚୋରି ଓ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ (ବାମରୁ) ଇଣ୍ଡିଆ ବ୍ଲକ୍‌ର କଂଗ୍ରେସ ନେତା ଗୌରବ ଗୋଗୋଇ, ଏସ୍‌ପି ନେତା ରାମଗୋପାଳ ଯାଦବ, ଆପ୍ ନେତା ସଞ୍ଜୟ ସିଂ, ଆର୍‌ଜେଡି ନେତା ମନୋଜ ଝା ପ୍ରମୁଖ ସୋମବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ରେ ଖବରଦାତା ସମ୍ମିଳନୀ କରୁଛନ୍ତି। (ଫଟୋ-ଚମନ ଗୌତମ)

# ବର୍ଷାରେ ମୁମ୍ବାଇ ବେହାଲ

- ସ୍କୁଲ ବନ୍ଦ, ବିଭିନ୍ନ ଅଞ୍ଚଳ ଜଳମଗ୍ନ
- ବିମାନ, ଟ୍ରେନ୍ ସେବା ପ୍ରଭାବିତ
- ମହାରାଷ୍ଟ୍ରର ୧୫ ଜିଲାକୁ ରେଡ୍, ଅରେଞ୍ଜ ୱାର୍ନିଂ

ମୁମ୍ବାଇ, ୧୮।୮



ମୁମ୍ବାଇର କୁର୍ଲାଠାରେ ସୋମବାର ଲଗାଣ ବର୍ଷା ମଧ୍ୟରେ ଯାତ୍ରୀମାନେ ଏକ ପାଣି ଜମି ରହିଥିବା ରାସ୍ତା ଦେଇ ଯାତାୟାତ କରୁଛନ୍ତି।

ଭୀଷଣ ବର୍ଷା ଯୋଗୁ ସୋମବାର ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ଅନେକ ସ୍ଥାନ ବର୍ଷାପାଣିରେ ଜଳମଗ୍ନ ହୋଇଯାଇଥିବା ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ବ୍ରିହନ୍ ମୁମ୍ବାଇ ମ୍ୟୁନିଶପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସୋମବାର ସହରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରିବା ପାଇଁ ଘୋଷଣା କରାଯାଇଥିଲା। ସେହିପରି ଲଗାଣ ବର୍ଷାରେ ମୁମ୍ବାଇରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସହରର ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲାଣ୍ଡିଂ ପୂର୍ବରୁ ୯ ବିମାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହିପରି ଖରାପ ପାଗ ଯୋଗୁ ମୁମ୍ବାଇରେ ଲାଣ୍ଡିଂ ହେବାକୁ ଥିବା ଏକ ଫ୍ଲାଇଟକୁ ଗୁଜରାଟର ସୁରଟରେ ଜରୁରୀ ଅବତରଣ କରାଯାଇଥିଲା। ବର୍ଷାକୁ ଦୃଷ୍ଟିରେ ରଖି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ବିଏମ୍‌ସି ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସହରର ଅନ୍ଧେରୀ, ଲୋଖଣ୍ଡୱାଲା ପରି ତଳିଆ ଅଞ୍ଚଳରେ ପାଣି ଜମା ହୋଇ ରହିଥିଲା, ଯାହା ଗମନାଗମନକୁ ପ୍ରଭାବିତ କରିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ସହରର ବିଭିନ୍ନ ଟ୍ରେନ୍ ବିଳମ୍ବରେ ଚାଲୁଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ସୋମବାର ମାତ୍ର ୬ରୁ ୮ ଘଣ୍ଟାର ସମୟ ମଧ୍ୟରେ ମୁମ୍ବାଇରେ ୧୭୭ ମିଲିମିଟର ବର୍ଷା ହୋଇଥିବା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସୂଚନା ଦେଇଛନ୍ତି। ଲଗାଣ ବର୍ଷାରେ ନାନ୍ଦେଡ଼ ଜିଲାର ମୁଖେଡ ଅଞ୍ଚଳରେ ୫ ଜଣ ନିଖୋଜ ରହିଛନ୍ତି। ସେହିପରି ଜିଲାରେ ଭୀଷଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟାରେ ୨୦୦ ଜଣ ଫସି ରହିଥିବା ନେଇ ସେ ସୂଚନା ଦେଇଛନ୍ତି। ସେମାନଙ୍କୁ ଉଦ୍ଧାରକରିବା ପାଇଁ ଭାରତୀୟ ସେନାର ଏକ ୟୁନିଟ୍‌କୁ ଡକାଯାଇଛି। ସମ୍ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଘଟଣା ସ୍ଥଳରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିବା ଫଡ଼ନବିସ୍ କହିଛନ୍ତି।

ମୁମ୍ବାଇ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ରାଇଗଡ଼ ଜିଲାରେ ମଙ୍ଗଳବାର ପର୍ଯ୍ୟନ୍ତ ଭୀଷଣ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରେଡ୍ ୱାର୍ନିଂ ଜାରି କରିଛି। ସେହିପରି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ମହାରାଷ୍ଟ୍ରର ୧୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

### ଆଲାସ୍କା ସମିଟ୍ ନେଇ ମୋଦିଙ୍କୁ ଅବଗତ କରାଇଲେ ପୁଟିନ୍

ନୂଆଦିଲ୍ଲୀ,୧୮।୮(ପି.ଟି.)

ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ ନେଇ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ କରିଥିବା ଆଲୋଚନା ସମ୍ପର୍କରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଅବଗତ କରାଇଛନ୍ତି। ଗତ ଶୁକ୍ରବାର ଆଲାସ୍କାରେ ଟ୍ରମ୍ପ ଓ ପୁଟିନ୍‌ଙ୍କ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲେ ମଧ୍ୟ ଯୁଦ୍ଧ ବନ୍ଦ ନେଇ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ପୁଟିନ୍‌ଙ୍କ ଫୋନ୍ କଲ୍ ପରେ ମୋଦି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ କ୍ରମାଗତ ଭାବେ ଆହ୍ୱାନ ଦେଇଆସିବା ସହ ଏ ଦିଗରେ ସମସ୍ତ ଉଦ୍ୟମକୁ ସମର୍ଥନ ଜଣାଇଛି। ବନ୍ଧୁ ପୁଟିନ୍ ଫୋନ୍ କରି ଆଲାସ୍କା ଆଲୋଚନା ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ ବୋଲି ମୋଦି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

### ଜନ୍ମାଷ୍ଟମୀ ଉତ୍ସବ ବେଳେ ବିଦ୍ୟୁତ୍ ଆଘାତରେ ୫ ମୃତ

ହାଇଦ୍ରାବାଦ, ୧୮।୮

ହାଇଦ୍ରାବାଦରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଶୋଭାଯାତ୍ରା ବେଳେ ଏକ ରଥ ପରି ସଜ୍ଜିତ ଗାଡ଼ି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଲାଗି ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ରାମଥପୁର ଅଞ୍ଚଳରେ ଜନ୍ମାଷ୍ଟମୀ ଶୋଭାଯାତ୍ରା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ରଥ ଉପରେ ୯ ଜଣ ବ୍ୟକ୍ତି ରହିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାରତ-ଚାଇନା ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଗୁରୁତ୍ୱପୂର୍ଣ୍ଣ

### ୱାଙ୍ଗ୍ ୟି'ଙ୍କୁ କହିଲେ ଜୟଶଙ୍କର

ନୂଆଦିଲ୍ଲୀ,୧୮।୮

ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଜରୁରୀ ବୋଲି ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କୁ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କର



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି।

ସୋମବାର କହିଛନ୍ତି। ୨ ଦେଶ ଏବେ ଏକ କଠିନ ସମୟ ଦେଇ ଗତି କରୁଛନ୍ତି। ତେଣୁ ଏକ ସ୍ପଷ୍ଟ ଏବଂ ସହଯୋଗୀ ଆଭିମୁଖ୍ୟ ନେଇ ଆଗକୁ ବଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୀମା ପ୍ରସଙ୍ଗ ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ, କାରଣ ଆମ ସମ୍ପର୍କର ଯେକୌଣସି ସକାରାତ୍ମକ ଗତିର ଆଧାର ହେଉଛି ସୀମାନ୍ତ ଅଞ୍ଚଳରେ ମିଳିତ ଭାବେ ଶାନ୍ତି ବଜାୟ ରଖିବା। ଉତ୍ତେଜନା ହ୍ରାସ ପଦକ୍ଷେପକୁ ଆଗେଇନେବାରେ ମଧ୍ୟ ଏହା ଜରୁରୀ। ଏଥିପାଇଁ ଉଭୟ ପକ୍ଷ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟ ରଖିବା ସହ ପାରସ୍ପରିକ ସମ୍ମାନ, ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ହେବ। ମତପାର୍ଥକ୍ୟ କଦାପି ବିବାଦ ବା ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ନ ହେଉ ବୋଲି ଜୟଶଙ୍କର କହିଛନ୍ତି।

## ଶୁଭାଂଶୁ ଶୁକ୍ଲାଙ୍କୁ ସମ୍ମାନିତ କଲା ସଂସଦ

### ବିରୋଧୀ ଯୋଗ ଦେଲେନି

ନୂଆଦିଲ୍ଲୀ,୧୮।୮

ବିରୋଧୀ ସଦସ୍ୟମାନଙ୍କ ଅନୁପସ୍ଥିତିମଧ୍ୟରେ ସଂସଦ ସୋମବାର ଭାରତୀୟ ବାୟୁସେନା ପାଇଲଟ୍ ତଥା ଗ୍ରୁପ୍ କ୍ୟାପ୍‌ଟେନ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ସମ୍ମାନିତ କରିଛି। ନିକଟରେ ସେ ଆକ୍ସିଓମ୍-୪ ମିଶନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ସଫଳତାର ସହ ଯାତ୍ରା କରି ଦେଶ ପାଇଁ ଗର୍ବ ଆଣିବା ସହ ଜାତୀୟ ପ୍ରତୀକ ପାଲଟିଛନ୍ତି। ଭାରତୀୟ ମହାକାଶ ଅନ୍ୱେଷଣରେ ଏହା ଏକ ନୂଆ ଅଧ୍ୟାୟ ବୋଲି ପାର୍ଲାମେଣ୍ଟ କହିଛି। ଶୁଭାଂଶୁ ରବିବାର ଆମେରିକାରୁ ନୂଆଦିଲ୍ଲୀ ଫେରିବା ପରେ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ମହାକାଶ ଯାତ୍ରାର ସଫଳତା ଉପରେ ସଂସଦରେ ସୋମବାର ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ବିରୋଧୀ ସଦସ୍ୟମାନେ ସ୍ୱତନ୍ତ୍ର ଆଲୋଚନାକୁ ବର୍ଜନ କରିଥିଲେ। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସ୍ୱାରଣୋତ୍ସବର ନେତୃତ୍ୱ ନେଇ ଶୁକ୍ଲାଙ୍କ ସଫଳତାର ଉଚ୍ଚ ପ୍ରଶଂସା କରିବା ସହ ଭାରତର ମହାକାଶ ଆକାଂକ୍ଷା ପାଇଁ ଏହା ଉଲ୍ଲେଖନୀୟ ଘଟଣା ବୋଲି କହିଥିଲେ। ବିରୋଧୀ ଦଳ ସରକାରଙ୍କ ଉପରେ ରାଗି ପାରନ୍ତି, କିନ୍ତୁ ଜଣେ ଭାରତୀୟ ମହାକାଶଚାରୀ, ଗଗନଯାତ୍ରୀ ଏବଂ ବାୟୁସେନାର ଉତ୍ସର୍ଗୀକୃତ ପାଇଲଟ୍‌ଙ୍କ ବୀରତ୍ୱକୁ ଉପେକ୍ଷା କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବିରୋଧୀ ଆଲୋଚନାରେ ଭାଗ ନେଇ ନ ଥିବାବେଳେ କଂଗ୍ରେସ ଏମ୍‌ପି ଶଶୀ ଥରୁର Xରେ ଏକ ପୋଷ୍ଟ ଜରିଆରେ ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତର ମାନବ ମହାକାଶ ମହତ୍ତ୍ୱାକାଂକ୍ଷାର ସେ ଜଣେ ପ୍ରଭାବଶାଳୀ ପ୍ରତୀକ ଏବଂ ଆଗାମୀ ଗଗନଯାନ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଧାର ଶିଳା ବୋଲି ଥରୁର କହିଛନ୍ତି।

ଶୁଭାଂଶୁ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ସେ ଆକ୍ସିଓମ୍-୪ ମିଶନ ପ୍ୟାଚ୍ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବା ସହ ଆଇଏସ୍‌ଏସ୍‌ରୁ ଉଠାଇଥିବା ପୃଥିବୀର ଫଟୋ ଦେଖାଇଥିଲେ। ସୂଚନାଯୋଗ୍ୟ, ଶୁଭାଂଶୁ ଜୁନ୍ ୨୫ରେ ଫ୍ଲୋରିଡ଼ାରୁ ଆକ୍ସିଓମ୍-୪ ସ୍ପେସ୍ ମିଶନରେ ଆଇଏସ୍‌ଏସ୍‌କୁ ଯାଇ ଜୁଲାଇ ୧୫ରେ ପୃଥିବୀକୁ ଫେରିଥିଲେ। ୧୮ ଦିନର ରହଣି ମଧ୍ୟରେ ସେ ଓ ଅନ୍ୟ ମହାକାଶଚାରୀମାନେ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ।



ଶୁଭାଂଶୁ ଶୁକ୍ଲା ପ୍ରଧାନମନ୍ତ୍ରୀଙ୍କୁ ଆକ୍ସିଓମ୍-୪ ମିଶନ୍‌ର ପ୍ୟାଚ୍ ଉପହାର ଦେଉଛନ୍ତି।

## ଫୁର୍‌ସତ୍

## ସବୁଠୁ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ

ରିଓ ଡି ଜେନିରୋ



ସମ୍ପ୍ରତି ଯୁବପିଢ଼ି ହୁଅନ୍ତୁ କି ବୟସ୍କ, ସେଲ୍‌ଫି ମାନିଆ ସମସ୍ତଙ୍କୁ ଘାରିଛି। ତେବେ ପ୍ରତିବର୍ଷ ଏହି ସେଲ୍‌ଫି କ୍ରେଜ୍ ପାଇଁ ଅନେକ ଶହ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥାଏ। ତଥାପି ସେଲ୍‌ଫି ପ୍ରେମୀମାନେ ନିଜକୁ ସାହସୀ ଏବଂ ଦୁଃସାହସିକ ଦର୍ଶାଇବା ପାଇଁ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ନେଇଥାନ୍ତି, ଯାହା ସେମାନଙ୍କୁ ମୃତ୍ୟୁମୁଖକୁ ଟାଣିଥାଏ। ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଅନେକ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ରହିଥିବାବେଳେ ସେଥିମଧ୍ୟରୁ ବ୍ରାଜିଲର ପେଡ୍ରା ଡା ଗାଭେଆ ଅନ୍ୟତମ।

ପେଡ୍ରା ଡା ଗାଭେଆ ଏକ ବିଶାଳ ପର୍ବତ ହୋଇଥିବା ବେଳେ ଏହା ବ୍ରାଜିଲର ପ୍ରମୁଖ ସହର ରିଓ ଡି ଜେନିରୋରେ ଅବସ୍ଥିତ। ଏହି ପର୍ବତର ଉଚ୍ଚତା ସମୁଦ୍ର ପତ୍ତନଠାରୁ ୮୪୪ ମିଟର (୨,୭୬୯ ଫୁଟ୍) ରହିଛି। ଏହି ପର୍ବତ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ସେହିପରି ପେଡ୍ରା ଡା ଗାଭେଆର ଶିଖରରେ ରିଓ ଡି ଜେନିରୋ ସହରର ଅନେକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ। ତେବେ ଉକ୍ତ ପର୍ବତ ଶିଖରରେ ସେଲ୍‌ଫି ନେବା ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହୋଇଥାଏ।

ପେଡ୍ରା ଡା ଗାଭେଆ ପର୍ବତଟି ସମୁଦ୍ର କୂଳରେ ଅବସ୍ଥିତ। ପର୍ବତର ଯେଉଁ ପାର୍ଶ୍ୱରେ ସମୁଦ୍ର ରହିଛି, ସେହି ପଟେ କୌଣସି ଢାଲ ନାହିଁ। ତେଣୁ ପର୍ବତ ଶିଖରର ଉକ୍ତ ପାର୍ଶ୍ୱରେ ଠିଆ ହୋଇ ସେଲ୍‌ଫି ନେବା ବେଳେ ସାମାନ୍ୟ ଅସାବଧାନତା ଘଟିଲେ ସମୁଦ୍ର ମଧ୍ୟକୁ ପଡ଼ିଯିବାର ସମ୍ଭାବନା ରହିଥାଏ। ପ୍ରତିବର୍ଷ ଏହି ପର୍ବତରେ ଏହିପରି ଅନେକ ଦୁର୍ଘଟଣା ଘଟିଥାଏ, ଯେଉଁଥିରେ ଅନେକ ଡଜନ୍ ଲୋକ ପ୍ରାଣ ହରାଇଥାନ୍ତି। ନିଜର ଅତ୍ୟଧିକ ଉଚ୍ଚତା ଏବଂ ତୀକ୍ଷ୍ଣ ଧାର ଯୋଗୁ ପେଡ୍ରା ଡା ଗାଭେଆକୁ ବିଶ୍ୱର ଅନ୍ୟତମ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ଭାବେ ବିବେଚନା କରାଯାଇଥାଏ। ଏହି ପର୍ବତ ଶିଖରରେ କୌଣସି ସୁରକ୍ଷା ରେଲିଂ କିମ୍ବା ବାଡ଼ ନ ଥିବାରୁ ଏଠାରେ ସେଲ୍‌ଫି ନେବା ଅତ୍ୟନ୍ତ ବିପଜ୍ଜନକ। ପେଡ୍ରା ଡା ଗାଭେଆର ଶିଖରରେ ପହଞ୍ଚିବା ପାଇଁ ୬ରୁ ୮ ଘଣ୍ଟାର କଠିନ ପଦଯାତ୍ରା କରିବାକୁ ପଡ଼ିଥାଏ। ଏହି ଯାତ୍ରା ବେଳେ 'କାରାସ୍କୁଇରା' ନାମକ ଏକ ୩୦ ମିଟର ଉଚ୍ଚ ପଥରରେ ଚଢ଼ିବାକୁ ପଡ଼ିଥାଏ। ଉକ୍ତ ପଥରକୁ ଚଢ଼ିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଏବଂ କଷ୍ଟକର ହୋଇଥାଏ। ଏଥିପାଇଁ ପରିଦର୍ଶକମାନଙ୍କୁ ଦଉଡ଼ିର ବ୍ୟବହାର କରିବାକୁପଡ଼ିଥାଏ। ଏହିପର୍ବତରେ ଚଢ଼ିବା ସମୟରେ ଲୋକମାନେ ସାଧାରଣତଃ ଥକାପଣ ଏବଂ ଅସାବଧାନତାବଶତଃ ନିଜର ସନ୍ତୁଳନ ହରାଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ଏହି ସ୍ଥାନକୁ ଭ୍ରମଣ କରିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ।

## ପୋଲିସ ଭୂମିକାରେ ଅଲି ଫଜଲ୍

ମୁମ୍ବାଇ



କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ମିର୍ଜାପୁର'ରେ ଗୁଡୁ ଭୈୟା ଚରିତ୍ର ନିଭାଇ ଦର୍ଶକଙ୍କର ପ୍ରଶଂସା ସାଉଣ୍ଟିଥିବା ଅଭିନେତା ଅଲି ଫଜଲ୍ ଖୁବ୍‌ଶୀଘ୍ର ୱେବ୍ ସିରିଜ 'ରାଖ୍'ରେ ନଜରକୁ ଆସିବେ। ଏହା ଏକ ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ସିରିଜ୍ ହୋଇଥିବା ବେଳେ ଏଥିରେ ଅଲିଙ୍କ ସମେତ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଓ ଅଭିନେତା ଆମିର ବସିର ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବିଭିନ୍ନ ଅପରାଧ ମାମଲାରେ ନ୍ୟାୟ ପାଇବା ପାଇଁ ଲୋକେ କିପରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାକୁ ନେଇ ଏହି ସିରିଜ୍‌ର କାହାଣୀ ପର୍ଯ୍ୟବସିତ। ବର୍ତ୍ତମାନ ସୁଦ୍ଧା 'ରାଖ୍'ର ରିଲିଜ୍ ତାରିଖ ଉପରୁ ପରଦା ଉଠି ନ ଥିବା ବେଳେ ୨୦୨୬ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଏହି ସିରିଜ୍ ରିଲିଜ୍ ହେବ। ସୋମବାର ପ୍ରାଇମ ଭିଡିଓ ପକ୍ଷରୁ ଏନେଇ ଘୋଷଣା କରାଯିବା ସହ 'ରାଖ୍'ର ପ୍ରଥମ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ ଅଲି ପୋଲିସ ଅଧିକାରୀ ଭାବେ ନଜରକୁ ଆସିଛନ୍ତି। ପ୍ରୋସିତ ରୟଙ୍କ ନିର୍ଦ୍ଦେଶନାରେ 'ରାଖ୍' ସିରିଜ୍‌ର ନିର୍ମାଣ ହେବ। ଆୟୁଷ ତ୍ରିବେଦୀ ଏହି ସିରିଜ୍‌ର ସଂଳାପ ଲେଖିଥିବା ବେଳେ ଅନୁଷା ନନ୍ଦକୁମାର ଓ ସନ୍ଦୀପ ସାକେତ ଏହାର କାହାଣୀ ଲେଖିଛନ୍ତି।




# ନୂଆଦିଲ୍ଲୀ ଗସ୍ତରେ ମନମୋହନ

## ଏପର୍ଯ୍ୟନ୍ତ ଗଠନ ହୋଇନି ନୂଆ କମିଟି, ବୋର୍ଡ ଓ ନିଗମରେ ନିଯୁକ୍ତି ପାଇଁ ନେତାଙ୍କ ଅପେକ୍ଷା

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ଦିଲ୍ଲୀରେ ପହଞ୍ଚିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ଏନେଇ ସେ ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିକାଶ, ସାଙ୍ଗଠନିକ ଦୃଢ଼ୀକରଣ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ତେବେ ନିକଟରେ ଦିଲ୍ଲୀ ଗସ୍ତରେ ଯାଇ ମନମୋହନ ଫେରିଥିଲେ। ଫେରିବା ପରେ ବିମାନବନ୍ଦରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ମନ୍ତ୍ରିମଣ୍ଡଳ ବିଷୟରେ ଚର୍ଚ୍ଚା ହୋଇନାହିଁ। ୨୦ ତାରିଖ ଭିତରେ ନିଗମ ଓ ବୋର୍ଡର ପଦବୀ ପୂରଣ ହେବା ସହିତ ସାଙ୍ଗଠନିକ ପୁନର୍ଗଠନ ହେବ ବୋଲି କହିଥିଲେ। ଏହାପରେ ଓଡ଼ିଶା ଗସ୍ତରେ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଆସି ୨ ଦିନ ରହିଥିଲେ। ଏହି ସମୟରେ ସେ ଦଳ ଭିତରେ ଏକ ବୈଠକ କରି ବିଭିନ୍ନ ପଦପଦବୀ ବଣ୍ଟନ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଚର୍ଚ୍ଚା ହୋଇଥିଲା। ବର୍ତ୍ତମାନ ପୁଣି ମନମୋହନ ଦିଲ୍ଲୀ ଗସ୍ତରେ ଯିବାପରେ ଏହିସବୁ ନିଯୁକ୍ତି ପ୍ରକ୍ରିୟା ଦଳ ପକ୍ଷରୁ ତୁରନ୍ତ ଶେଷ ହୋଇପାରେ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଆସନ୍ତା ମାସ ୯ରେ ଉପରାଷ୍ଟ୍ରପତି ପଦ ଲାଗି ନିର୍ବାଚନ ହେବାର ଅଛି। ତେଣୁ ଏହା ପୂର୍ବରୁ ଓଡ଼ିଶାର ସମସ୍ତ ଭାଜପା ଏମ୍‌ପିଙ୍କ ସହ ମନମୋହନ ବୈଠକ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ମଙ୍ଗଳବାର ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହେବ।

# ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ,୧୮।୮(କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି। କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ସୋମବାର ହେବାକୁ ଥିବା ବେଳେ ତାହା ସ୍ଥଗିତ ହୋଇ ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଅନୁରୂପ ଭାବେ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଉପସଭାପତି ମହାନ୍ତି ଓ ଅନ୍ୟ ୬ ଜଣଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି।

# ଆଜି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ଗତ ସାଧାରଣ ନିର୍ବାଚନ-୨୦୨୪ରେ ଭୋଟ୍ ଗଣତିରେ ଏପଟସେପଟ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାସହ ନିର୍ବାଚନ ଫଳାଫଳ ବାହାରିବା ପରେ ଦଳ ପକ୍ଷରୁ ୧୭ସି ଫର୍ମ ଦେବା ଲାଗି ବିଜେଡି ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପକ୍ଷରୁ ୧୭ସି ଫର୍ମ ପ୍ରଦାନ କରାଯାଇନାହିଁ, ଯେଉଁଥିଲାଗି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବା ଲାଗି ବିଜେଡି ପକ୍ଷରୁ ସମୟ ଲୋଡ଼ାଯାଇଥିଲା। ନିର୍ବାଚନ କମିଶନ ମଙ୍ଗଳବାର ଭେଟିବା ଲାଗି ବିଜେଡି ପ୍ରତିନିଧିମଣ୍ଡଳୀକୁ ସମୟ ଦେଇଥିବା ଜଣାପଡ଼ିଛି। ରାଜ୍ୟରୁ ୫ ଜଣ ବିଜେଡି ନେତା ତଥା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅମର ପଟ୍ଟନାୟକ, ପ୍ରମିଳା ମଲ୍ଲିକ ପ୍ରମୁଖ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେମାନେ ନିର୍ବାଚନ କମିଶନଙ୍କୁ ଭେଟିବା ସହ ୧୭ସି ଫର୍ମ ଦେବା ଲାଗି ଆବେଦନ କରିବେ ବୋଲି ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ

## ୧୨ ଡାକ୍ତର ୨୧ ପର୍ଯ୍ୟନ୍ତ ମାଲକାନଗିରିରେ ଯୋଗାଇବେ ସେବା

ମାଲକାନଗିରି,୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ପୂର୍ବ ସରକାର ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ କରିଥିଲେ। କିନ୍ତୁ ଗତ କିଛି ମାସ ଧରି ଏହି ସେବା ବନ୍ଦ ଥିବା ବେଳେ ପୁନର୍ବାର ଏହା ସୋମବାର ଆରମ୍ଭ ହୋଇଛି। ମାଲକାନଗିରି ଜିଲାରେ ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ପହଞ୍ଚି ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ କରିଛନ୍ତି। ୪ ଦିନ ଧରି ହେବାକୁ ଥିବା ଏହି ବାୟୁ ସ୍ୱାସ୍ଥ୍ୟ ସେବାରେ ପ୍ରଥମ ଦିନରେ ଭୁବନେଶ୍ୱରରୁ ଆସିଥିବା ସହକାରୀ ପ୍ରଫେସର ସର୍ଜରି ଜ୍ୟୋତିର୍ମୟ ନାୟକ, କାର୍ଡିଓଲୋଜି ଆବାନ୍ସ ତାଉଙ୍କ, ନେଫ୍ରୋଲୋଜି ଧୀରଜ କୁମାର ଲେଙ୍କା, ନ୍ୟୁରୋଲୋଜି ସଂଘମିତ୍ର ସାହୁ, ଏଣ୍ଡୋକ୍ରାଇନୋଲୋଜି ସୀତାକାନ୍ତ ପଣ୍ଡା, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ରାକେଶ ମହାନ୍ତି ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ତେବେ ଜିଲାରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ରୋଗୀଙ୍କ ସଂଖ୍ୟା କମ୍ ଥିବା ଜଣାପଡିଛି।

ମଙ୍ଗଳବାର କାର୍ଡିଓଲୋଜି ଡାକ୍ତର ରଞ୍ଜନ କୁମାର ମହାନ୍ତି, ନେଫ୍ରୋଲୋଜି ଅରୁଣା ଆଚାର୍ଯ୍ୟ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କୈବଲ୍ୟ ରଞ୍ଜନ ଦାସ, ନ୍ୟୁରୋଲୋଜି ଔଜଲ୍ୟ କୁମାର ଜେନା, ଏଣ୍ଡୋକ୍ରାଇନୋଲୋଜି ବିଜୟ କୁମାର ସାହୁ ଓ ଆନେସ୍ଥେସିଆ ବିଶେଷଜ୍ଞ ରାଜ କୁମାର ମହାପାତ୍ର ଆସିବା କାର୍ଯ୍ୟକ୍ରମ ରହିଛି। ଏହି ୧୨ ଜଣ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ବହିର୍ବିଭାଗ ଓ ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯେ, ୨୦୨୧ରେ ତତ୍କାଳୀନ ସରକାର ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଆରମ୍ଭ କରଥିଲେ। ଏହା ୨୦୨୩ ଶେଷ ଆଡକୁ ବନ୍ଦ ହୋଇ ଯାଇଥିବା ବେଳେ ବିଗତ ଦିନ ମାନଙ୍କରେ ବିଶେଷଜ୍ଞମାନେ ବିମାନ ଯୋଗେ ଆସି ମାଲକାନଗିରି ଜିଲାର ୫୪୧ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ବର୍ତ୍ତମାନ ସରକାରଙ୍କୁ ଜିଲାବାସୀ ବାରମ୍ବାର ବାୟୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ଦାବିକରି ଆସୁଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଏହି ସେବା ପୁନର୍ବାର ଆରମ୍ଭ ହୋଇଛି।


ଚିକିତ୍ସା ସେବା ଲାଗି ହୋଇଥିବା କ୍ୟାମ୍ପରେ ଡାକ୍ତରଙ୍କୁ ସ୍ୱାଗତ କରାଯାଉଛି।

# ଶୋକାକୁଳ ପରିବେଶରେ ଯବାନ ମନୋଜଙ୍କ ଶେଷକୃତ୍ୟ

ପରଜଙ୍ଗ,୧୮।୮ (ନିଗମାନନ୍ଦ ଦଳବେହେରା)

ଜମ୍ମୁ-କଶ୍ମୀର କିସ୍ତୱାରରେ ଗତ ୧୪ ତାରିଖରେ ବାଦଲ ଫଟା ବର୍ଷା ସହ ଭୂ-ସ୍ଖଳନ ଯୋଗୁ ପ୍ରାଣ ହରାଇଥିବା ସିଆଇଏସ୍ଏଫ୍ ଯବାନ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମାଣିକମରା ଗାଁର ମନୋଜ ବିଶ୍ୱାଳଙ୍କ ଶେଷକୃତ୍ୟ ସୋମବାର ପୈତୃକ ଗାଁରେ ସମ୍ପନ୍ନ ହୋଇଛି। ତାଙ୍କ ପାର୍ଥିବ ଶରୀର ମାଣିକମରା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ସହ ଉପସ୍ଥିତ ଲୋକମାନଙ୍କ ଆଖି ଲୁହରେ ଭରିଯାଇଥିଲା। ବୀର ଯବାନ ମନୋଜ ବିଶ୍ୱାଳ ଅମର ରହେ ସ୍ଲୋଗାନ ଭିତରେ ତାଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା।

ଗାଁର ବୀରପୁଅ ମନୋଜଙ୍କୁ ବିଦାୟ ଦେବା ପାଇଁ ଗାଁ ମଶାଣିକୁ ପ୍ରସ୍ତୁତ କରାଯାଇଥିବା ବେଳେ ଗ୍ରାମବାସୀ ବିରାଟ ଶୋଭାଯାତ୍ରାରେ ମୃତ ଶରୀରକୁ ଗ୍ରାମ ପରିକ୍ରମା କରି ଶ୍ମଶାନକୁ ନେଇଥିଲେ। ସେଠାରେ ସିଆଇଏସ୍ଏଫ୍ ତରଫରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଯବାନ ମନୋଜଙ୍କ ବଡ଼ଝିଅ ମୁଖାଗ୍ନି ଦେଇଥିଲେ। ପରଜଙ୍ଗର ପୂର୍ବତନ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ବିଡିଓ ସୌଭାଗ୍ୟ ବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ପରଜଙ୍ଗ ଥାନା ଏସ୍ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍ଆଇ ଜଳନ୍ଧର ବାରିକ, ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିବା ପୂର୍ବତନ ଏମ୍‌ପି ମହେଶ ସାହୁ ଅଭିଯୋଗ କରିବା ସହ ଏହାକୁ କଡ଼ା ନିନ୍ଦା କରିଥିଲେ। ଗ୍ରାମବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରି ବିଡିଓଙ୍କ ନିକଟରେ କ୍ଷୋଭ ପ୍ରକଟ କରିଥିଲେ। ସୂଚନାଯୋଗ୍ୟ, ଯବାନ ମନୋଜ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସିଆଇଏସ୍ଏଫ୍‌ରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ୨ଟି ଝିଅ ଓ ସ୍ତ୍ରୀ ରହିଛନ୍ତି। ତାଙ୍କ ଭାଇ ମଧ୍ୟ ସିଆଇଏସ୍ଏଫ୍‌ରେ କାର୍ଯ୍ୟରତ ଅଛନ୍ତି।


ଯବାନ ମନୋଜ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ୨ ଝିଅ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱଫଟୋଗ୍ରାଫି ଦିବସ ଉପଲକ୍ଷେ ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସଂସ୍କୃତି ବିହାର, ସମୟ: ଅପରାହ୍ନ ୩ ଟା।
- ଆଧ୍ୟାତ୍ମିକ କବିତା ପୁସ୍ତକ ପ୍ରୀତିମଗ୍ନା ଲୋକାର୍ପିତ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ୟୁରୋ କିଡ୍‌ନୀ କେୟାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଜପତି ନଗର, ପ୍ଲଟ୍ ନମ୍ବର ୭୭୯୮, ସୈନିକ ସ୍କୁଲ୍ ସାମ୍ନା, ସମୟ: ଅପରାହ୍ନ ୪ଟା।
- ସାରସ୍ୱତ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସୂଚନା ଅଧିକାର ଆଇନ ସଂଘ ବାଲିଆପାଳ ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସର, ବାଲିଆପାଳ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଏଡିଏମ୍ ସ୍କୋୟାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଣଧାରଣା, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ରାଜ୍ୟପାଳଙ୍କ ସହ ଜିଲାସ୍ତରୀୟ ଅଧିକାରୀଙ୍କ ଆଲୋଚନା, ସ୍ଥାନ: ସର୍କିଟ ହାଉସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟପାଳଙ୍କ ଗ୍ରାମାଞ୍ଚଳ ପାର୍କ ପରିଦର୍ଶନ ଓ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା, ସ୍ଥାନ: ବଡ଼ବର୍ଦ୍ଧିକୟାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ ଟା ୦୫।
- ସ୍ୱଚ୍ଛସାଥୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ହରିପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ରାଜ୍ୟପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ, ସ୍ଥାନ: ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ସମୟ: ଅପରାହ୍ନ ୫ଟା ୦୫।

## କେନ୍ଦୁଝର
- ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତି ସାଂସଦ ୪ର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଶ୍ୱ ଫଟୋଗ୍ରାଫି ଦିବସ, ସ୍ଥାନ: ଗ୍ରୀନ କୋର୍ଟିୟାର୍ଡ, ହରିଡାଖଣ୍ଡି ଛକ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଖରିଫ ଫସଲ ସର୍ଭେ ଉପରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ୧୧.୩୦।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ବୈଠକ, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ଅପରାହ୍ନ ୩ଟା।
- ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ୱାର୍ଡ ନଂ. ୨, ସମୟ : ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଜାତୀୟ ଗୁଣାବତ୍ତା ନିଶ୍ଚିତତା ମାନଦଣ୍ଡ ଓ ସାଧାରଣ ନିର୍ମାଣ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧକଟା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ନଗର କୀର୍ତ୍ତନ, କଳସ ବିସର୍ଜନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୮ଟା।
- କାଳୀୟ ଦଳନ ଏକାଦଶୀ ଓ ଲବଣି ଖିଆ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ସମୟ: ପୂର୍ବାହ୍ନ ୧୧ଟା।
- ଫଟୋଗ୍ରାଫି ଦିବସ ପାଳନ, ସ୍ଥାନ: ଶରଣକୁଳ ଝାଡେଶ୍ୱରୀ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ଜାତୀୟ ସ୍ତରୀୟ ଭଲିବଲ, ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ଏକଲବ୍ୟ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର
- ହର୍ଷ ଟ୍ରଷ୍ଟ ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ପ୍ରଣାଳୀ ଘନତା ନେଇ ତାଲିମ୍, ସ୍ଥାନ: ଝରିଗାଁ ବ୍ଲକ ଚାରକୁଟିଆ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ପଦବୀ ପାଇଁ ସାକ୍ଷାତକାର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରୋଗୀ କଲ୍ୟାଣ ସମିତି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଖରିଫ ଚାଷ ନେଇ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ସ୍ମୃତି ସମାରୋହ, ସ୍ଥାନ:ୟୁନିଅନ ବ୍ୟାଙ୍କ ନିକଟ ଯୋଗ ଗୃହ,ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟରେ ଫୋରସି ବନାମ ସ୍ପୋର୍ଟିଂ ୟୁନିୟନ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ସହ ଜିଲା କୃଷକ ସୁରକ୍ଷା ସଙ୍ଗଠନର ଆଲୋଚନା, ସ୍ଥାନ : ଜିଲାପାଳ ଅଫିସ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା ଜାରି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ମନସାଦେବୀ ପୂଜା ଶୁଭାରମ୍ଭ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬ ଲୁଆକେରା ବସ୍ତି, ସମୟ: ସକାଳ ୭ଟା।
- ଅଭିଭାବକ ବୈଠକ, ସ୍ଥାନ: ଝିରପାନି ଥାନା ପଛପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ବୁଥ୍‌ସ୍ତରୀୟ ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସଦେବ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ସାହିତ୍ୟ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼
- ସୁନ୍ଦରଗଡ ଖ୍ରୀଷ୍ଟିୟାନ କାଉନସିଲ ପକ୍ଷରୁ ରାଲି, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ, ସମୟ ପୂର୍ବାହ୍ନ : ୧୦ଟା।

## ବରଗଡ଼
- ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ଚକ୍ର, ସ୍ଥାନ:ଚକୁଲି ପଞ୍ଚାୟତ କୃଷକ ସଂଘ ସଭା କକ୍ଷ, ସରଣ୍ଡା,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପିଡିବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣା ସବ୍‌ଡିଭିଜନ ଅଫିସ-୨, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଯୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ସୋନପୁର କଲେଜ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୯ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଘେରାଉ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଧରମବନ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ସକାଳ ୮ଟା।
- ୧୭ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ପିଏମ୍-ଜନମନ ଯୋଜନାର ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଭରୁଆମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: ଗୌରଡ଼ିହି, ସମୟ:ସକାଳ ୯ଟା।
- ଖୋ ଖୋ ପ୍ରତିଯୋଗିତା, ସ୍ଥାନ: କିର୍ମିରାସ୍ଥିତ ଏକଲବ୍ୟ ମଡେଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହେଲେ ନବୀନ

## ଯେଉଁମାନେ ଦେଖାହେବାକୁ ଚାହୁଁଛନ୍ତି ନବୀନ ନିବାସ ଆସନ୍ତୁ ବୋଲି କହିଲେ ନବୀନ

ଭୁବନେଶ୍ୱର,୧୮।୮(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଡିହାଇଡ୍ରେସନ୍ ସମସ୍ୟା ଯୋଗୁ ରବିବାର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଆଡ୍‌ମିଟ୍ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାପଡ଼ିଛି। ଜଣେ ବରିଷ୍ଠ ବିଜେଡି ନେତାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ନବୀନ ବର୍ତ୍ତମାନ ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହୋଇଛନ୍ତି। ହସ୍ପିଟାଲରୁ ନବୀନ ଏକ ଭିଡିଓ ଜାରି କରି କହିଛନ୍ତି, ଡାକ୍ତରମାନଙ୍କ ଚିକିତ୍ସା ଏବଂ ସେବା ଯୋଗୁ ସେ ଏବେ ଭଲ ଅଛନ୍ତି। ଯେଉଁମାନେ ତାଙ୍କୁ ଦେଖିବାକୁ ଚାହୁଁଛନ୍ତି ସେମାନେ ନବୀନ ନିବାସ ଆସିପାରିବେ ବୋଲି ସେ କହିଛନ୍ତି। ଏଭଳି ସ୍ୱାସ୍ଥ୍ୟାବସ୍ଥା ଭିତରେ ଭିଡିଓ ବାର୍ତ୍ତା ଜାରି କରିବା ଲାଗି କାହିଁକି ତାଙ୍କୁ ଆବଶ୍ୟକ ପଡ଼ିଲା ବୋଲି ଅନେକ ନେତା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ନବୀନବାବୁ ସୁସ୍ଥ ଅଛନ୍ତି, ସେ ସକାଳ ଜଳଖିଆ କରିଛନ୍ତି। କିଛିଦିନ ଭିତରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଯିବେ ବୋଲି ଦେବୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେବେ ପୂରିଥାଏ ଡୋଲି,**
**ସୁସାର ବଚନ ବୋଲି।**

ଡୋଲିର ଅର୍ଥ ପେଟ। ପେଟ ପୂରିଥିଲେ ପାଟିରୁ ମଧୁର କଥା ବାହାରେ। ପେଟ ଶାନ୍ତି ତ ମନ ଶାନ୍ତି। ପରନ୍ତୁ ପେଟ ପୂରି ନ ଥିଲେ, ଭୋକରେ ପେଟ ଜଳୁଥିଲେ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥାଏ। ମନରେ ଅହେତୁକ କ୍ରୋଧ ଭାବନା ଆସିଯାଇଥାଏ। ପାଟିରୁ ଯାହା ଇଚ୍ଛା ତାହା ବାହାରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ରତନି, ପାଟ ପତନି,**
**ବରଗଛ ମୂଳେ ଘର;**
**ବାପ ଜାଣି ନାହିଁ, ମା' ଜାଣି ନାହିଁ,**
**ନେଇଗଲା ବୁଢ଼ା ବର।**

ପ୍ରେମ ଅନ୍ଧ। ବେଳେବେଳେ ପ୍ରେମରେ ପଡ଼ିଲେ ମଣିଷ ନିଜ ହିତାହିତ ଜ୍ଞାନ ହରାଇ ବସିବା ସହ ରଙ୍ଗିନ ସ୍ୱପ୍ନରେ ଭାସି ଯାଇ ଆଗତ ଭବିଷ୍ୟତ କଥା ପାସୋରି ଦେଇଥାଏ। ମାତାପିତାଙ୍କ ଅଗୋଚରରେ ଯୁବତୀ ଝିଅଟି ପର ପୁରୁଷ ସହ ଗୋପନରେ ଘରୁ ପଳାଇଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିଯୁକ୍ତ ହେବେ ୧୮୪୦ ଡାକ୍ତର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ରାଜ୍ୟରେ ଖାଲିପଡ଼ିଥିବା ବିଭିନ୍ନ ଡାକ୍ତର ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକର ଆଲୋଚନାରୁ ଜଣାପଡ଼ିଛି, ଖୁବ୍‌ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ। ୫ ହଜାରରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ୍ ମଧ୍ୟ ନିଯୁକ୍ତ ହେବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମେଡିକାଲ କଲେଜରେ ଖାଲିପଡ଼ିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ମେଡିକାଲ କଲେଜରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା ଛଡ଼ା ଅନ୍ୟାନ୍ୟ ଆବଶ୍ୟକ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫ୍‌ଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥିନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ ଡାକ୍ତରମାନେ ଯିବା ପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନଗୁଡ଼ିକରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି, ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସେପ୍ଟେମ୍ବରରୁ ଓଡ଼ିଶାରେ...

ନ କମିବ, ତାକୁ କମିଶନ ଗୁରୁତ୍ୱ ଦେଉଛନ୍ତି ବୋଲି ସିଇଓ ଗୋପାଳନ କହିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ସିଇଓଙ୍କ କାର୍ଯ୍ୟାଳୟରେ ଏସ୍‌ଆଇଆର୍ ଓ ନିର୍ବାଚନ ପ୍ରକ୍ରିୟା ସୁଦୃଢ଼ୀକରଣ ନେଇ ସିଇଓ ଗୋପାଳନ କହିଛନ୍ତି, ଶେଷଥର ପାଇଁ ୨୦୦୨ରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା। ଓଡ଼ିଶାର ୭ହଜାର ଏପିକ୍ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏଥିରୁ କେବଳ ୫ହଜାର ଏପିକ୍ ନମ୍ବର ବାଙ୍ଗୀରେ ରହିଥିଲା, ଯେଉଁମାନଙ୍କର ନାଁ ଗୁଜରାଟ ଭୋଟର ତାଲିକାରେ ରହିଛି ବୋଲି ଜଣାପଡ଼ିବା ପରେ ସେଗୁଡ଼ିକୁ ବାଦ୍ ଦିଆଯାଇଛି। ବାକି ୨ହଜାର ଏପିକ୍ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ୍ ନମ୍ବର କେବଳ ଭୋଟ ପରିଚୟ ପତ୍ର ପାଇଁ ଦିଆଯାଇଥିଲା। ଏହି ଏପିକ୍ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ୍ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ।

ଗୋପାଳନ କହିଛନ୍ତି, ବିରୋଧୀ ଦଳ ପକ୍ଷରୁ ଭୋଟ୍ ଚୋରି ନେଇ ଅଣାଯାଇଥିବା ବିଭିନ୍ନ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ରାଜ୍ୟରେ ବିଜେଡି ଏବଂ ଅନ୍ୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ସମ୍ପୂର୍ଣ୍ଣ ଉତ୍ତର ରଖାଯାଇଛି। ଏହାବାଦ୍ ବିଜେଡି ପକ୍ଷରୁ ଯେଉଁ ଅଭିଯୋଗ ରହିଛି, ତାହା ଇସିଆଇ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମାଠାରୁ ବାହାରେ ରହିଛି। ଯଦି କୌଣସି ଦଳ ଚାହିଁବେ ତେବେ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କଠାରୁ ନିର୍ଦ୍ଦେଶ ଆଣିଲେ ତାହାକୁ ଆୟୋଗ ଗୁରୁତ୍ୱର ସହ ଅନୁଧ୍ୟାନ କରିବ। ସେ ଆହୁରି କହିଛନ୍ତି, ଜଣେ ଭୋଟର ବିଧାନସଭାରେ ଭୋଟ ଦେଇ ଲୋକ ସଭାରେ ଦେଇ ନ ପାରନ୍ତି। ନଚେତ୍ କେଉଁଠି ନ ଦେଇ ଚାଲି ଯାଇପାରନ୍ତି। ସେଭଳି କ୍ଷେତ୍ରରେ ଭୋଟ୍‌ର ଅସାମଞ୍ଜସ୍ୟ କିମ୍ବା ପାର୍ଥକ୍ୟ ରହିବ; ଯେଉଁଥିପାଇଁ ଲୋକ ସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ଭୋଟ ଗ୍ରହଣ ସରିବା ପରେ ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାରରେ ଥିବା ତଫାତ୍‌କୁ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି, ଏକ ସମୟରେ ସବୁ ବୁଥ୍‌ରୁ ମତଦାନ ସଂଖ୍ୟା ଆସି ନ ଥାଏ। ତେଣୁ ହାରରେ ପାର୍ଥକ୍ୟ ରହିବା ସ୍ୱାଭାବିକ ପ୍ରକ୍ରିୟା। ପୂର୍ବରୁ ଏସବୁ ଫୋନ ମାଧ୍ୟମରେ ରିଟର୍ନିଂ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇ ଅବଗତ କରାଯାଇଥାଏ। ଭୋଟ ଗ୍ରହଣ ପରଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ଠିକ୍ ଭୋଟ ହାର। ତେବେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏବେ ଇସିଆଇ-ନେଟ୍ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି, ଯାହା ମାଧ୍ୟମରେ ଏକାଥରକେ ସବୁ ବୁଥର ତଥ୍ୟ ଏକସଙ୍ଗରେ ଜାଣିହେବ। ଏହି ଅବସରରେ ସିଇଓ ଗୋପାଳନ 'ଫର୍ମ ୧୭-ସି'କୁ ନେଇ କହିଛନ୍ତି, ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଦିଆଯାଇଥାଏ। ଯେଉଁ ରାଜନୈତିକ ଦଳ ଏନେଇ ଅଭିଯୋଗ ଆଣୁଛନ୍ତି, ସେମାନେ ପ୍ରଥମେ ତାଙ୍କ ଏଜେଣ୍ଟଙ୍କୁ ଏକଥା ପଚାରନ୍ତୁ। ସେମାନେ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଥିଲେ କି ନାହିଁ ? ତାହା ହେଲେ ସେମାନେ ବୁଝିପାରିବେ, ତାଙ୍କ ପ୍ରତିନିଧି ବାସ୍ତବରେ ସତ କହୁଛନ୍ତି କି ନାହିଁ।

## ବାଦ୍ ପଡ଼ିଲେଣି...

ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ସେ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟା ଲାଗି କେବଳ ବ୍ଲକସ୍ତରରେ ୪୫ହଜାର ଅଧିକାରୀ ସାମିଲ ହେବେ। ଏହାବାଦ୍ ଜିଲା ଓ ରାଜ୍ୟସ୍ତରରେ ଅଧିକାରୀ ରହିଛନ୍ତି।

ତେବେ ଦେଶରେ ନିର୍ବାଚନ ସଂସ୍କାର ଆଣିବାପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧୦୦ ଦିନରେ ୨୧ଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଭୋଟର ବ୍ୟବସ୍ଥାକୁ କିଭଳି ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରାଯାଇ ପାରିବ ସେନେଇ ଉଦ୍ୟମ କରାଯାଉଛି। ଏହି ବୈଠକରେ ସିଇଓ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଗଣବଳାତ୍କାର...

କରିବାକୁ ପୋଲିସ ପ୍ରୟାସ କରିବ ବୋଲି କହିଛନ୍ତି ଏସ୍‌ପି ଭାମୁ। ସୋମବାର ଗିରଫ ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରାପଡିଥିବା ୨ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଥିବା ଏସ୍‌ପି ଭାମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସିଇସିଙ୍କ ବିରୋଧରେ...

ସହ ଅଭିଯୋଗ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ରାହୁଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ଓ ଅବୈଧ ଧରାଯିବ ବୋଲି ସିଇସି କହିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ କହିଛି, ଭୋଟର ତାଲିକା ସମ୍ପୂର୍ଣ୍ଣ ସ୍ୱଚ୍ଛ ବୋଲି ସିଇସି ପ୍ରଥମେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରନ୍ତୁ। ତା'ପରେ ତାଲିକାରେ ଅନିୟମିତତା ରହିଥିବା ନେଇ ଆମେ ସତ୍ୟପାଠ ଦେବୁ ବୋଲି କଂଗ୍ରେସ ବିହାରର ଗୟାଠାରେ ଭୋଟର ଅଧିକାର ଯାତ୍ରା ଅବସରରେ କଂଗ୍ରେସ ନେତା କହ୍ନେୟା କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରବିବାର କଂଗ୍ରେସ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିବା ଦିନ ସିଇସି ଖବରଦାତା ସମ୍ମିଳନୀ କରିଥିଲେ। ଅନୁରାଗ ଠାକୁର, ସମ୍ବିତ୍ ପାତ୍ର ଓ ଅନ୍ୟମାନେ ଭାଜପାର ମୁଖପାତ୍ର ଭାବେ ଦଳ ପକ୍ଷରୁ ମନ୍ତବ୍ୟ ଦେଉଥିବା ଆମେ ଜାଣିଥିଲୁ। କିନ୍ତୁ ସିଇସି ଶେଷରେ ସେହି ଭୂମିକା ନେଉଥିବା ଆମେ ଦେଖିଲୁ ବୋଲି କଂଗ୍ରେସର ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି। ସିଇସି ଭାଜପା ମୁଖପାତ୍ର ଭଳି କାର୍ଯ୍ୟ କରୁଥିବା ସୋମବାର ବିରୋଧୀ ଅଭିଯୋଗ କରିଛନ୍ତି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଭୋଟର ତାଲିକା ଅନିୟମିତତା ସମ୍ପର୍କିତ ପ୍ରଶ୍ନ ଉପରେ ନିର୍ବାଚନ କମିଶନ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। କଂଗ୍ରେସ, ଟିଏମ୍‌ସି, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଆରଜେଡି ସମେତ ୮ ପ୍ରମୁଖ ବିରୋଧୀ ଦଳର ପ୍ରତିନିଧିଙ୍କ ବୈଠକ ପରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ସେମାନେ ସିଇସିଙ୍କ ଉପରେ ବର୍ଷିଛନ୍ତି। ବିରୋଧୀଙ୍କ ପ୍ରଶ୍ନର ଉତ୍ତର ନ ଦେଇ ସିଇସି ସେମାନଙ୍କୁ ସମାଲୋଚନା କରୁଥିବା ଅଭିଯୋଗ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି କର୍ମଭାବରୁ ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ନିଜର ଲୋକମାନଙ୍କୁ ବୃଥା ସନ୍ଦେହକରି ନିଜେ ହିଁ କ୍ଷତିରେ ପଡ଼ିବେ। କ୍ରୀଡ଼ା, ଚଳଚ୍ଚିତ୍ର, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସୂଚନା ରହିଛି।

**ବୃଷ**: ଶାରୀରିକ ଦୁର୍ବଳତା ହେତୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କେତୁଯୁକ୍ତ ରବିଙ୍କ ଯୋଗୁ ପାରସ୍ପରିକ ବୁଝାମଣାର ଅଭାବ ପରିଲକ୍ଷିତ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ**: ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକଲେ କେତେକାଂଶରେ ଉପକୃତ ହେବେ। ପାପଗ୍ରହଯୁକ୍ତ ତୃତୀୟାଧିପ ଯୋଗୁ ପ୍ରିୟଜନଙ୍କ ସହଯୋଗ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିଯାଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କର୍କଟ**: ଆଲୋଚନା ପରିସରରେ ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ପରିବାରରେ ସମାଲୋଚିତ ହୋଇପାରନ୍ତି। ଚନ୍ଦ୍ର ଓ ଶୁକ୍ର ଦ୍ୱାଦଶସ୍ଥ ଯୋଗୁ ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ବନ୍ଧୁଙ୍କ ସହଯୋଗ ହେତୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ**: ଲାଭଭାବରେ ଶୁଭଗ୍ରହ ରହିଥିବାରୁ ଆଶାପୂରଣ ଦିଗରେ ବନ୍ଧୁଙ୍କ ସହ ପରାମର୍ଶ ହିତକର ହେବ। ପରିସ୍ଥିତିରେ ପଡ଼ି ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖପ୍ରକାଶ କରିପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା**: ତୃତୀୟ ଅଷ୍ଟମାଧିପ ମଙ୍ଗଳଙ୍କ କୁପ୍ରଭାବରେ କୃତକାର୍ଯ୍ୟ ହେବା କଷ୍ଟକର ହୋଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍ସିପ୍ରତୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭ ଖବର ଶୁଣି ଖୁସି ହେବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**ତୁଳା**: ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ କର୍ମକ୍ଷେତ୍ର ଓ ପରିବାରର ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ଆଦର ଅଭ୍ୟର୍ଥନା ସହ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି। ପ୍ରିୟଜନଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସମ୍ଭାବନା ରହିଛି।

**ବିଛା**: କେତୁଙ୍କ ସହ ରବିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ମାନସିକ ଗ୍ଲାନି ଅନୁଭବ କରିପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟପୂରଣ ହେବ ଓ ଅଭିଳଷିତ ଜିନିଷ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାର୍ଯ୍ୟ ସମ୍ପନ୍ନକରି ଖୁସି ମନାଇ ପାରନ୍ତି।

**ଧନୁ**: ଆଜି ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସରକାରୀ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ଶନିଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ଠିକ୍ ଭୁଲ୍‌ର ବିଚାର ନ କରି କାମକଲେ ପ୍ରତାରିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**: ତୃତୀୟାଧିପଙ୍କ ଦୃଷ୍ଟି ହେତୁ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଫଳରେ କାମ କରିବାର ସ୍ପୃହା ଜାଗ୍ରତ ହେବ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**: ନୀଚାଭିମୁଖୀ ଶନିଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ଆଶଙ୍କା ରହିଛି। ବିବାଦୀୟ ସ୍ଥିତିର ବିଳୟ ଘଟି ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ଖୁସି ରହିବେ। ପ୍ରିୟ କଥା କହି ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହୋଇପାରନ୍ତି।

**ମୀନ**: ଯେତେ ଭଲ କାମ କରନ୍ତୁନା କାହିଁକି ପରିବାରରେ ସମାଲୋଚିତ ହେବେ। ରବି ଓ ରାହୁଙ୍କ ପ୍ରଭାବରୁ ରାଜନୀତିରେ ଲକ୍ଷ୍ୟ ହାସଲ କରିବେ ଓ ସାମାଜିକ ପ୍ରତିଷ୍ଠା ବଢ଼ିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ଋଣ ପରିଶୋଧ ପାଇଁ ବ୍ୟାକୁଳତା ପ୍ରକାଶ କରିପାରନ୍ତି। ସନ୍ତାନଙ୍କ ନିମ୍ନମାନର ଶିକ୍ଷା ଓ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।

ଆଜି ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ଭାଦ୍ରବ କୃଷ୍ଣପକ୍ଷର ଅଜା/କାଳୀୟଦଳନ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୯ ଗତେ, ଘ.୦୪।୩୪ ମଧ୍ୟେ ରାହୁକାଳ।

# ଓଡ଼ିଆରେ ଇଗ୍ନୁ ଡିଇସିଇ ପାଠ୍ୟକ୍ରମ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ ଡିଇସିଇ ପାଠ୍ୟକ୍ରମର ୨ ଓଡ଼ିଆ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

## ପ୍ରକାଶିତ ୨ ପୁସ୍ତକ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ(ଡିଇସିଇ) ଇଂଲିଶ, ହିନ୍ଦୀ ଓ ତାମିଲ ଭାଷାରେ ଦିଆଯାଉଥିବା ବେଳେ ଏବେ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। ଏଥିପାଇଁ ପାଠ୍ୟକ୍ରମର ପୁସ୍ତକଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି। ସୋମବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୁଇ ପୁସ୍ତକ 'ବିକାଶ ଏବଂ ପ୍ରାରମ୍ଭିକ ଶିଶୁ ଜୀବନରେ ଶିଖିବା' ଓ 'ଶିଶୁ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର'କୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଲେ, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବାଲ୍ ବାଟିକା ଏବଂ ଅଙ୍ଗନୱାଡିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜୀକୃତ କରି ଉପକୃତ ହୋଇପାରିବେ। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ଦ୍ୱାରା ସମସ୍ତେ ଅତି ସହଜ ଓ ସରଳ ପଦ୍ଧତିରେ ପଢ଼ିପାରିବେ। ଉକ୍ତ ପାଠ୍ୟକ୍ରମଟି ଶିଶୁ ଶିକ୍ଷା ଓ ପୋଷଣ ଦିଗରେ ରୁଚି ରଖୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସହାୟକ ହେବ ବୋଲି ସେ କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଆମର ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହି ଓଡ଼ିଆ ପାଠ୍ୟକ୍ରମ ଦ୍ୱାରା ସମସ୍ତ କର୍ମୀ ଓ ପ୍ରଶିକ୍ଷକମାନେ ସରଳ, ସୁଗମ ଓ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପ୍ରାରମ୍ଭିକ ଶିକ୍ଷାଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତିକୁ ମାତୃଭାଷାରେ ପ୍ରଚଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି। ମାତୃଭାଷାରେ ଶିକ୍ଷା ଲାଭ ଦ୍ୱାରା ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଇଗ୍ନୁର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଗତ ଜୁନ ୯ରେ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ତେବେ ଓଡ଼ିଆରେ ପ୍ରଥମଥର ପାଇଁ ପ୍ରଚଳନ ହୋଇଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ ହେଉଛି ୧ ବର୍ଷିଆ କୋର୍ସ। ବିଦ୍ୟାର୍ଥୀମାନେ ଯୁକ୍ତ୨ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏଥିରେ ମୁଖ୍ୟତଃ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଉପରେ ଶିକ୍ଷା ପ୍ରଦାନ କରାଯିବ। ପାଠ୍ୟ ପୁସ୍ତକ ସହ ଶିକ୍ଷାର୍ଥୀଙ୍କୁ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ଟ୍ୟୁଟୋରିଆଲ ପ୍ରଦାନ କରାଯିବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ବିଷୟବସ୍ତୁକୁ ଉକ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

# ବର୍ଷା ପାଇଁ ୩ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର,୧୮।୮
(ଅନୁରାଧା ମହାରଣା)

ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। କୋରାପୁଟରେ ସର୍ବାଧିକ ୬୪.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୪୯.୬ ମିମି, ନବରଙ୍ଗପୁରରେ ୩୩.୨ ମିମି, ଢେଙ୍କାନାଳରେ ୨୬.୪ ମିମି, ମାଲକାନଗିରିରେ ୨୧.୨ ମିମି, ଭବାନୀପାଟଣାରେ ୧୦.୨ ମିମି ଏବଂ ତାଳଚେରରେ ୧୦.୦ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଅବପାତ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେଣୁ ରାଜ୍ୟର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏହି ୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିଭଳି କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ପ୍ରବଳ ବର୍ଷା ନେଇ ଗଞ୍ଜାମ, ନୟାଗଡ଼, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ପୁରୀ, ଖୋର୍ଦ୍ଧା ଓ କଟକ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁରକୁ ୟେଲୋ ୱାର୍ନିଂ ରହିଛି।

# ଆଜି ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହେବ

ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ପୋଲିସ ଡିଜି, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧିମାନେ ଯୋଗଦେବେ। ଚଳିତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟିବିଚ୍ୟୁତି ଓ ବିଭ୍ରାଟ ସମ୍ପର୍କରେ ଉକ୍ତ ବୈଠକରେ ସମୀକ୍ଷା କରାଯିବ। ଆଗାମୀ ରଥଯାତ୍ରାରେ ଯେଭଳି ଏହାର ପୁନରାବୃତ୍ତି ନ ଘଟେ, ସେନେଇ ବୈଠକରେ ଆଲୋଚନା କରାଯିବ। ସେହିପରି ଆଗାମୀ ଦିନରେ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବା ନେଇ ନକ୍ସା ପ୍ରସ୍ତୁତ ହେବ। ବିଭିନ୍ନ ମତାମତ ଆଧାରରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ।

ସମୀକ୍ଷା ବୈଠକ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରା ସମ୍ପର୍କିତ ସମସ୍ତ ନୀତି, ପର୍ବପର୍ବାଣି, ଯାନିଯାତ୍ରାକୁ ଯେପରି ଶୃଙ୍ଖଳିତ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯିବ। ଦୈନନ୍ଦିନ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଆଗାମୀ ଏକସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ ସୂଚନା ଦେଇଥିଲେ। ତେଣୁ ପରିଚାଳନା କମିଟି ଗଠନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇପାରେ ବୋଲି ଆଶା କରାଯାଉଛି।

# ୪ ସପ୍ତାହ ମଧ୍ୟରେ ଶାରୀରିକ ପରୀକ୍ଷା କର: ହାଇକୋର୍ଟ

କଟକ,୧୮।୮(କାର୍ତ୍ତିକ ସାହୁ)

## ଏସ୍‌ସିଏଫ୍, ଫରେଷ୍ଟ ରେଞ୍ଜର ନିଯୁକ୍ତି ମାମଲାର ରାୟ ପ୍ରକାଶ

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଉଚ୍ଚ ରକ୍ତଚାପ ଦର୍ଶାଇ ୯ଜଣଙ୍କୁ ଅଯୋଗ୍ୟ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରୁ ବଞ୍ଚିତ ହୋଇପାରିବେ ନାହିଁ। ତେଣୁ ଅଯୋଗ୍ୟ ଘୋଷିତ ହୋଇଥିବା ୯ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ଆସନ୍ତା ୪ ସପ୍ତାହ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଏସ୍‌ସିଏଫ) (ଗ୍ରୁପ୍-ଏ) ଏବଂ ଫରେଷ୍ଟର ରେଞ୍ଜର (ଗ୍ରୁପ୍-ବି) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୫୩୩ଜଣ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ୨୦୨୫ ଜୁଲାଇ ୧୫ରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଉଚ୍ଚରକ୍ତଚାପ ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ସାଧାରଣ ମରକ୍ୟୁରି ମିଟରରେ ରକ୍ତଚାପ ମାପ କରିବା ବଦଳରେ ଡିଜିଟାଲ ମିଟରରେ ମାପ କରାଯାଇଥିଲା। ଓପିଏସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ହାଇକୋର୍ଟରେ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ଏଥିରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଜୁଲାଇ ୨୪ରେ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

# ସୂଚନା ଅଧିକାରୀଙ୍କୁ ୨୫ହଜାର ଜରିମାନା

ଭୁବନେଶ୍ୱର,୧୮।୮
(ରବିନାରାୟଣ ଜେନା)

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ


ସୂଚନା ପ୍ରଦାନରେ ପ୍ରତିବନ୍ଧକ ପାଇଁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ସୋମବାର ପୁରୀ ଜିଲା ଗୋପ ବ୍ଲକ ତାରାକୋରେ ପଞ୍ଚାୟତର ପୂର୍ବତନ ସୂଚନା ଅଧିକାରୀ ଦେବରଞ୍ଜନ ନାୟକଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ ସମ୍ପୃକ୍ତ ମାମଲା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜରିମାନା ଅର୍ଥ ଏକ ମାସ ମଧ୍ୟରେ ଦାଖଲ ନ ହେବ, ତେବେ ନାୟକଙ୍କ ଦରମାରୁ କାଟିବା ପାଇଁ ସୂଚନା ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ତାରାକୋରେ ଗ୍ରାମପଞ୍ଚାୟତ କାହ୍ନପୁର ନିବାସୀ ବିଷ୍ଣୁଚରଣ ବେହେରା ୨୦୨୨ ଜୁନ୍ ୨୭ରେ ଗୋପ ବିଡିଓଙ୍କ କାର୍ଯ୍ୟାଳୟରୁ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' କାର୍ଯ୍ୟ ସମ୍ପର୍କିତ କେତେକ ତଥ୍ୟ ଜାଣିବାକୁ ଚାହିଁଥିଲେ। ହେଲେ ତତ୍କାଳୀନ ସୂଚନା ଅଧିକାରୀ ଦେବରଞ୍ଜନ ସମ୍ପୃକ୍ତ ଫାଇଲ ଦେଇ ନ ଥିଲେ। ଏନେଇ ବର୍ତ୍ତମାନର ସୂଚନା ଅଧିକାରୀ ଚଳିତମାସ ୧୩ରେ ଶୁଣାଣି ବେଳେ ଆୟୋଗଙ୍କୁ ଅବଗତ କରିଥିଲେ। ଏନେଇ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଅଧିକାରୀ ଫାଇଲ ଦେଉ ନ ଥିବାରୁ ସୋମବାର ଆୟୁକ୍ତ ମହାନ୍ତି ସମ୍ପୃକ୍ତ ସୂଚନା ଅଧିକାରୀ ଦେବରଞ୍ଜନଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉକ୍ତ ବର୍ଷରେ ହୋଇଥିବା କାର୍ଯ୍ୟର ଟିକିନିଖି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।









ନିଶ୍ଚିତ ଥାଅ– ବିଦ୍ୟାଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। –ଶ୍ରୀଅରବିନ୍ଦ

-କାଳୀୟଦଳନ ଏକାଦଶୀ ଓ ହଳ ନିଷେଧ



# ତ୍ରୁଟି ଘୋଡ଼ାଉଛନ୍ତି

ଭାରତର ନିର୍ବାଚନ କମିଶନ (ଇସି) ଏକ ସାମ୍ବିଧାନିକ ସଂସ୍ଥା। ୧୯୫୧ ସାଧାରଣ ନିର୍ବାଚନ ବେଳୁ ନିର୍ବାଚନଗୁଡ଼ିକୁ ପରିଚାଳନା କରିଆସୁଥିବା ଏହି ସଂସ୍ଥାର ଗୁରୁତ୍ୱ ଟି.ଏନ୍. ଶେଷାନ ମୁଖ୍ୟ ନିର୍ବାଚନ କମିଶନର ହେବା ପରେ ବଢ଼ିଥିଲା। ଭାରତୀୟଙ୍କୁ ୧୯୯୬ରେ ଭୋଟର ପରିଚୟପତ୍ର ଦିଆଯିବା ପରେ ଆଶା କରାଯାଇଥିଲା ଯେ ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହ୍ରାସ କରାଯାଇପାରିବ। କିନ୍ତୁ ଆଜିଯାଏ ନିର୍ବାଚନ ପରିଚାଳନାକୁ ନେଇ ଅସରନ୍ତି ପ୍ରଶ୍ନ ଉତ୍ଥାପନ ହୋଇଚାଲିଛି। ଏବେ ସମଗ୍ର ଦେଶରେ ଯେଉଁ ବିଷୟଟି ବିତର୍କର ଶୀର୍ଷରେ ରହିଛି ତାହା ସେହି ଇସିଙ୍କ ଭୂମିକାକୁ ଇଙ୍ଗିତ କରୁଛି। ୭ ଅଗଷ୍ଟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ କର୍ଣାଟକର ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୂର୍ବରୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ ଜାଲିଆତି ଓ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଇସିଙ୍କ ଦ୍ୱାରା କରାଯାଇଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅଣ-ଭାଜପା ଦଳଗୁଡ଼ିକର ପ୍ରମୁଖ ନେତାମାନେ ଇସି ଓ ଭାଜପାକୁ ବିଭିନ୍ନ ପ୍ରଶ୍ନମାନ ପଚାରି ଚାଲିଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଉଛି ଯେ, ଭାଜପାକୁ ସୁହାଇଲା ଭଳି ଇସି କାର୍ଯ୍ୟ କରୁଛି। ଏହା ପଛରେ କାରଣ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନର ଓ ୨ ନିର୍ବାଚନ କମିଶନର ମୋଟ ୩ ଜଣ ଅବସରପ୍ରାପ୍ତ ସରକାରୀ ଅଫିସର, ଯେଉଁମାନେ ଏକ ସାମ୍ବିଧାନିକ ପଦବୀ ପାଇଯାଇ ଶାସକ ଦଳ ପାଖରେ କୃତକୃତ୍ୟ ହେଉଛନ୍ତି। ଏହି ଦୋଷାରୋପ ବିଶ୍ୱାସଯୋଗ୍ୟ ମଧ୍ୟ ହେଉଛି। କାରଣ ମୁଖ୍ୟ ନିର୍ବାଚନ କମିଶନର ଓ ୨ କମିଶନର ଯେଉଁଭଳି ଭାବରେ ଗଣମାଧ୍ୟମରେ ମତ ପ୍ରକାଶ କରୁଛନ୍ତି, ସେଥିରୁ ସେମାନଙ୍କର ଏକତରଫା ଚିନ୍ତାଧାରା ସ୍ପଷ୍ଟ ବୁଝାପଡୁଛି। ଆଶା କରାଯାଇଥାଏ ଯେ ଏଭଳି ପଦବୀ ପାଉଥିବା ବ୍ୟକ୍ତି କେବଳ ସମ୍ବିଧାନକୁ ନିଜର କୃତଜ୍ଞତା ଜ୍ଞାପନ କରିବା କଥା, କିନ୍ତୁ ଆଜିର ଭାରତରେ ତାହା ସମ୍ଭବପର ନୁହେଁ।

ଭୋଟ ଜାଲିଆତି ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ପର୍ଯ୍ୟନ୍ତ ଯାଇଛି। ଏବର ଘଟଣାକ୍ରମକୁ ଦେଖିଲେ ୧୭ ଅଗଷ୍ଟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ଲୋକ ସଭା ବିରୋଧୀ ଦଳ ନେତା ଆଣିଥିବା 'ଭୋଟ ଚୋରି' ଅଭିଯୋଗ ସପକ୍ଷରେ ୭ ଦିନ ମଧ୍ୟରେ ସେ ସତ୍ୟପାଠ ସମ୍ବଳିତ ଘୋଷଣାନାମା ଦାଖଲ କରନ୍ତୁ ବୋଲି କହିଛନ୍ତି। ଜ୍ଞାନେଶ କହିଛନ୍ତି, ଯଦି କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀର ଭୋଟର ନ ଥାଇ ସମ୍ପୃକ୍ତ ଆସନ ଉପରେ ଅଭିଯୋଗ ଦାଖଲ କରନ୍ତି, ତେବେ ସେ କେବଳ ଜଣେ ସାକ୍ଷୀ ହିସାବରେ ଏପରି କରିପାରିବେ। ସେଥିପାଇଁ ତାଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ବୋଲି ଧରାଯିବ। ଏପରି ଅଭିଯୋଗ ଆଣୁଥିବା ବ୍ୟକ୍ତିମାନେ ଦେଶକୁ କ୍ଷମା ମାଗିବା ଉଚିତ ବୋଲି ସିଇସି କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି, ଏ କଥାକୁ ଅସ୍ୱୀକାର କରିଦେଲେ ସୂର୍ଯ୍ୟୋଦୟର ଦିଗ ପରିବର୍ତ୍ତନ ହୋଇ ନ ଥାଏ। ତେବେ ଭୋଟ ଜାଲିଆତି ଅଭିଯୋଗକୁ ନେଇ ଜ୍ଞାନେଶଙ୍କ ମନ୍ତବ୍ୟକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ସମାଲୋଚନା କରିଛି। ତାଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ବିଷୟ ଚର୍ଚ୍ଚାର ବିଷୟ ପାଲଟିଲାଣି।

ସିଇସି ଯେଉଁଭଳି ଢଙ୍ଗରେ ନିର୍ବାଚନ କମିଶନକୁ ପ୍ରଦର୍ଶନ କରିଛନ୍ତି, ଲାଗୁଛି ଯେମିତି ଭୋଟିଂ ପ୍ରକ୍ରିୟାରେ କେବେ କେଉଁଠାରେ ଗଡ଼ବଡ଼ ହୋଇ ନାହିଁ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଇସି ଏସ୍‌ଆଇଆର୍ କରିବାର ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ତେଣୁ ଇସି ନିଜର ସ୍ୱଚ୍ଛତା ଦର୍ଶାଇବାକୁ ଯାଇ ଅଭିଯୋଗ ହେଉଥିବା ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରିତ କରିବା କଥା। ହେଲେ ଅଭିଯୋଗକାରୀଙ୍କ ମୁହଁ ବନ୍ଦ କରିଦେବାକୁ ଯାଇ ସତ୍ୟପାଠ କରିବା ଲାଗି କହୁଛନ୍ତି। ଜଣେ ବ୍ୟକ୍ତି ନିର୍ବାଚନମଣ୍ଡଳୀର ଭୋଟର ହୋଇ ନ ଥିଲେ ମଧ୍ୟ ଦେଶର ଯେଉଁଠାରେ ପାରିବେ ନିର୍ବାଚନ ଲଢ଼ିପାରୁଛନ୍ତି। ସେହି କ୍ରମରେ ଦେଖିଲେ ଅନ୍ୟ ନିର୍ବାଚନମଣ୍ଡଳୀରେ ହୋଇଥିବା ନିର୍ବାଚନ ସଂକ୍ରାନ୍ତରେ ଜଣେ ଯଦି କିଛି ଅସଙ୍ଗତି ଥିବା ଅନୁଭବ କରନ୍ତି, ସେହି ବିଷୟରେ ସ୍ୱର ଉଠାଇବାରେ କେଉଁଠାରେ ଅସ୍ୱାଭାବିକତା ରହିଲା ବୋଲି କୁହାଯାଇପାରେ। ପ୍ରତିକଥାରେ ସତ୍ୟପାଠ ଭଳି ଆଇନଗତ ଦିଗକୁ ଛନ୍ଦି ଦେଇ ଇସି ନିଜ ଦାୟିତ୍ୱରୁ ଦୂରେଇଯିବା ଅନେକଙ୍କ ମନରେ ଭିନ୍ନ ଆଶଙ୍କା ସୃଷ୍ଟି କରିବା ସ୍ୱାଭାବିକ। ସିଧାସଳଖ ସମ୍ପୃକ୍ତି ନ ଥିଲେ ମଧ୍ୟ ଏକ ଦୃଷ୍ଟାନ୍ତକୁ ଏଠାରେ ଉପସ୍ଥାପନ କରାଯାଇପାରେ। ନିଆଁ ଲାଗିଲା ବେଳେ ଯେଉଁ ବ୍ୟକ୍ତି ଦମକଳକୁ ଖବର ଦେବ ସିଏ ନିଜେ ସେହି ବସ୍ତିର ବାସିନ୍ଦା ବୋଲି ପ୍ରଥମେ ଦମକଳ କର୍ତ୍ତୃପକ୍ଷଙ୍କ ସାମ୍ନାରେ ନିଜର ବାସସ୍ଥାନ ପ୍ରମାଣ ଦେବା ନିହାତି ଆବଶ୍ୟକ ବୋଲି କହିବା ଭଳି ଜ୍ଞାନେଶ କୁମାରଙ୍କ ଯୁକ୍ତି ଶୁଣାଯାଉଛି। ଅବାସ୍ତବ କଥା କହିବା ମାତ୍ରକେ ଜଣାପଡୁଛି ଯେ, ସେଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସତ୍ୟତା ରହିଛି, ଯାହାକୁ ଘୋଡ଼ାଇବା ପାଇଁ ଅଯୁକ୍ତିକର ବିଷୟର ଆଶ୍ରା ନିଆଯାଉଛି। ଜ୍ଞାନେଶଙ୍କ କଥାକୁ ଆହୁରି ତର୍ଜମା କଲେ ଅନ୍ୟ ଏକ ଦିଗ ଦେଖାଯାଇପାରେ। ଯିଏ ଯେଉଁ ନିର୍ବାଚନମଣ୍ଡଳୀର ହୋଇ ନ ଥିଲେ ଯେଭଳି ପ୍ରଶ୍ନ ପଚାରିବାକୁ ଅଛୁଆଁ ଭାବେ ଦର୍ଶାଯାଉଛି, ତେବେ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ପରିଚାଳନା ଦାୟିତ୍ୱ ସଅଁପି ଦେବା କେତେ ଯୁକ୍ତିଯୁକ୍ତ ତାହାକୁ ମଧ୍ୟ ଗଭୀର ଭାବେ ଅନୁଶୀଳନ କରାଯିବା ଦରକାର। କୁହାଯାଇପାରେ ସେମାନେ ସରକାରୀ ଅଧିକାରୀ ହୋଇଥିବାରୁ ନିଜ କାର୍ଯ୍ୟ ତୁଲାଇଥାଆନ୍ତି। ମୋଟାମୋଟି ଦେଖିଲେ ସେମାନେ ତ ଜଣେ ଜଣେ ବ୍ୟକ୍ତି ଓ କୌଣସି ନା କୌଣସି ରାଜନୈତିକ ଦଳ ପ୍ରତି ଶ୍ରଦ୍ଧା ରଖିଥାଆନ୍ତି। ଏଠାରେ ଇସିଙ୍କ ନିର୍ଦ୍ଦେଶକୁ ସମାଲୋଚନା କରାଯାଉ ନାହିଁ, ବରଂ ପ୍ରସ୍ତାବ ଦିଆଯାଇପାରେ ଯେ, ଗୋଟେ ସଂସ୍ଥା ବା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବାକୁ ହେଲେ ଅଭିଯୋଗଗୁଡ଼ିକୁ ସକାରାତ୍ମକ ଦୃଷ୍ଟିରେ ଦେଖାଯିବା ଦରକାର। ଏବଂ ଅଭିଯୋଗକାରୀଙ୍କଠାରୁ ପ୍ରମାଣ ମାଗିବାର କ୍ଷମତା ଇସିଙ୍କ ପାଖରେ ରହିବା କଥା ନୁହେଁ। ଯଦି ମଗାଯାଉଛି, ତେବେ ତାହାର ସ୍ପଷ୍ଟ ଅର୍ଥ ହେଲା ସମସ୍ୟାର ସମାଧାନ ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ଜାଣିଶୁଣି ଘୋଡ଼ାଇବାର ଉଦ୍ୟମ ହେଉଛି।

# ଟ୍ରମ୍ପଙ୍କ ଶ୍ୱେନଦୃଷ୍ଟି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ବିଶ୍ୱ ରାଜନୈତିକ ଆକାଶରେ ଏବେ ଯେଉଁ ଝଡ଼ ସୃଷ୍ଟି ହୋଇଛି ତା'ର ଅନ୍ତରାଳେ ବହୁ ଅକୁହା କାରଣ ରହିଛି। ଆମେରିକା ତା'ର ପୂର୍ବ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ହରାଇ ବସିଲାଣି। ଏବେ ଟ୍ରମ୍ପ ଆମେରିକୀୟମାନଙ୍କ କିପରି ଆସ୍ଥାଭାଜନ ହୋଇ ପାରିବେ ସେଥିପାଇଁ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ରୁଷିଆରୁ ତୈଳ ଆମଦାନୀ ଜାରି ରଖିବା ଉପରେ ଭାରତୀୟ ସାମଗ୍ରୀରେ ଅଯଥା ଶୁଳ୍କ ବୃଦ୍ଧି କରିବା, ଭାରତୀୟ ଅର୍ଥନୀତିକୁ ମୃତ ଅର୍ଥନୀତି ଘୋଷଣା କରି ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଅର୍ଥନୀତିକୁ ଆକ୍ରମଣ କରିବା ଆଦି କାର୍ଯ୍ୟକ୍ରମ ଟ୍ରମ୍ପ ଗ୍ରହଣ କରିଛନ୍ତି। ଆମେରିକା ଜାଣି ପାରୁନାହିଁ ଯେ ତା'ର ଦୋମୁହାଁ ନୀତିକୁ ଏସିଆ ମହାଦେଶର ଅଧିକାଂଶ ରାଷ୍ଟ୍ର ଘୃଣା କରନ୍ତି। ଦୁଇମାସ ପୂର୍ବରୁ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧି ପାଇଁ ଏକ ରୋଡ୍ ମ୍ୟାପ ତିଆରି ହୋଇଥିଲା। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ପାଇଁ ଦୁଇଦେଶ ମଧ୍ୟ ବିଚାର ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଲଢୁଆ ବିମାନ ଇଞ୍ଜିନ, ସ୍ଥଳସେନାର ଲଢୁଆ ଯାନ, କମାଣ ଓ ଗୁଳିଗୋଳା ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବା ନେଇ ଗତ ମାସରେ ୱାଶିଂଟନଠାରେ ଆମେରିକା-ଭାରତ ଡିଫେନ୍ସ ପଲିସି ଗ୍ରୁପ୍ ବୈଠକରେ ଆଲୋଚନା ହୋଇଥିଲା। ସେ କଥାକୁ ଭୁଲି ଟ୍ରମ୍ପ ପୁଣି ଭାରତକୁ ନାଲିଆଖି ଦେଖାଇବା ମୂଳର କାରଣ କ'ଣ ହୋଇପାରେ?

ଭାରତ ପ୍ରତି ସତରେ ହେଉ କିମ୍ବା ଛଳନାତ୍ମକ ଭାବେ ହେଉ ଆମେରିକା ମିତ୍ରତାର ହାତ ବଢ଼ାଇ ପୁଣି ହାତ ଫେରାଇନେବା ବରାବର ଦେଖାଯାଉଛି। ୨୦୧୬ରେ ଭାରତକୁ ଆମେରିକା ତାହାର ପ୍ରତିରକ୍ଷା ସହଯୋଗୀ ଭାବେ ଘୋଷଣା କରିଥିଲା। କାହିଁ ସେ ଘୋଷଣାର ମୂଲ୍ୟବୋଧ? ହୁଏତ ତାହା ବାଣିଜ୍ୟ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଆନ୍ତା। ଗୋଟିଏ ସହଯୋଗୀ ରାଷ୍ଟ୍ରକୁ ତା'ର ପ୍ରତିରକ୍ଷା ସହିତ ଅର୍ଥନୀତିକୁ ଦୃଷ୍ଟିଦେବା ପ୍ରଥମ କର୍ତ୍ତବ୍ୟ। କିନ୍ତୁ ସେଭଳି କର୍ତ୍ତବ୍ୟକୁ ଭୁଲିଯିବା ଯେଉଁ ରାଷ୍ଟ୍ରର ନୀତି ସେଭଳି ରାଷ୍ଟ୍ରକୁ କେବେ ଭାରତ ବିଶ୍ୱାସ କରେ ନାହିଁ। ୨୦୦୮ରେ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ବାଣିଜ୍ୟ ଅତି ନଗଣ୍ୟ ଥିବା ବେଳେ ୨୦୨୦ରେ ଏହା ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଦେଖିବାକୁ ଗଲେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଥିଲା। ଏହା ବ୍ୟତୀତ ଚାଇନାର ଶକ୍ତି ବୃଦ୍ଧି ଏବଂ ଭାରତ ସହ ସୀମା ବିବାଦ ବଢୁଥିବାରୁ ଗତ ୫ ବର୍ଷ ମଧ୍ୟରେ ଭାରତ ଆମେରିକା ସମ୍ପର୍କ ବୃଦ୍ଧି ପାଇଛି। କ୍ୱାଡ୍ ସୁରକ୍ଷା ଗ୍ରୁପର



ଅଂଶବିଶେଷ ରୂପେ ଭାରତ ଓ ଆମେରିକା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି କରିବା ସହ ସହଯୋଗର ହାତ ବଢ଼ାଇ ଆସିଛନ୍ତି। ଭାରତ ସହ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ରହିଛି। ଆମେରିକା ସହ ଭାରତର ସମ୍ପର୍କ ବୃଦ୍ଧି ଓ ଅନ୍ୟପକ୍ଷେ ରୁଷିଆ ସହିତ ଭାରତ ନିବିଡ଼ ସମ୍ପର୍କ ଉଭୟ ରାଷ୍ଟ୍ରକୁ ଯେ ଜଣା ନ ଥିଲା ତା' ନୁହେଁ। ଆମେରିକା ଭଲଭାବେ ଜାଣିଥିଲା ଭାରତ ରୁଷିଆଠାରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର କାରବାର କରୁଛି। ଏହା ଜାଣି ମଧ୍ୟ ଆମେରିକା ଏପରି କ୍ରୋଧାନ୍ୱିତ ହେଉ ନ ଥିଲା। ରୁଷିଆ ଆଉ ୟୁକ୍ରେନ୍ ମଧ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରହିଥିଲା ବେଳେ ଆମେରିକା କେବେହେଲେ ଭାରତର ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ନ ଥିଲା। କିନ୍ତୁ ଏବେ ୟୁକ୍ରେନ୍ ଭାରତର ଭୂମିକା ସମ୍ପର୍କରେ ଅଭିଯୋଗ କରି କହିଛି ଯେ ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି। ତାହା ସମ୍ପୂର୍ଣ୍ଣ ରୂପେ ପ୍ରମାଣିତ ହୋଇ ନାହିଁ। ଏ କଥାକୁ ନେଇ ଆମେରିକା ଭାରତ ଉପରେ କ୍ରୁଧ ହେବା ଆଦୌ ଉଚିତ ନୁହେଁ। ଆମେରିକା ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଥିବା ବେଳେ ରୁଷିଆ ବାରମ୍ବାର ପ୍ରତିବାଦ କରିବା ପରେ ବି ଆମେରିକା କୌଣସି ପ୍ରତିକ୍ରିୟା ନ ଦେବା କ'ଣ ଆମେରିକାର ଠିକ୍ ନିଷ୍ପତ୍ତି ବୋଲି କୁହାଯିବ କି? ଉଭୟ ଦେଶ ମଧ୍ୟରେ ଶାନ୍ତି ଓ ସ୍ଥିରତା ଆଣିବା ପାଇଁ ଭାରତ କହିଥିବା ବେଳେ ଆମେରିକା କାହିଁକି ଉତ୍ତେଜନା ସୃଷ୍ଟି କରିଚାଲିଛି? ତାହା ହିଁ ଅନ୍ତର୍ଜାତୀୟ ସ୍ତରରେ ବଡ ପ୍ରଶ୍ନବାଚୀ। ଏହାକୁ ଏଡ଼ାଇବାକୁ ଯାଇ ଆମେରିକା ଭାରତ ସମେତ ୭୭ଟି ଦେଶକୁ ଯେଉଁ ବାଣିଜ୍ୟିକ ଧମକ ଦେଇଛି। ସେଥିରେ କୌଣସି ପ୍ରାସଙ୍ଗିକତା ନ ଥିଲା ବେଳେ କେବଳ ଟ୍ରମ୍ପଙ୍କ ଅସୂୟା ମନୋଭାବକୁ ପ୍ରମାଣିତ କରୁଛି। ରୁଷିଆରୁ ଭାରତ ପ୍ରଚୁର ପରମାଣର ତୈଳ ଆମଦାନୀ କରୁଥିବା ଏବଂ ତାହାକୁ ବିଭିନ୍ନ ଦେଶକୁ ବିକ୍ରି କରୁଥିବା ଅଭିଯୋଗ କରୁଛି ଆମେରିକା। ଏଥି ପାଇଁ ସେ ଟାରିଫ୍ ଲଗାଇଥିବା କୁହାଯାଉଛି। ଏହି ଶୁଳ୍କ ବୃଦ୍ଧି ଯେ ସମଗ୍ର ଏସିଆ ମହାଦେଶକୁ ପ୍ରଭାବିତ କରିବ ଏପରିକି ବିଶ୍ୱକୁ ମଧ୍ୟ ପ୍ରଭାବିତ କରିବା କଥା ଟ୍ରମ୍ପଙ୍କୁ ଭଲଭାବେ ଜଣା।

ଚାଇନାର ଅଭିବୃଦ୍ଧିକୁ ରୋକିବାକୁ ଯାଇ ଭାରତ ସହ ହାତ ମିଳାଇଥିବା ଆମେରିକା ଏବେ ରଙ୍ଗ ବଦଳାଇ ଦେଇ ଭାରତକୁ ପ୍ରତିପକ୍ଷ କରିବା ତାଙ୍କର ବୋକାମି। ଆମେରିକା ପାଇଁ ତାହା ଅସଲ କଥା ନୁହେଁ। ଅସଲ କଥା ହେଉଛି ଆମେରିକା ତା'ର ନିଜ ଦେଶରୁ ରାଜନୈତିକ ଆସ୍ଥା ହରାଇବାକୁ ବସିଛି। ଆମେରିକୀୟ ନାଗରିକ ଟ୍ରମ୍ପଙ୍କ ପ୍ରତି ସନ୍ତୁଷ୍ଟ ନାହାନ୍ତି। ବୁଦ୍ଧି ବିଚାରି କାର୍ଯ୍ୟ ନ କରିବାର ପରିଣତି ଏବେ ଆମେରିକାକୁ ଭୋଗ କରିବାକୁ ପଡୁଛି। ମୋଟ ଉପରେ କହିବାକୁ ଗଲେ ଭାରତ ପ୍ରତିରକ୍ଷା ଏବଂ ବାଣିଜ୍ୟିକ କ୍ଷେତ୍ରରେ ଯଥେଷ୍ଟ ଆଗକୁ ଯାଇଛି। ପାକିସ୍ତାନ ଉପରେ ଭାରତର ସିନ୍ଦୂର ଅପରେଶନ ପରେ ଭାରତର ଶକ୍ତିକୁ ଦେଖି ଆମେରିକା ଈର୍ଷାନ୍ୱିତ ହୋଇଥିବା ସହଜରେ ଅନୁମେୟ। ଏହା ପରେ ଭାରତ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀ ସହିତ ମିଶି ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି ତାହା ହେଲା ମୂଳକାରଣ। ଏସୀୟ ସଂଗଠନ, ବ୍ରିକ୍ସ ଓ ସାର୍କ ସଂଗଠନ ସମ୍ପ୍ରତି ପାଶ୍ଚାତ୍ୟ ଅର୍ଥନୀତିକୁ ମୁକାବିଲା କରିବାକୁ ବସିଥିବା ବେଳେ ଏହାର ମୂଳ ସୂତ୍ରଧର ହେଉଛି ଭାରତ। ସେଥିପାଇଁ ଆମେରିକା ଖୁବ୍ କ୍ରୋଧିତ ହୋଇଛି। ଏ କଥା ମଧ୍ୟ ପ୍ରକାଶ୍ୟରେ କହିସାରିଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଡଲାର ବଦଳରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସାର୍କ ସମ୍ମିଳନୀରେ ପ୍ରସ୍ତାବ ଆଗତ କରିଥିଲେ। ଯାହର ଆବଶ୍ୟକତା ଏବେ ଅନୁଭୂତ ହୁଏ। ଏହା ବ୍ୟତୀତ ଏସୀୟ ଓ ଗରିବ ରାଷ୍ଟ୍ରଙ୍କ ପାଇଁ ଅନ୍ୟ ବିକଳ୍ପ ରାସ୍ତା ନାହିଁ। ଏହି ପ୍ରସ୍ତାବରେ ଯଦି ଚାଇନା ସମ୍ମତ ହୋଇଯାଏ ତେବେ ଆମେରିକାର ଡଲାରର ମୂଲ୍ୟ ବହୁତ ତଳକୁ ପଳାଇବା ସହିତ ଅର୍ଥନୀତିରେ ଘୋର ବିପର୍ଯ୍ୟୟ ସୃଷ୍ଟି ହେବ। ସମଗ୍ର ବିଶ୍ୱରେ ତୈଳ ବାଣିଜ୍ୟ ଯେପରି ଗୁରୁତ୍ୱ ବହନ କରିଛି, ସେହିପରି ଆଗକୁ ସମଗ୍ର ବିଶ୍ୱ ପାଇଁ ଖାଦ୍ୟଦ୍ରବ୍ୟର ଗୁରୁତ୍ୱ ବୃଦ୍ଧି ପାଇବା କଳନା କରାଯାଉଛି। ଏ କ୍ଷେତ୍ରରେ ଭାରତ ନିଶ୍ଚିତ ଗୁରୁତ୍ୱ ବହନ କରିବ। ଆମେରିକା ଭଳି ରାଷ୍ଟ୍ର ଯେଉଁ ରାଷ୍ଟ୍ର କେବଳ ସାମରିକ ସରଞ୍ଜାମକୁ ନେଇ ମୁଣ୍ଡ ଟେକିଛନ୍ତି ସେମାନେ ବିକାଶଶୀଳ ରାଷ୍ଟ୍ରଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିବେ। ଏଥିପାଇଁ ଟ୍ରମ୍ପଙ୍କ ଚାଲ୍ କେବଳ ତାଙ୍କ ଦେଶର ନାଗରିକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି ବେଶିଦିନ ନୁହେଁ। ଟ୍ରମ୍ପ ଜାଣିଶୁଣି ଭାରତ ପ୍ରତି ପ୍ରତିକ୍ରିୟାଶୀଳ ହୋଇ ଯାହା କରୁଛନ୍ତି ତାହା ପାଣିଫୋଟକାଭଳି ମିଳାଇଯିବା ସୁନିଶ୍ଚିତ। କିନ୍ତୁ ସେ ନିଜ ଗୋଡ଼କୁ ନିଜେ କୁରାଢ଼ିରେ ହାଣୁଛନ୍ତି ବୋଲି କେତେଜଣ ରାଷ୍ଟ୍ରନୀତିଜ୍ଞ ତାଙ୍କୁ ଚେତେଇ ଦେଇସାରିଲେଣି। ଭାରତଠାରୁ ଚାଇନା ଅଧିକ ପରିମାଣର ତୈଳ ରୁଷିଆରୁ ଆମଦାନୀ କରୁଥିବା ବେଳେ ପାଶ୍ଚାତ୍ୟ ରାଷ୍ଟ୍ର ତାକୁ କିଛି କହିପାରୁ ନାହାନ୍ତି। ଅଥଚ ଭାରତ ପ୍ରତି ଓ ଗରିବ ରାଷ୍ଟ୍ର ପ୍ରତି ଏପରି ପଦକ୍ଷେପ କାହିଁକି? ଭାରତର ଅର୍ଥନୀତି ସାମୟିକ ଭାବେ ପ୍ରଭାବିତ ହୋଇ ପାରେ। କିନ୍ତୁ ତାହା ଅଟକି ଯିବ ନାହିଁ। ଏହା ଟ୍ରମ୍ପ ଜାଣି ରଖିବା ଉଚିତ।

**ସୟେଦପୁର, ଯାଜପୁର**
**ମୋ:୯୪୩୭୩୧୫୬୨୩**

# ଜୀବନ ଓ ଜଗନ୍ନାଥ



ଡ. ଭାରତ ଭୂଷଣ ରଥ

ଜୀବନ ଜିଇବା ପାଇଁ ସୃଷ୍ଟିରେ ଅନେକ ଶିକ୍ଷଣୀୟ ତତ୍ତ୍ୱ ରହିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ରୂପରେ ସମାଜ ଆମକୁ ଅନେକ କିଛି ଶିଖାଇଥାଏ। ସେଥିପାଇଁ ବିଶ୍ୱର ପ୍ରତିଟି ସୃଷ୍ଟି ସ୍ୱତନ୍ତ୍ର ଉଦ୍ଦେଶ୍ୟମୂଳକ। ଯେମିତି ଭଗବାନ୍ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଏବଂ ଦୈନନ୍ଦିନ ରୀତିନୀତି ମାନବୀୟ ଜୀବନର ଏକ ପ୍ରମୁଖ ମାର୍ଗଦର୍ଶକ। ଶ୍ରୀଜଗନ୍ନାଥ ମାନବୀୟ ଲୀଳା କରିବା ପାଇଁ ଶ୍ରୀମନ୍ଦିରରେ ବିରାଜମାନ କରିଛନ୍ତି। ତେଣୁ ଶାସ୍ତ୍ରରେ କୁହାଯାଇଛି – ଶ୍ରୀଶୋ ମାନୁଷ ଲୀଳୟା। ମାନବୀୟ ଲୀଳା କହିଲେ ମନୁଷ୍ୟମାନଙ୍କର ଦୈନନ୍ଦିନ ବ୍ୟବହାର ଭଳି ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ରୀତିନୀତିକୁ ବୁଝାଏ। ବର୍ତ୍ତମାନର ବିଜ୍ଞାନ ଏବଂ ମେଡିକାଲ ସାଇନ୍ସର କିଛି ତତ୍ତ୍ୱ କେମିତି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ରୀତିନୀତିରେ ସହସ୍ର ସହସ୍ର ବର୍ଷ ଧରି ପ୍ରଚଳିତ ଅଛି ତାହା ଆଶ୍ଚର୍ଯ୍ୟ ଲାଗେ। ମହାପ୍ରଭୁ ସର୍ବଦା ବ୍ରାହ୍ମ ମୁହୂର୍ତ୍ତରେ ଅର୍ଥାତ୍ ସୂର୍ଯ୍ୟୋଦୟ ସମୟରେ ନିଦ୍ରା ତ୍ୟାଗ କରନ୍ତି। ଏହାପରେ ମଙ୍ଗଳ ଆଳତି,ଅବକାଶ,ତଡ଼ପଲାଗି ଏବଂ ଗୋପାଳ ବଲ୍ଲଭ ହୁଏ। ସୂର୍ଯ୍ୟପୂଜା ଶ୍ରୀମନ୍ଦିରର ଏକ ଦୈନନ୍ଦିନ ନୀତି। ଏହି ସମସ୍ତ ପ୍ରାତଃକାଳୀନ ନୀତି ଆମର ଶରୀର ବିଜ୍ଞାନ ସହ ଜଡ଼ିତ, ଯେଉଁ ପ୍ରଣାଳୀକୁ ଡାକ୍ତରମାନେ ଉପଦେଶ ଦିଅନ୍ତି। ରାତିରେ ଶୀଘ୍ର ନିଦ୍ରା ଯାଇ ସକାଳେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ପାଇଁ ଡାକ୍ତର ଉପଦେଶ ଦିଅନ୍ତି। ଶ୍ରୀମନ୍ଦିରର ପରମ୍ପରାରେ ରାତ୍ରି ଦଶଟା ଭିତରେ ପହଡ଼ ପଡ଼ି ମହାପ୍ରଭୁ ନିଦ୍ରା ଯାଆନ୍ତି। ଯଦ୍ୟପି ଭକ୍ତଙ୍କ ଭିଡ଼କୁ ଦେଖି ନୀତିକାନ୍ତିରେ ବେଳେବେଳେ ସମୟ ଅନୁପାଳନ କରାଯାଇପାରୁନାହିଁ କିନ୍ତୁ ଶ୍ରୀମନ୍ଦିରର ନିୟମ ସର୍ବଦା ମାନବର ଜୀବନଶୈଳୀକୁ ଶୃଙ୍ଖଳିତ କରିବାର ଉପଦେଶ ଦିଏ। ପ୍ରାତଃ ଅବକାଶ ସମୟରେ ମୁଠୁରୀ ଦାନ୍ତକାଠିରେ ଦାନ୍ତ ଘଷନ୍ତି ମହାପ୍ରଭୁ। ଦାନ୍ତକାଠି ଦାନ୍ତକୁ ଯେତିକି ଶକ୍ତ ରଖେ ବୃକ୍ଷ ରସର ପ୍ରଭାବ ଦାନ୍ତକୁ ସେତିକି ସୁସ୍ଥ ରଖେ। ତା'ପରେ ଶ୍ରୀବିଗ୍ରହଙ୍କର ଦର୍ପଣ ସ୍ନାନ ହୁଏ। ଏହା ମାନବକୁ ପ୍ରାତଃ ସ୍ନାନ ପାଇଁ ଉପଦେଶ ଦିଏ। ସୂର୍ଯ୍ୟପୂଜାରୁ ଆମେ ସୂର୍ଯ୍ୟ ନମସ୍କାର, ଯୋଗ ଏବଂ ଧ୍ୟାନ ଇତ୍ୟାଦିର ଉପଦେଶ ପାଉ। ଡାକ୍ତରୀ ବିଦ୍ୟା କୁହେ, ସୂର୍ଯ୍ୟଙ୍କଠାରୁ ମାନବ ଅତ୍ୟନ୍ତ ଉପାଦେୟ ଭିଟାମିନ୍ ପାଇଥାଏ ଯାହା ଶରୀରକୁ ସୁସ୍ଥ ରଖେ। ତେଣୁ ପ୍ରତିଦିନ ସୂର୍ଯ୍ୟୋଦୟ ରଶ୍ମି ଶରୀରରେ ପଡ଼ିବାପାଇଁ ଉପଦେଶ ରହିଛି।

ମହାପ୍ରଭୁଙ୍କୁ ସକାଳୁ ସକାଳୁ ଗୋପାଳ ବଲ୍ଲଭ ପ୍ରସାଦ ଭୋଗ ହୁଏ। ସେଥିରେ ସୁଜିର୍ନିର୍ମିତ ପ୍ରସାଦ, ଫଳ, ଖଇକୋରା ଇତ୍ୟାଦି ପ୍ରସାଦ ଲାଗେ। ଏହାକୁ ମାନବୀୟ ଭାଷାରେ ଜଳଖିଆ କହୁ। ପ୍ରତିଦିନ ଜଳଖିଆ ଦୀର୍ଘ ସମୟର ବ୍ୟବଧାନରେ ଖିଆଯାଉଥିବାରୁ ଖୁବ୍ ଗୁରୁତ୍ୱ ବହନକରେ। ଡାକ୍ତରମାନେ କୁହନ୍ତି, ଏକା ସାଙ୍ଗରେ ଭୋଜନ ନ କରି ଅଳ୍ପ ଅଳ୍ପ କରି ଦିନରେ ବାରମ୍ବାର ଭୋଜନ କରାଯିବ ଏବଂ ବିବିଧ ପୁଷ୍ଟିକର ଖାଦ୍ୟ ଗ୍ରହଣ କରାଯିବ। ଶ୍ରୀଜଗନ୍ନାଥଙ୍କର ବଲ୍ଲଭ, ସକାଳ ଧୂପ, ମଧ୍ୟାହ୍ନ ଧୂପ, ଭଣ୍ଡ, ସନ୍ଧ୍ୟା ଧୂପ, ବଡ଼ ସିଂହାର ଇତ୍ୟାଦି କ୍ରମରେ ଦିନରେ ଅନେକ ଥର ଭୋଜନ ବ୍ୟବସ୍ଥା ଏହାକୁ ହିଁ ସୂଚାଇଥାଏ। ସନ୍ଧ୍ୟା ଧୂପ ପରେ ରାତ୍ରିରେ ବଡ଼ସିଂହାରରେ ମହାପ୍ରଭୁ ଅଳ୍ପ ପ୍ରସାଦ ଗ୍ରହଣ କରନ୍ତି। ରାତ୍ରିଭୋଜନ ସ୍ୱଳ୍ପ ହେବା ଉଚିତ୍। ଏହାଦ୍ୱାରା ହଜମ ପ୍ରକ୍ରିୟା ଉପରେ ଚାପ



ପଡ଼ିବନାହିଁ ଏବଂ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ବିଶ୍ରାମ ନେବାରେ ସମସ୍ୟା ହେବନାହିଁ। ତେଲ, ମସଲା, ରାଗ, ମିଠା, ଲୁଣ ଇତ୍ୟାଦି ବର୍ତ୍ତମାନ ମାନବ ପାଇଁ ବିଷ ତୁଲ୍ୟ। ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ପାଇଁ ମେଡିକାଲ ସାଇନ୍ସ ଏ ସବୁର ନିୟନ୍ତ୍ରିତ ବ୍ୟବହାର ପାଇଁ ଉପଦେଶ ଦିଏ; ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ ସର୍ବଦା ଅନୁପାଳନୀୟ। ଶ୍ରୀମନ୍ଦିର ପ୍ରସାଦ ନିର୍ମାଣରେ ଲଙ୍କା, ତେଲ, କ୍ଷତିକାରକ ମସଲା, ଚିନି, ଆଳୁ ଇତ୍ୟାଦି ବ୍ୟବହାର ହୁଏନାହିଁ। ଲୁଣ ସ୍ଥାନରେ ପୂର୍ବରୁ ସୈନ୍ଧବ ଲବଣ ବ୍ୟବହୃତ ଥିଲା। କ୍ଷୀର, ଗୁଡ଼, ଘିଅ, ଦହି, ଗୋଲମରିଚ, ଜିରା, ସୋରିଷ, ନବାତ, ଲହୁଣି, ଅଦା ଇତ୍ୟାଦି ସ୍ୱାସ୍ଥ୍ୟକର ଦ୍ରବ୍ୟରେ ଶ୍ରୀମନ୍ଦିର ରୋଷଶାଳ ତଥା ରୀତିନୀତି ପରିଚାଳିତ।

ଶ୍ରୀମନ୍ଦିର ରୋଷେଇରେ କୂପଜଳ ଏବଂ ମାଟିପାତ୍ର ହିଁ ବ୍ୟବହାର ହୁଏ। ପିତ୍ତଳ, ରୌପ୍ୟ ତଥା ପ୍ରସ୍ତର ପ୍ରଭୃତି ବ୍ୟବହାର ବ୍ୟତୀତ ପ୍ଲାଷ୍ଟିକ୍ ଇତ୍ୟାଦିର ବ୍ୟବହାର ଶ୍ରୀମନ୍ଦିରରେ ହୁଏ ନାହିଁ। ଏହା ବ୍ୟଞ୍ଜନକୁ ଶୁଦ୍ଧ ରଖେ ଏବଂ ଶରୀରରେ ବିବିଧ ରୋଗର ପ୍ରବେଶ କରାଏ ନାହିଁ। ମୋଟାମୋଟି ଭାବରେ ସାତ୍ତ୍ୱିକ ଏବଂ ପୌଷ୍ଟିକ ଆହାର ହିଁ ମାନବର ବୁଦ୍ଧି ତଥା ଶରୀରକୁ ସୁସ୍ଥ ରଖେ– ଏହି ବାର୍ତ୍ତା ଦିଏ ଶ୍ରୀମନ୍ଦିର। ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଅଣସର ସମୟରେ ଫୁଲୁରୀ ତେଲ ସାଙ୍ଗରେ ରାଶି ତେଲ, କେତକୀ, ବେଣାଚେର ଇତ୍ୟାଦି ଘର୍ଷଣ ହୁଏ। ଏତଦ୍ ବ୍ୟତୀତ ଦଶମୂଳ ଔଷଧରେ ବିବିଧ ବୃକ୍ଷଲତାର ମୋଦକ ପ୍ରସ୍ତୁତ ହୁଏ, ଯାହା ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ସମ୍ମାନ ଦିଏ। ଅଧରପଣାରେ ବ୍ୟବହୃତ ନବାତ, କଦଳୀ, କର୍ପୂର, ଛେନା, ଗୋଲମରିଚ ଇତ୍ୟାଦିର ମିଶ୍ରଣ ଶରୀରର ବାତ ଏବଂ ପିତ୍ତ ଦୋଷକୁ ନିୟନ୍ତ୍ରଣକରେ ବୋଲି ଶାସ୍ତ୍ର ମତ ଦିଅନ୍ତି। ଆଜିକାଲି ବିବିଧ ଅପମିଶ୍ରିତ କସ୍‌ମେଟିକ୍ ଦ୍ରବ୍ୟ କ୍ୟାନ୍‌ସର ଏବଂ ଚର୍ମରୋଗର କାରଣ ବୋଲି ଅନୁସନ୍ଧାନରୁ ଜଣାପଡ଼େ। ତେଣୁ କସ୍‌ମେଟିକ୍ ବ୍ୟବହାର ଉପରେ ମାନବ ସତର୍କ ରହିବା ପାଇଁ ଡାକ୍ତରୀ ବିଦ୍ୟା ଉପଦେଶ ଦିଏ। ଶ୍ରୀଜଗନ୍ନାଥଙ୍କର ଶୃଙ୍ଗାରରେ ଚନ୍ଦନ, ଗୋରଚନା, କସ୍ତୁରୀ, ଝୁଣା, ହଳଦୀ, ଶଙ୍ଖ ଗୁଣ୍ଡ, ହରିତାଳ, ହିଙ୍ଗୁଳ, କର୍ପୂର, ବିବିଧ ପୁଷ୍ପ, ଲତା, ପତ୍ର ଇତ୍ୟାଦି ବ୍ୟବହୃତ ହୁଏ। ବନକଲାଗି ସେବାରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ସମୟରେ ବିବିଧ ପ୍ରାକୃତିକ ଦ୍ରବ୍ୟ ବ୍ୟବହାର ହୁଏ। ଶ୍ରୀଜଗନ୍ନାଥ ଯେବେ ରଥଯାତ୍ରାରେ ଯାଆନ୍ତି ସେତେବେଳେ କେବଳ ଖେଚୁଡ଼ି ପ୍ରସାଦ ପାଇଥାଆନ୍ତି। ଯାତ୍ରା ସମୟରେ ସ୍ୱଳ୍ପ ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣକଲେ ଉଦରଜନିତ ସମସ୍ୟା ନ ରହି ଯାତ୍ରା ସୁଖପ୍ରଦ ରୁହେ। ଖେଚୁଡ଼ି ଶୀଘ୍ର ପ୍ରସ୍ତୁତି ହୋଇପାରେ ଏବଂ ପୁଷ୍ଟିକର ଯାହା ଯାତ୍ରା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମହାପ୍ରଭୁ ବିବିଧ ରତ୍ନର ମାଳିକ ହୋଇ ମଧ୍ୟ ସେ ଦାରୁ ଦେବତା ଏବଂ କାଠ ନିର୍ମିତ ରଥରେ ଉପବେଶନ କରନ୍ତି। ମହାପ୍ରଭୁ ଉପଦେଶ ଦେଇଛନ୍ତି 'ବୃକ୍ଷ ହିଁ ଜୀବନ'। ଯେଉଁ ବୃକ୍ଷକୁ ଆଧାରକରି ସ୍ୱୟଂ ମହାପ୍ରଭୁ ଶରୀର ଧାରଣ କରନ୍ତି ସେହି ବୃକ୍ଷର ସୁରକ୍ଷା ଆବଶ୍ୟକ। ଆଜି ସମଗ୍ର ବିଶ୍ୱ ବୃକ୍ଷ ସୁରକ୍ଷା ପାଇଁ ଚିନ୍ତିତ। ଶ୍ରୀଜଗନ୍ନାଥ ଜଣେ ମାତ୍ର ଦେବତା ଯିଏ ନବକଳେବର ସମୟରେ ଜନ୍ମମୃତ୍ୟୁର ରହସ୍ୟକୁ ନିଜ ରୀତିନୀତିରେ ପ୍ରତିଫଳିତ କରନ୍ତି। ଏହା ହିଁ ଜୀବନ ଦର୍ଶନ। ଆମେ ଓଡ଼ିଆ ନିଶ୍ଚୟ ଧନ୍ୟ ଯେ ମହାପ୍ରଭୁ ଓଡ଼ିଶା ମାଟିରେ ଆବିର୍ଭୂତ ହୋଇଛନ୍ତି।

**ଉପନିର୍ଦ୍ଦେଶକ,ଦୂରଶିକ୍ଷା ନିର୍ଦ୍ଦେଶାଳୟ**
**ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**
**ତିରୁପତି, ଆନ୍ଧ୍ରପ୍ରଦେଶ**
**ମୋ:୮୮୯୭୪୨୬୨୪୩**

## ଏଇ ଭାରତରେ

ସମାଜରେ କୌଣସି କ୍ଷେତ୍ରରେ ପରିବର୍ତ୍ତନ କେବଳ ବଡ଼ ସଙ୍ଗଠନ କିମ୍ବା ବୃହତ୍ କମ୍ପାନୀଗୁଡ଼ିକ ଦ୍ୱାରା ହୋଇ ନ ଥାଏ, ବରଂ ବ୍ୟକ୍ତିଗତ ଉଦ୍ୟମରେ ଏହା ସମ୍ଭବ ହୋଇପାରେ। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସିକିମ୍‌ରେ। ସେଠାରେ ଏକ ସ୍କୁଲର ଭବିଷ୍ୟତ ବଦଳାଇ ଦେଇଛନ୍ତି ଅଶ୍ୱିନୀ ଥାପା। ୩୦ ଦିନ ମଧ୍ୟରେ ସେ ରିଲ୍ ପ୍ରସ୍ତୁତକରି ବିଭିନ୍ନ ଉତ୍ସରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଦାନ ଆକାରରେ ଯୋଗାଡ଼ କରିଛନ୍ତି ସ୍କୁଲ ପାଇଁ। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା। ପାଇଥିବା ଟଙ୍କାରେ ସେ ସିକିମ୍‌ର ସର୍ଣ୍ଣୋଙ୍ଗ ଗାଁର ଗ୍ରେସ୍ ଏକାଡେମୀ ନାମକ ସ୍କୁଲର ଅନେକ ବିକାଶ କରିଛନ୍ତି। ଏହି ସ୍କୁଲକୁ ପର୍ବତାରୋହୀଙ୍କୁ ଗାଇଡ୍ କରୁଥିବା ଲପକା ଧଭା ଶେର୍‌ପା ପ୍ରତିଷ୍ଠା କରିଥିଲେ। ସେ ସ୍କୁଲ ପାଇଁ ତାଙ୍କ କ୍ୟାରିୟରକୁ ଛାଡ଼ିଦେଇଥିଲେ। ବିଶେଷକରି କୃଷକ, ଦିନ ମଜୁରିଆ ଓ ସିଙ୍ଗଲ ମଦରଙ୍କ ପିଲାଙ୍କୁ ପଢ଼ାଇବା ସକାଶେ ଶେର୍‌ପା ଏହି ସ୍କୁଲ ଆରମ୍ଭ କରିଥିଲେ। ଏପରିକି ସେ ତାଙ୍କ ଘରକୁ ହଷ୍ଟେଲ କରିଦେଇଥିଲେ। ଏବେ ଏହି ସ୍କୁଲରେ ଅଶ୍ୱିନୀ ଲାଇବ୍ରେରି, କମ୍ପ୍ୟୁଟର ଲାବ୍, ବିଶୁଦ୍ଧ ପିଇବା ପାଣି, ଆଲୋକ ବ୍ୟବସ୍ଥା କରିପାରିଛନ୍ତି। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

### ୧୯ ଅଗଷ୍ଟ ୧୯୭୬

- ଦେଶର ୬୦ ହଜାର ରେଳ କର୍ମଚାରୀଙ୍କ ଦରମା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନାଗାଲାଣ୍ଡରେ ରାଷ୍ଟ୍ରପତି ଶାସନର ମିଆଦ ଆଉ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ରାଜ୍ୟ ସଭାରେ ଅନୁମୋଦିତ।

## ଚିରନ୍ତନୀ

ମରଣ ଅମା ଯେବେ ଆସେ ଘୋଟି ଚଉଦିଗ
ଶ୍ରାବଣ ନିଶା ସମ
ପ୍ରାଣେ ମମ ସଜନି ଗୋ !
ବିକଟ ଆଖି ତା'ର ରଖେ ମୋର ବାତୟନେ
ଆସଇ ଧୀରେ ଧୀରେ
ସଜନି ରେ ! ମୋ ଆଗଣେ ।

–(ମରଣ ପାଲି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 1 | | | 6 | | | |
| | 7 | | 2 | 8 | | | 1 | |
| | | | | | | | 3 | |
| | | 3 | | | | | | 1 |
| | | | 5 | | | 4 | | 8 |
| 2 | | 7 | | | | | | |
| 4 | | | | | | | 8 | 9 |
| | 3 | | | | | | 4 | |
| 6 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 9 | 1 | 7 | 5 | 3 | 8 |
| 7 | 1 | 3 | 6 | 8 | 5 | 4 | 9 | 2 |
| 5 | 8 | 9 | 4 | 3 | 2 | 7 | 6 | 1 |
| 1 | 3 | 5 | 8 | 2 | 6 | 9 | 4 | 7 |
| 9 | 2 | 6 | 7 | 5 | 4 | 1 | 8 | 3 |
| 8 | 4 | 7 | 1 | 9 | 3 | 2 | 5 | 6 |
| 3 | 5 | 8 | 2 | 4 | 1 | 6 | 7 | 9 |
| 6 | 9 | 1 | 5 | 7 | 8 | 3 | 2 | 4 |
| 4 | 7 | 2 | 3 | 6 | 9 | 8 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ସାଥୀ ବାବୁଆଣୀ

ମହାଶୟ,

ଗଣମାଧ୍ୟମରୁ ଦୁର୍ନୀତିଗ୍ରସ୍ତ ବାବୁଙ୍କ କଳା ସମ୍ପତ୍ତି ସମ୍ପର୍କରେ ଜାଣୁଛୁ। ବସ୍ତା ବସ୍ତା ନୋଟ୍ ଆଉ ମାଳ ମାଳ ପ୍ଲଟ୍ ଏସବୁ କିପରି ସେମାନେ ଉପାର୍ଜନ କରୁଛନ୍ତି ତାହା ଆଖି ତରାଟିବା ଭଳି ଖବର। ମଝିରେ ଜଣେ ବାବୁଙ୍କ ବାବୁଆଣୀ ଗଣମାଧ୍ୟମକୁ ଭିଜିଲାନ୍ସ ବିରୋଧରେ କହୁଥିବାର ଖବର ଦେଖିଥିଲୁ। ତେବେ ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ସ୍ତ୍ରୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ସ୍ତ୍ରୀମାନେ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମାତ୍ର ବାବୁମାନେ ଗିରଫ ହୋଇ ଜେଲ ଯାଉଛନ୍ତି ସିନା ଆଜିଯାଏ ବାବୁଙ୍କ ଦୁର୍ନୀତି ସାଥୀ ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରିନାହିଁ ।

**–ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୧୬ କଲେଜରେ ହେଲାନି ଆତ୍ମରକ୍ଷା କୌଶଳ ତାଲିମ

## ଅର୍ଥ ଫେରାଇବାକୁ ନିର୍ଦ୍ଦେଶ ଦେଲା ଉଚ୍ଚଶିକ୍ଷା ବିଭାଗ

ଯାଜପୁର,୧୮।୮
(ହର୍ଷବର୍ଦ୍ଧନ ବେହେରା)

ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। ଏହାର ପ୍ରତିକାର ପାଇଁ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବା ନିମନ୍ତେ ରାଜ୍ୟ ଯୁବନୀତି-୨୦୧୩ରେ ବ୍ୟବସ୍ଥା ରହିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା କିନ୍ତୁ ପ୍ରହସନ ପାଲଟିଛି। ବିଭାଗ ପକ୍ଷରୁ ଏହି ତାଲିମ ଦେବା ପାଇଁ ୨୦୨୪-୨୫ ବର୍ଷରେ ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ନ ହେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା ସମ୍ପୃକ୍ତ କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ଅର୍ଥ ଫେରେଇଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟର ଅନେକ କଲେଜରେ ଏହି ମହତ୍‌ ଯୋଜନାକୁ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟକାରୀ କରାଯାଉ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଫଳରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପରାହତ ହେଉଛି। ଏହି ଅନିୟମିତତାକୁ ଉଚ୍ଚଶିକ୍ଷା ବିଭାଗ ହୃଦୟଙ୍ଗମ କରି ୨୦୧୯-୨୦ ବର୍ଷରେ ଏକ ରଣନୀତି ପ୍ରସ୍ତୁତ କରିଥିଲା। ଯେଉଁ କଲେଜ ଏହି ନିର୍ଦ୍ଦେଶ ଅନୁପାଳନ କରିବ ନାହିଁ, ସେହି କଲେଜ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମସ୍ତ ନୋଡାଲ କଲେଜ, ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ, ଅନୁଦାନପ୍ରାପ୍ତ କଲେଜ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଥିଲା। ତଥାପି ଉକ୍ତ ଚେତାବନୀକୁ କଲେଜ କର୍ତ୍ତୃପକ୍ଷ ଫୁଁ କରି ଉଡ଼ାଇ ଦେଇଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଆତ୍ମରକ୍ଷା କୌଶଳ ତାଲିମ ପାଇଁ ରାଜ୍ୟର କଟକ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜକୁ ସର୍ବାଧିକ ୭୭,୩୦୦ ଟଙ୍କା ଏବଂ ଦ୍ୱିତୀୟରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜକୁ ୭୪,୪୦୦ ଟଙ୍କା ପ୍ରଦାନ କରାଯାଇଛି। ଯାଜପୁର ଜିଲାର ୧୯ଟି କଲେଜ ମଧ୍ୟରୁ ରାମବାଗ ଆଞ୍ଚଳିକ କଲେଜକୁ ୩୦,୭୦୦ ଟଙ୍କା, ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜକୁ ୨୯,୪୦୦ ଟଙ୍କା, ଚିତାଲୋ ଡିଗ୍ରୀ କଲେଜକୁ ୨୮,୨୦୦ ଟଙ୍କା ଦିଆଯାଇଛି। କିନ୍ତୁ କୌଣସି କଲେଜ କର୍ତ୍ତୃପକ୍ଷ ୧୫।୪।୨୦୨୫ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିନାହାନ୍ତି। ଫଳରେ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ କୌଣସି କଲେଜରେ ହୋଇ ନ ଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି।

ଆତ୍ମରକ୍ଷା କୌଶଳ ତଥା ମାର୍ଶଲ ଆର୍ଟ ଶିକ୍ଷା ନାରୀଙ୍କୁ ଶକ୍ତିଶାଳୀ କରିପାରିବ। ରାଜ୍ୟର ଅନେକ ଯୁବତୀ ମାର୍ଶଲ ଆର୍ଟ ଶିକ୍ଷା ଗ୍ରହଣ କରି ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ଏ ଦିଗରେ ବିଭିନ୍ନ ଆସୋସିଏଶନ କାର୍ଯ୍ୟ କରୁଛନ୍ତି। ମାର୍ଶଲ ଆର୍ଟ ବ୍ୟତୀତ ଛାତ୍ରୀମାନେ ବୌଦ୍ଧିକ, ଯୋଗାସନ, ଧ୍ୟାନ, ସଂଯମ, ସମାଜସେବା, ସ୍ୱାସ୍ଥ୍ୟରକ୍ଷା, ସୌଜନ୍ୟ ଓ ଶୃଙ୍ଖଳାଗତ ଜ୍ଞାନ ଆହରଣ କରି ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି। ତେଣୁ ଏହି ଶିକ୍ଷା ପ୍ରତି ଅଧିକାଂଶ ଅଭିଭାବକ ଓ ଛାତ୍ରୀମାନେ ଆକୃଷ୍ଟ ହୋଇଛନ୍ତି। ଏହିକ୍ରମରେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବା ପାଇଁ ସରକାର ଯୋଜନା କରିଥିଲେ ହେଁ କଲେଜ ଓ ସ୍କୁଲ କର୍ତ୍ତୃପକ୍ଷ ସେତେଟା ଆଗ୍ରହ ପ୍ରକାଶ କରିନାହାନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଭୋଗୁଥିବା ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ସ୍କୁଲ ଓ କଲେଜସ୍ତରରେ ଆତ୍ମରକ୍ଷା କୌଶଳକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।

# ମହାବଳ ବାଘ ଆତଙ୍କ, ଲୋକେ ଭୟଭୀତ

ଝାରସୁଗୁଡ଼ା, ୧୮।୮
(ଆଶିଷ ରଞ୍ଜନ ଦାଶ)



ବନବିଭାଗ ଅଧିକାରୀ ବାଘ ପାଦଚିହ୍ନ ପରୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ ଅଧୀନ ଭୁଜୁଲାପଡ଼ା, ଗଞ୍ଜୁଡିହି, କର୍ଲାଖମନ ଓ ଜାମମାଲ ଅଞ୍ଚଳରେ ସୋମବାର ସକାଳେ ମହାବଳ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବାଗଡିହି ଓ ପଡୋଶୀ ବାମରା ରେଞ୍ଜର ବନବିଭାଗ ଅଧିକାରୀ ପହଞ୍ଚି ପାଦଚିହ୍ନ ପରୀକ୍ଷା କରିବା ସହ ବାଘକୁ ଖୋଜାଖୋଜି କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ବାଘକୁ ଠାବ କରାଯାଇପାରି ନାହିଁ। ଏନେଇ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଙ୍ଗ କହିଛନ୍ତି, ମିଳିଥିବା ପାଦଚିହ୍ନରୁ ମହାବଳ ବାଘ ବୋଲି ଜଣାପଡ଼ିଛି। ରବିବାର ସୁନ୍ଦରଗଡ଼ ଅଞ୍ଚଳରୁ ମିଳିଥିବା ବାଘର ପାଦଚିହ୍ନ ସହ ସୋମବାର ଝାରସୁଗୁଡ଼ା ଅଞ୍ଚଳରେ ଦେଖିବାକୁ ମିଳିଥିବା ପାଦଚିହ୍ନ ସମାନ। ଝାରସୁଗୁଡ଼ା ଜିଲାରେ ପ୍ରଥମଥର ମହାବଳ ବାଘ ପ୍ରବେଶ କରିଛି। ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଟ୍ରାପ୍ କ୍ୟାମେରା ଲଗାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି। ଝାରସୁଗୁଡ଼ା ବନଖଣ୍ଡ ଓ ବାମରା ରେଞ୍ଜର ଅଧିକାରୀଙ୍କ ସମେତ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ସକାଳେ ଓ ସନ୍ଧ୍ୟାରେ ଏକୁଟିଆ ଘରୁ ବାହାରକୁ ନ ବାହାରିବା ପାଇଁ ମନୁଭଙ୍ଗ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲା ଲାଞ୍ଜିବାହାଲ ଜଙ୍ଗଲରେ ଉକ୍ତ ବାଘ ରବିବାର ଏକ ବାଛୁରୀକୁ ଶିକାର କରିଥିଲା। ଏହି ବାଘ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ସନ୍ଦେହ କରାଯାଉଛି।

# ପୁଣି ୬ ଆକ୍ରାନ୍ତ, ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଟିମ୍

ଆନନ୍ଦପୁର,୧୮।୮
(ସୁଶାନ୍ତ କୁମାର ସାହୁ)



ଡାକ୍ତରୀ ଟିମ୍ ଓ ପ୍ରଶାସନିକ ଅଧିକାରୀମାନେ ଗାଁରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## କୃଷ୍ଣପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

### ଗାଁରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କୃଷ୍ଣପୁର ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୨ ଦିନରେ ଗାଁରୁ ୨୫ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବେଳେ ସୋମବାର ଆଉ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରଶାସନ ପକ୍ଷରୁ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି।

ପ୍ରକାଶ ଯେ, ଗାଁରେ ଗତ ଦୁଇ ଦିନ ଧରି ଝାଡ଼ାବାନ୍ତିରେ ୨୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ସାଇଁକୁଳ ଏବଂ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ପୁଣି ଗାଁର ପ୍ରେମାନନ୍ଦ ନାୟକ, ସୁକାନ୍ତି ନାୟକ, ରୁବିନା ନାୟକ, ସଂଯୁକ୍ତା ମାଝୀ, ଝୁନ ମାଝୀ, ବିନୋଦ ବିହାରୀ ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସାଇଁକୁଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବିଜେଡି ନେତା ଦେବାଶିଷ ପାତ୍ର, ଭାଜପା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ସାଇଁକୁଳ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରର ଚିକିତ୍ସାଧିକାରୀ ଡା. ରାଜେନ୍ଦ୍ର ମୁର୍ମୁ, ଜିଲା ସ୍ୱାସ୍ଥ୍ୟ ବିଭାଗର ରାପିଡ ଟିମ୍ ପୀଡ଼ିତଙ୍କ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଗାଁରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବାକୁ ଗାଁରେ ସୋମବାରଠାରୁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ଡାକ୍ତରୀ ଟିମ୍ ସୁପାରିସ କରିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟିମ୍ ପାନୀୟ ଜଳ ପରୀକ୍ଷଣ ନିମନ୍ତେ ନମୁନା ସଂଗ୍ରହ କରିଥିଲା। ଏଥିସହିତ ପାନୀୟ ଜଳ ଉତ୍ସଗୁଡ଼ିକୁ ସଫା କରିବାର ବନ୍ଦୋବସ୍ତ କରିଛି। ତେବେ ଗାଁ ଲୋକେ ପାଣି ଫୁଟାଇ ପିଇବା ସହିତ ଆବଶ୍ୟକସ୍ଥଳେ ହାଲୋଜେନ ବଟିକା ପକାଇ ପାଣି ପିଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଥିଲା। ଏଥିସହ ଖୋଲା ସ୍ଥାନରେ ମଳତ୍ୟାଗ ନ କରିବାକୁ ବାରଣ କରାଯାଇଛି। ଗାଁର ଡ୍ରେନେଜ୍ ବ୍ୟବସ୍ଥା ସଫାସୁତୁରା ନ ଥିବାରୁ ପ୍ରତ୍ୟେକ ଡ୍ରେନ୍‌କୁ ସଫା କରାଯାଇ ବ୍ଲିଚିଂ ପକାଇବାକୁ ସ୍ୱେଚ୍ଛାସେବୀ ଏବଂ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଗାଁରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏକପ୍ରକାର ଭୟର ବାତାବରଣ ଖେଳିଯାଇଛି।

## ଆଇଇଡି ବିସ୍ଫୋରଣ: ଜଣେ ଯବାନ ଶହୀଦ, ୩ ଗୁରୁତର

ମାଲକାନଗିରି,୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ଆଇଇଡି ବିସ୍ଫୋରଣ ଘଟି ଜଣେ ଯବାନ ଶହୀଦ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ ଦିନେଶ ନାଗ। ରବିବାର ବିଜାପୁର ଡିଆର୍‌ଜି ଯବାନ କୋମ୍ବିଂ ଲାଗି ବିଜାପୁର ନ୍ୟାଶନାଲ ପାର୍କ ଅଞ୍ଚଳକୁ ଯାଇଥିଲେ। ସୋମବାର ସକାଳେ ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ କରୁଥିବା ବେଳେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ଯବାନ ଶହୀଦ ହୋଇଥିବା ବେଳେ ଅନ୍ୟ ୩ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିଜାପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ପୁଣି ଭୁଶୁଡ଼ିଲା ବିମାନବନ୍ଦର ପାଚେରି

ମାଲକାନଗିରି, ୧୮।୮
(ଦୁର୍ଯ୍ୟୋଧନ ପାତ୍ର)



ଭୁଶୁଡି ପଡିଥିବା ପାଚେରି।

ମାଲକାନଗିରି ସଦର ମହକୁମାଠାରୁ ୫ କି.ମି.ଦୂରରେ ନିର୍ମାଣ ହୋଇଥିବା ବିମାନବନ୍ଦର ପାଚେରି ସୋମବାର ଭୁଶୁଡ଼ି ପଡ଼ିଛି। ରବିବାର ରାତିରୁ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବିମାନବନ୍ଦରର ପ୍ରାୟ ୩୦ ଫୁଟ ପାଚେରି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ବିମାନବନ୍ଦର ଉଦ୍‌ଘାଟନର ଦେଢ ବର୍ଷ ହୋଇଥିବା ବେଳେ ଏହା ମଧ୍ୟରେ ଏହାକୁ ମିଶାଇ ୩ ଥର ପାଚେରି ଭାଙ୍ଗିବା ଦେଖିବାକୁ ମିଳିଛି। ପ୍ରଥମ ଥର ପାଚେରି ଭାଙ୍ଗିବା ସମୟରେ ବହୁ ଲୋକ ଆହତ ହୋଇଥିଲେ। ପରେ ପରେ ଦ୍ୱିତୀୟ ଥର ମଧ୍ୟ ପାଚେରି ଭାଙ୍ଗିଥିଲା। ଏହାକୁ ନେଇ ଜିଲାର ବିଭିନ୍ନ ରାଜନୈତିକ ଦଳ ବିମାନବନ୍ଦର କାର୍ଯ୍ୟ ନିମ୍ନମାନର ହୋଇଥିବା ଏବଂ ଏହା ଉଦ୍‌ଘାଟନ ହେବା ସମୟରେ ନିର୍ବାଚନ ଥିବାରୁ ତରବରିଆ ଭାବେ ଏହାକୁ ତିଆରି କରାଯାଇଥିବା ଅଭିଯୋଗ କରିଥିଲେ। ଗତ ବର୍ଷ ଜାନୁଆରୀରେ ବିମାନବନ୍ଦରର ଉଦ୍‌ଘାଟନ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେବା ଯୋଗାଇ ଦିଆଯାଇନାହିଁ। ଏଥିସହ ବିମାନ ବନ୍ଦରର ସମସ୍ତ କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଫଳରେ ବିମାନ ସେବା ଆରମ୍ଭ ହେବାରେ ବିଳମ୍ବ ହେଉଛି।

# ୭ ବଗି ଛାଡ଼ି ପଳାଇଲା ମାଲଗାଡ଼ି ଇଞ୍ଜିନ

ସିମୁଳିଆ, ୧୮।୮ (ସନ୍ତୋଷ ନାୟକ)



ଲେଭଲ କ୍ରସିଂ ନିକଟରେ ଅଟକି ରହିଥିବା ଟ୍ରେନ।

ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅଧୀନ ମାର୍କୋଣା ଷ୍ଟେଶନର ଲେଭଲକ୍ରସିଂ ନିକଟରେ ସୋମବାର ଅପରାହ୍ନରେ ଡାଉନ ଲାଇନରେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ ଇଞ୍ଜିନ ବଗିରୁ ଅଲଗା ହୋଇ ସୋର ଅଭିମୁଖେ ଚାଲିଯାଇଥିଲା। ପରେ ଟ୍ରେନ ପଛକୁ ଫେରି ୭ଟି ବଗିଗୁଡ଼ିକୁ ଯୋଡ଼ି ଆଗକୁ ଯାଇଥିଲା।

ଟ୍ରେନଟି ଲେଭଲକ୍ରସିଂ ଅତିକ୍ରମ କରିବା ବେଳେ ହଠାତ୍ ପଛପଟୁ ୭ଟି ବଗି ଛିଡି ଅଲଗା ହୋଇଯାଇଥିଲା। ପରେ ଇଞ୍ଜିନ ସହିତ ସଂଯୋଗ ଥିବା ଅନ୍ୟ ବଗିଗୁଡିକ କିଛି ବାଟ ଆଗକୁ ଚାଲିଯାଇଥିଲା। ବଗି ଛିଡ଼ିଥିବା ସମ୍ପର୍କରେ ଜାଣିବା ପରେ ଲେଭଲକ୍ରସିଂ ସିଗନାଲ ଅଫିସର, ଲୋକୋ ପାଇଲଟ ଏବଂ ଷ୍ଟେସନ ମାଷ୍ଟର ଉଭୟ ପରସ୍ପର ଯୋଗାଯୋଗ କରିଥିଲେ। ତୁରନ୍ତ ରେଲୱେ ପୋଲିସ ମୁତୟନ କରାଯାଇ ଲେଭଲକ୍ରସିଂକୁ ବନ୍ଦ ରଖାଯାଇଥିଲା। ଲୋକୋ ପାଇଲଟ ଇଞ୍ଜିନକୁ ପଛକୁ ଆଣି ଛିଡିଯାଇଥିବା ବଗି ନିକଟକୁ ନେଇଥିଲେ ଏବଂ ଯାନ୍ତ୍ରିକ ଟିମ୍ ଉଭୟକୁ ସଂଯୋଗ କରିବା ପରେ ଟ୍ରେନଟି ସମସ୍ତ ବଗି ନେଇ ଆଗକୁ ଗଡିଥିବା ସୂଚନା ମିଳିଛି। ଏଥିପାଇଁ ଲେଭଲକ୍ରସିଂ ନିକଟରେ ପ୍ରାୟ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଉଭୟ ପାର୍ଶ୍ୱ ଫାଟକକୁ ବନ୍ଦ ରଖାଯାଇଥିଲା। ଉଭୟ ପାର୍ଶ୍ୱରେ ଗମନାଗମନ ବନ୍ଦ ରହିଥିଲା। ସେହିପରି ବିଭିନ୍ନ ଟ୍ରେନ ମଧ୍ୟ ବିଳମ୍ବରେ ଚାଲିଥିଲା।

## ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କଲା ଭାଜପା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଭୁବନେଶ୍ୱର ସାଙ୍ଗଠନିକ ଜିଲା ଅନ୍ତର୍ଗତ ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ସ୍ମୃତିରଞ୍ଜନ ଦାସଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ସେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ଯୋଗୁ ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ଏଥିଲାଗି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୁଦର୍ଶନ ନାୟକ ସୋମବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ବ୍ରଜରାଜନଗର ଷ୍ଟେଶନରୁ ୨୦ ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇ ଜବତ

ବ୍ରଜରାଜନଗର,
୧୮।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ରେଳଷ୍ଟେଶନରୁ ରବିବାର ବିଳମ୍ବିତ ରାତିରେ ୨୦ଟି ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇକୁ ଆର୍‌ପିଏଫ୍ ଜବତ କରିଛି। ସୂଚନା ଅନୁଯାୟୀ, ମୁମ୍ବାଇର ଆମିନ ସୟଦ୍, ସ୍ତ୍ରୀ ଓ ୪ ମାସର ଶିଶୁପୁତ୍ର ସହିତ ଏହି ବିଲେଇକୁ ନେଇ ମୁମ୍ବାଇ-ସାଲିମାର୍ ଟ୍ରେନ୍‌ରେ ମୁମ୍ବାଇରୁ କୋଲକାତାର ସାନ୍ତ୍ରାଗାଛି ଅଭିମୁଖେ ଯାଉଥିଲେ। ଟ୍ରେନ୍‌ଟି ବ୍ରଜରାଜନଗର ଷ୍ଟେଶନରେ ରାତି ପ୍ରାୟ ସାଢ଼େ ୨ଟାରେ ପହଞ୍ଚିବା ପରେ ଆର୍‌ପିଏଫ୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଦମ୍ପତିଙ୍କ ପାଖରେ ୨୦ଟି ବିଲେଇ ଥିବା ଜଣାପଡିଥିଲା। ପରେ ଦମ୍ପତିଙ୍କୁ ଅଟକ ରଖାଯିବା ସହ ଉକ୍ତ ବିଲେଇ ଜବତ କରାଯାଇଛି। ସାନ୍ତ୍ରାଗାଛିର ଏକ ଫାର୍ମରେ ଏହି ବିଲେଇକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏନେଇ ସହ ତଦନ୍ତ ଜାରି ରହିଛି।

# ମୋ ପ୍ରିୟ ଫଟୋ

## ବିଶ୍ୱ ଫଟୋଗ୍ରାଫି ଦିବସ ଆଜି

ପ୍ରତିବର୍ଷ ଅଗଷ୍ଟ ୧୯ରେ ପାଳନ ହୋଇଆସୁଛି ବିଶ୍ୱ ଫଟୋଗ୍ରାଫି ଦିବସ। ଏହା ଫଟୋଗ୍ରାଫିର କଳା, ବିଜ୍ଞାନ ଏବଂ ଇତିହାସକୁ ପ୍ରଶଂସା କରିବା ପାଇଁ ଉତ୍ସର୍ଗୀକୃତର ଏକ ଦିନ। ୧୮୩୭ ମସିହାରେ ବିକଶିତ ଏକ ଫଟୋଗ୍ରାଫିକ୍ ପ୍ରକ୍ରିୟା, ଡାଗୁରେଓଟାଇପର ଉଦ୍ଭାବନକୁ ସ୍ମରଣକରିବା ଲାଗି ୧୯୯୧ ମସିହାରେ ଏହି ଦିବସକୁ ପ୍ରଥମେ ସ୍ୱୀକୃତି ଦିଆଯାଇଥିଲା। ତେବେ ଚଳିତ ବର୍ଷ ଉକ୍ତ ଦିବସର ବିଷୟବସ୍ତୁ ରହିଛି 'ମୋ ପ୍ରିୟ ଫଟୋ'। ଏହି ବିଷୟବସ୍ତୁ ଲୋକମାନଙ୍କୁ ସେମାନଙ୍କ ଦ୍ୱାରା ଉଠାଯାଇଥିବା ଏକ ଫଟୋଗ୍ରାଫି ଶେୟାର କରିବା ସହ ଏହା ପଛରେ ଥିବା କାହାଣୀକୁ ମଧ୍ୟ ଶେୟାର କରିବାକୁ ଉତ୍ସାହିତ କରେ, ଯାହା ଫଟୋଗ୍ରାଫର ଏବଂ ସେମାନଙ୍କ କାମ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କକୁ ପ୍ରୋତ୍ସାହିତ କରିଥାଏ। ତେବେ



ଏହା ବିଭିନ୍ନ କାରଣରେ ଏକ ଉତ୍ସବ ଯାହା ଲୋକମାନେ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୁଅନ୍ତି, ଜୀବନକୁ ଡକ୍ୟୁମେଣ୍ଟେଶନ କରିବା, ସୌନ୍ଦର୍ଯ୍ୟକୁ କଏଦ କରିବା କିମ୍ବା ଏକ ମୁହୂର୍ତ୍ତକୁ ସଂରକ୍ଷଣ କରିବା ପାଇଁ ଉଦ୍ଦିଷ୍ଟ।




### ଅଜଣା ଗାଡ଼ି ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ବ୍ଲକ ଜେକେପୁରସ୍ଥିତ ଜେକେ ପେପର ମିଲ୍ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତ୍ରିନାଥ ମିଶ୍ର (୫୬)। ଖବରପାଇ ଚାନ୍ଦିଲି ପୋଲିସ ତ୍ରିନାଥଙ୍କୁ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ସାର ନ ମିଳିବାରୁ ଲ୍ୟାମ୍ପ୍ସରେ ତାଲା ପକାଇଲେ ଚାଷୀ

କଲ୍ୟାଣସିଂହପୁର,୧୮।୮ (ଦୀପକ କୁମାର ପରିଡ଼ା)


କଲ୍ୟାଣସିଂପୁର ଲ୍ୟାମ୍ପସ ସମ୍ମୁଖରେ ଚାଷୀଙ୍କ ଭିଡ଼।

ରାୟଗଡ଼ା ଜିଲା କଲ୍ୟାଣସିଂପୁର ବ୍ଲକ ସଦର ବୃହଦାକାର ଆଦିବାସୀ ସମବାୟ ସମିତି କାର୍ଯ୍ୟାଳୟରେ ୟୁରିଆ ସାର ନେବାକୁ ସୋମବାର ଚାଷୀଙ୍କ ଭିଡ଼ ଜମିଥିଲା। ଲ୍ୟାମ୍ପସ କାର୍ଯ୍ୟାଳୟରେ ନେଟୱର୍କ ସ୍ଲୋ ଥିବାରୁ ଚାଷୀଙ୍କ ଡକ୍ୟୁମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ଚାଷୀମାନେ ଉତ୍ତେଜି ହୋଇ ରାସ୍ତାରୋକ କରିବା ସହିତ ଲ୍ୟାମ୍ପ୍ସରେ ତାଲା ପକାଇ ଦେଇଥିଲେ। କଲ୍ୟାଣସିଂପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା, ତହସିଲଦାର ଏବଂ ରାୟଗଡ଼ା ଏଆରସିଏସ୍ ଜନ୍ମେଜୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୋମବାର ଜଣେ ଚାଷୀଙ୍କ ପିଛା ଜମିର ପରିମାଣକୁ ଦେଖି ସାର ପ୍ରଦାନ କରାଯିବ। ମଙ୍ଗଳବାରଠାରୁ ନିଜ ନିଜ ପଞ୍ଚାୟତରେ ଆବଶ୍ୟକ ଅନୁଯାୟୀ ସାର ଯୋଗାଇ ଦିଆଯିବ ବୋଲି ଏଆରସିଏସ୍ ମହାପାତ୍ର ଚାଷୀଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ୟୁରିଆ ଡିଏପିଏ ନାନ ଭଳି ଲିକ୍ୟୁଡ୍ ସାର ନେବା ପାଇଁ ସକାଳ ୭ଟାରୁ ଦିନ ତମାମ କଲ୍ୟାଣସିଂପୁର ଲ୍ୟାମ୍ପସ୍ ପରିସରରେ ଚାଷୀଙ୍କ ଲମ୍ୱାଲାଇନ ଲାଗିଥିଲା। ଲ୍ୟାମ୍ପସ କାର୍ଯ୍ୟାଳୟରେ ନେଟୱର୍କ ସ୍ଲୋ ଥିବାରୁ ଚାଷୀଙ୍କ ଡକ୍ୟୁମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ଚାଷୀମାନେ ଉତ୍ତେଜି ହୋଇ ପାଟିତୁଣ୍ଡ କରିଥିଲେ। କୌଣସି ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସ୍ଆଇ ଦିଲ୍ଲୀପ ମାଝୀ, ହେମନ୍ତ କୁମାର ବରିଆଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା। ଲୋକଙ୍କ ଭିଡ଼ ଯୋଗୁ ଟ୍ରାଫିକ ଜାମ ହେବା ସହିତ ଉକ୍ତ ରାସ୍ତା ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଏବଂ ରୋଗୀବୁହା ଗାଡି ମଧ ଯାତାୟାତ କରିପାରି ନଥିଲା। ଏ ବିଷୟରେ ଏଆରସିଏସ୍ ଜନ୍ମେଜୟ ମହାପାତ୍ରଙ୍କୁ ପଚାରିବାରୁ ନେଟୱର୍କ ପ୍ରୋବ୍ଲେମ୍ ଯୋଗୁଁ ପଞ୍ଜୀକରଣ କରି ଚାଷୀଙ୍କୁ ସାର ଦେବାରେ ଅସୁବିଧା ହୋଇଥିଲା । ଏବେ ଠିକ୍‌ଠାକ ଚାଲିଛି ବୋଲି କହିଥିଲେ। ଯେଉଁମାନେ ସାର ପାଇନାହାନ୍ତି ସେମାନଙ୍କ ଆଧାରକାର୍ଡ ରଖାଯାଇଛି ମଙ୍ଗଳବାର ଦିଆଯିବ ବୋଲି କହିଥିଲେ।

## ୨୮ ଅଭିଯୋଗ ଶୁଣିଲେ ଜିଲାପାଳ


ଛାତ୍ରୀମାନେ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ।

ଚନ୍ଦ୍ରପୁର,୧୮।୮(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଏସ୍. ସ୍ୱାତି କୁମାର, ସିଡିଏମ୍ଓ ଭି. ସରୋଜିନୀ ଦେବୀ, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ କଇଁନ କିମ୍ବକା, ସିଡିପିଓ ଗୀତାରାଣୀ ସାହୁ, ବିଇଓ ଗଣେଶ ଶବର, ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ଅନୀଲ କୁମାର ବାଲା, ଜିପିଇଓ ରାଜେନ୍ଦ୍ର କୁମାର ପାଳ, ବ୍ଲକ ନିର୍ବାହୀ ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୧୬ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଶେଷକରି ଚନ୍ଦ୍ରପୁର ସଦର ମହକୁମାରେ ଥିବା ମହିଳା ବିଜ୍ଞାନ ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ଖୁବ୍‌ଶୀଘ୍ର ଅଧ୍ୟାପକ ନିଯୁକ୍ତି ଦାବିକରି ଛାତ୍ରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ରାସ୍ତା ନିର୍ମାଣ, ଭତ୍ତା, ବିଭିନ୍ନ ଉନ୍ନୟନମୂଳକ କାମର ଅଗ୍ରଗତି, ବ୍ଲକ ତରଫରୁ ନିର୍ମାଣାଧୀନ ନୂତନ କାମର ସୂଚନା ଫଳକ ଲଗାଯାଉ ନ ଥିବା ଏବଂ ବିଭିନ୍ନ ଉନ୍ନୟନମୂଳକ କାମର ଠିକ୍ ଭାବେ ତଦାରଖ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ବୈଠକରେ ଶିକ୍ଷା, କୃଷି, ମୃତ୍ତିକା ସଂରକ୍ଷଣ ଭଳି ପ୍ରମୁଖ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅପହୃତା ଝିଅକୁ ଫେରାଇ ଆଣିବାକୁ ମନମୋହନଙ୍କୁ ନିବେଦନ

ମୁନିଗୁଡ଼ା,୧୮।୮ (ନନ୍ଦ କିଶୋର ପଟ୍ଟନାୟକ)

ଅପହୃତା ଝିଅକୁ ଫେରାଇ ଆଣିବାକୁ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଏକ ଦମ୍ପତି ଭୁବନେଶ୍ୱରରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଭେଟି ନିବେଦନ କରିଛନ୍ତି। ସାମଲ ଏହି ଖବର ଶୁଣି ତୁରନ୍ତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଇବା ସହ ଅତିଶୀଘ୍ର ପଦକ୍ଷେପ ନେବାକୁ କହିଥିଲେ। ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପୋଲିସ ଉଚ୍ଚ ଅଧିକାରୀମାନଙ୍କୁ ସୂଚିତ କରାଇ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିବା ମୁନିଗୁଡା ଅଞ୍ଚଳର ଭାଜପା ନେତା ରାମଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଚନ୍ଦ୍ରପୁର ବ୍ଲକ୍ ବୁଡୁବାଲି ପଞ୍ଚାୟତ ଅନ୍ତର୍ଗତ ଗେର୍ଡନବାଟା ଗ୍ରାମର ଦମ୍ପତି ସୁକାନ୍ତି ଗଗେରଙ୍ଗା ଓ ଶ୍ରୀରାମ ଗଗେରଙ୍ଗାଙ୍କ ଅଭିଯୋଗ ଅନୁସାରେ, ଯୁକ୍ତ ୨ରେ ପଢୁଥିବା ତାଙ୍କ ଝିଅ ଗିବିକା ଗଗେରଙ୍ଗା ଛୁଟିରେ ଘରକୁ ଆସିଥିଲେ। ଏହି ସମୟରେ ଜଣେ ବିବାହିତ ଯୁବକ ସଞ୍ଜୟ କ୍ରିଟାଙ୍ଗା ଗତ ଜୁନ୍ ୨୬ରେ ତାଙ୍କ ଝିଅକୁ ଫଶାଇ କେଉଁଆଡେ ନେଇ ଚାଲି ଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଗତ ଜୁନ୍ ୨୭ ତାରିଖରେ ଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ଅଦ୍ୟାବଧି ଝିଅର ସନ୍ଧାନ ମିଳିପାରି ନାହିଁ। ସଞ୍ଜୟ ତାଙ୍କ ଝିଅକୁ ନେଇ କେରଳର ଇଦୁକ୍କୀ ଜିଲାରେ ଥିବା ଏକ ମିଶନରେ ଛାଡି ଦେଇଥିବା କୌଣସି ସୂତ୍ରରୁ ସେମାନେ ଖବର ପାଇଥିଲେ। ପରେ ଉଭୟ ସ୍ୱାମୀ ସ୍ତ୍ରୀ ଇଦୁକ୍କି ଜିଲା ପୋଲିସ ସହାୟତାରେଉକ୍ତ ମିଶନରେ ପହଞ୍ଚିଥିଲେ ମଧ ସଞ୍ଜୟ ଝିଅକୁ ସେଠାରୁ ଅନ୍ୟତ୍ର ନେଇ ଚାଲିଯାଇଥିବା ଜାଣିବାକୁ ପାଇଥିଲେ। ସେଠାରେ ସେମାନେ କିଛିଦିନ ଖୋଜାଖୋଜି କରିଥିଲେ ମଧ ଝିଅକୁ ନ ପାଇ ନିରାଶ ହୋଇ ଘରକୁ ଫେରି ଆସିଥିବା କହିଛନ୍ତି। ଝିଅକୁ ଉଦ୍ଧାର ପାଇଁ ସେମାନେ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା କହିଛନ୍ତି। ଝିଅକୁ ଉଦ୍ଧାର ପାଇଁ ସେମାନେ ଭାଜପା ନେତା ରାମଚନ୍ଦ୍ର ବେହେରାଙ୍କୁ ଭେଟି ନିବେଦନ କରିଥିଲେ। ବେହେରା ସେମାନଙ୍କୁ ଭୁବନେଶ୍ୱରରେ ରାଜ୍ୟ ବିଜେପି ସଭାପତି ସାମଲଙ୍କୁ ଭେଟ କରାଇବା ସହ ସେମାନଙ୍କ ନିଖୋଜ ଝିଅ ବିଷୟରେ ଜଣାଇଥିଲେ। ଏ ସମ୍ପର୍କରେ ବେହେରା ରାୟଗଡ଼ା ଏସ୍‌ପିଙ୍କୁ ଅବଗତ କରାଇବା ପରେ ପୋଲିସ ସ୍ତରରେ ସକ୍ରିୟତା ଦେଖାଦେଇଛି। ତେବେ ଏହି ନିଖୋଜ ପଛରେ ମହିଳା ଚାଲାଣ ର୍ୟାକେଟ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଚନ୍ଦ୍ରପୁର, କନ୍ଧମାଳ ଓ ଦାରିଙ୍ଗିବାଡି ଅଞ୍ଚଳରୁ ଗରିବ ଅନୁସୂଚିତ ଜାତି, ଜନଜାତି ଝିଅଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କେରଳ ନେଇ ସେଠାରେ ବିଭିନ୍ନ ମିଶନରେ ଛାଡୁଛନ୍ତି। ଏଥିରେ ଅନେକ ବ୍ୟକ୍ତି ସେମାନଙ୍କୁ ସହାୟତା କରୁଛନ୍ତି। ଏହାର ତଦନ୍ତ ହେଲେ ଅନେକ କିଲେଙ୍କାରି ରହସ୍ୟର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସେମାନେ କହିଛନ୍ତି।


ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଦାବିପତ୍ର ଦେଉଛନ୍ତି।

## ପଞ୍ଚାୟତିରାଜ ସଚିବଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

- ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ
- ଲିମାମେଡ଼ାକୁ ମେଗା ଜଳସେଚନ ପ୍ରକଳ୍ପରେ ସଂଯୋଗ ଦାବି

ଗୁଣପୁର,୧୮।୮(ପ୍ରଦୀପ କୁମାର ପାଢ଼ୀ)


ଗ୍ରାମବାସୀ ସଚିବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍ଏନ୍ ସୋମବାର ଗୁଣପୁର ଗସ୍ତରେ ଆସି ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଉକ୍ତ ଡାକ୍ତରଖାନାରେ ୫୦ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ମାତ୍ର ୮ ଜଣ ଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ୱାର୍ଡରେ ଥିବା ବେଡ୍‌ରେ ବେଡ୍‌ଶିଟ ନିୟମିତ ଭାବରେ ପରିବର୍ତ୍ତନ ହେଉ ନ ଥିବା ଓ ଦାୟିତ୍ୱରେ ଥିବା କମ୍ପାନୀ ଏହି ନିୟମକୁ ଠିକ୍ ଭାବେ ପାଳନ କରୁ ନ ଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ। ଏହାସହ ୧୦୦ ଶଯ୍ୟାବିଶିଷ୍ଟ ନୂତନ କୋଠା ୨୦୨୪ ଏପ୍ରିଲ ସୁଦ୍ଧା ସରିବାକୁ ଥିବାବେଳେ ତୁରନ୍ତ କାର୍ଯ୍ୟସାରି ହସ୍ତାନ୍ତର କରିବାକୁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ କହିଥିଲେ । ସେ ବିଭିନ୍ନ ୱାର୍ଡ ବୁଲିବା ସହ ନୂତନ ଭାବେ ନିର୍ମାଣ ହେଉଥିବା ଆହାର କେନ୍ଦ୍ର ଗୃହ, ଏକ୍ସ-ରେ ରୁମ୍, ଔଷଧ ବିତରଣ କେନ୍ଦ୍ର ଓ ଆନୁସଙ୍ଗିକ କୋଠା ଓ ପରିସରକୁ ଟିକିନିଖି ଅନୁଧ୍ୟାନ କରିଥିଲେ । ଏହାପରେ ସଚିବ ଗୁଣପୁର ବ୍ଲକ୍‌ର କୁଲସିଂ ପଞ୍ଚାୟତ ଆବସିଙ୍ଗି ଯାଇ ସେଠାରେ ଚାଲିଥିବା ଜନ ଧନ ଯୋଜନାର ସମୀକ୍ଷା କରିବା ସହ ପାନୀୟ ଜଳ ପ୍ରକଳ୍ପର ତଦାରଖ କରିଥିଲେ । ଏଠାରେ ସୋଲାର ଦ୍ୱାରା ପାନୀୟ ଜଳ ଯେମିତି ଶୀଘ୍ର ଘରେ ପହଞ୍ଚିବ ସେଥିପ୍ରତି ଯତ୍ନବାନ୍ ହେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପୁଟାସିଂରେ ପହଞ୍ଚି ବିରଳ ଜନଜାତି ଲାଞ୍ଜିଆ ସଉରା ଆଦିବାସୀ ନୃତ୍ୟ କରି ତାଙ୍କୁ ସ୍ୱାଗତ କରିଥିଲେ । ସେଠାରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବାଳିକା ହାଇସ୍କୁଲ ଓ ହଷ୍ଟେଲ ପରିଦର୍ଶନ କରି ଅନ୍ତେବାସୀଙ୍କୁ ସେମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ରିଜିଙ୍ଗତାଲ ଗ୍ରାମକୁ ଯାଇ ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର କେମିତି ଚାଲିଛି ତା'ର ତଦାରଖ କରିଥିଲେ। ଶେଷରେ ଲିମାମେଡାଠାରେ ଚାଲିଥିବା ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିବାରୁ ୬ ମାସ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ଗ୍ରାମବାସୀ ଏହି ଜଳଯୋଗାଣରୁ ବଞ୍ଚିତ ହେଉଥିବାରୁ ସେମାନଙ୍କୁ ଏହାର ସୁବିଧା ଯୋଗାଇଦେବା ପାଇଁ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଲିମାମେଡା ଗ୍ରାମକୁ ମେଗା ଜଳ ଯୋଗାଣରେ ସାମିଲ କରିବାକୁ ସେ କହିଥିଲେ । ଏହି ଗସ୍ତ ସମୟରେ ରାୟଗଡ଼ା ପିଡି ଡିଆର୍‌ଡିଏ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ରାୟଗଡ଼ା ଡିପିଏମ୍ ଲକ୍ଷ୍ମୀଧର ମହାପାତ୍ର, ଗୁଣପୁର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରଦୀପ କୁମାର ପଣ୍ଡା, ବିଡିଓ ସ୍ୱସ୍ତିକ ଜମାଦାର, ଗୁଣପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସ କୁମାର ନାହାକ, ସିଡିପିଓ ସୁଷମା ପ୍ରସାଦଙ୍କ ସହ ବିଭିନ୍ନ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ମିରାବାଲିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ରାୟଗଡ଼ା,୧୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକର ମିରାବାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ବିଡିଓ ସୁଜିତ କୁମାର ମିଶ୍ର ଲୋକଙ୍କ ସମସ୍ୟାଗୁଡିକୁ ବିଭାଗ ଅନୁଯାୟୀ ସମାଧାନ ନିମନ୍ତେ ହସ୍ତାନ୍ତର କରିଥିଲେ। ମୋଟ ୧୬ଟି ଅଭିଯୋଗ ମଧ୍ୟରୁ ୨ଟି ସାମୂହିକ ଓ ଅବଶିଷ୍ଟ ବ୍ୟକ୍ତିଗତ ଥିଲା। ଡେଙ୍ଗାଯୋଡି ଗ୍ରାମଠାରୁ କାରୁବାଇ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଏହାର ମରାମତି ପାଇଁ ଗ୍ରାମବାସୀ ଦାବି କରିଥିଲେ। ସେହିପରି ଜାଙ୍ଗିଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତ୍ର ସମୟରେ ଡାକ୍ତର ରହୁ ନ ଥିବା ଅଭିଯୋଗ ହୋଇଥିଲା । ଅନ୍ତୋଦୟ ଗୃହ ଯୋଜନାରେ ଦୁଇଟି, ଭତ୍ତା ନିମନ୍ତେ ୧୧ଟି ଅଭିଯୋଗ ଆସିଥିଲା । ଅଭିଯୋଗଗୁଡିକର ସମାଧାନ ନିମନ୍ତେ ସମ୍ପୃକ୍ତ ଉପବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସରପଞ୍ଚ ଅଶୋକ ପୁଆଲା, ନିର୍ବାହୀ ଅଧିକାରୀ ମୃଣାଳକାନ୍ତି ସାହୁ, ସିଡିପିଓ ମିନାକ୍ଷୀ ଦାଶ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ସୁନା, ପଶୁଧନ ଅଧିକାରୀ ଡ. ସୁବ୍ରତ ପାଣିଗ୍ରାହୀ, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ଯୋଗଦେଇଥିଲେ ।



ଉପଜିଲାପାଳ, ବିଡିଓ ଏବଂ ଅନ୍ୟମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

## ଯୁକ୍ତ ୩ମହିଳା ମହାବିଦ୍ୟାଳୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗୁଣପୁର,୧୮।୮(ପ୍ରଦୀପ କୁମାର ପାଢ଼ୀ)


ଆନ୍ଦୋଳନରତ କଲେଜ କର୍ମଚାରୀ ।

ଓସ୍‌ନାଲିୟା ସଂଘର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଥାୟାରାମ୍ମା ମହିଳା ସ୍ନାତକ ମହାବିଦ୍ୟାଳୟର କର୍ମଚାରୀମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ନିମନ୍ତେ ଦାବି ରଖି ଏହି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇଛି। ଶିକ୍ଷା ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାସରାୟ, ଓଡ଼ିଆ ଅଧ୍ୟାପିକା ଅନୁପମା ତୁଳ, ହେମଲତା ବାଜୁବନ୍ଧ, ପାଠାଗାର ରକ୍ଷକ ଚନ୍ଦ୍ର ଶେଖର ପଣ୍ଡା, କିରାଣୀ ନରସିଂହ ସାହୁ, ୪ ର୍ଥ ଶ୍ରେଣୀ କର୍ମଚାରୀ ଅଜୟ କୁମାର ରାଜୁ ପ୍ରମୁଖ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ଜୁଆ ଆଡ୍ଡାରେ ଚଢ଼ାଉ:୯୦ ହଜାର ଟଙ୍କା ଜବତ, ୯ ଗିରଫ

ଗୁଣପୁର,୧୮।୮(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ପୋଲିସ ଚାଲକମ୍ବା ପଞ୍ଚାୟତର କାଲମା ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢାଉ କରି ୯୦,୨୦୦ ଟଙ୍କା ସହ ଦୁଇଟି ବାଇକ୍‌କୁ ଜବତ କରିଛି । ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ସେମାନେ ସୋମବାର ପୋଲିସ ଜାମିନରେ ଯାଇଛନ୍ତି । ପୋଲିସ୍ ଅଭିଯୁକ୍ତଙ୍କ ନାମ ପ୍ରକାଶ କରି ନ ଥିବାରୁ ବୁଦ୍ଧିଜୀବି ମହଲରେ ପ୍ରଶ୍ନ ଉଠିଛି।

## ଗଞ୍ଜେଇ ଚାଷ ମାମଲା, ଅଭିଯୁକ୍ତ ଖଲାସ

ଗୁଣପୁର,୧୮।୮(ପ୍ରଦୀପ କୁମାର ପାଢୀ)

ଗୁଣପୁର ଏଡିଜେ ଦେବଦତ୍ତ ପଟ୍ଟନାୟକ ସୋମବାର ଗଞ୍ଜେଇ ଚାଷ କରି ଗିରଫ ହୋଇଥିବା ମାମଲାର ଶୁଣାଣି କରି ଅଭିଯୁକ୍ତ ଭାଗିରଥୀ ଶବରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୦ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାରୁ ଜଣାଯାଏ, ରାମନାଗୁଡା ବ୍ଲକ ଅଧୀନ ତୁମୁରି ଏବଂ ତୁମୁରିଗୁଡା ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ଖବରପାଇ ୨୦୧୬ ଡିସେମ୍ବର ୩ତାରିଖରେ ଗୁଣପୁର ପୋଲିସ, ଅବକାରୀ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଧାନ ଏବଂ କପା ଫସଲ ହୋଇଥିବା ଅଞ୍ଚଳର ୧୪ ଏକର ସରକାରୀ ଏବଂ ବେସରକାରୀ ଜମିରେ ଚାଷ ହୋଇଥିବା ୨୧ ହଜାର ଗଞ୍ଜେଇ ଗଛ କଟାଯାଇ ପୋଡି ନଷ୍ଟ କରାଯାଇଥିଲା। ଏହି ମାମଲାରେ ପୋଲିସ ଭାଗିରଥୀଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ କେଶବ ଶବର ଫେରାର ହୋଇଯାଇଥିଲେ। ଏହି ମାମଲାର ବିଚାର ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ସେନାପତି ଏବଂ ଅଭିଯୁକ୍ତଙ୍କ ପାଇଁ ଦୁର୍ଗା ପ୍ରସାଦ ମଣିପାତ୍ର ଓ ଗୌରି ଶଙ୍କର ଦାସ ମାମଲା ପରିଚାଳନା କରୁଥିଲେ।

## ଆଶା, ଆଶଙ୍କାରେ ପଦ୍ମପୁରକୁ ଏନ୍ଏସି ଘୋଷଣା

ପଦ୍ମପୁର, ୧୮।୮(ପ୍ରଶାନ୍ତ କୁମାର କର)

ରାଜ୍ୟର ୭ ଜିଲାରେ ୧୨ଟି ନୂଆ ବିଜ୍ଞାପିତ ପରିଷଦ ଅଞ୍ଚଳ ଗଠନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ରାୟଗଡ଼ା ଜିଲାରେ କେବଳ ବିଷମ କଟକକୁ ସ୍ଥାନିତ କରାଯାଇଥିବାବେଳେ ଦୀର୍ଘଦିନରୁ ଦାବି ହୋଇଆସୁଥିବା ପଦ୍ମପୁରକୁ ପ୍ରଥମ ପର୍ଯ୍ୟାୟରୁ ବାଦ୍ ଦିଆଯାଇଛି। ପଦ୍ମପୁର ଏନ୍ଏସି ହେବା ପାଇଁ ଯୋଗ୍ୟ ଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା ହୋଇପାରୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

୨୦୧୧ ଜନଗଣନା ଅନୁଯାୟୀ, ପଦ୍ମପୁରରେ ୧୫ ହଜାରରୁ ଅଧିକ ଜନସଂଖ୍ୟା। ଏବେ ତାହା ଦୁଇଗୁଣ ବଢ଼ିଯାଇଛି। ତଥାପି ଏହା ଏନ୍ଏସି ହୋଇପାରୁନାହିଁ। ଏହା ପୂର୍ବରୁ ପଦ୍ମପୁର ବ୍ୟବସାୟୀ ସଂଘ, ବିଭିନ୍ନ ଅନୁଷ୍ଠାନ ତଥା ଦଳଗତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେଇ ଦାବି କରୁଥିଲେ ମଧ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ପଦ୍ମପୁରକୁ ଏନ୍ଏସି ଘୋଷଣା ଦାବିରେ ୨୦୧୭ରେ ପଦ୍ମପୁର ବ୍ଲକ୍ ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଧାରଣା ଦେଇଥିଲେ। ପରେ ଗତ ସରକାର ଅମଳରେ ୫-ଟି ସଚିବଙ୍କ ଗସ୍ତ ସମୟରେ ମଧ ଏଠାକାର ଜନସାଧାରଣ ଭିକେ ପାଣ୍ଡିୟାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏନ୍ଏସି ଘୋଷଣା ହୋଇପାରିଲାନି। କେଉଁ କାରଣରୁ ଏହାକୁ କରେଇ ଦିଆଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗତ ମାର୍ଚ୍ଚ ୫ରେ ପତ୍ର ସଂଖ୍ୟା ୭୧୪ରେ ପଦ୍ମପୁରକୁ ଏନ୍ଏସି ମାନ୍ୟତା ପାଇଁ ଏକ ବିସ୍ତୃତ ପ୍ରସ୍ତାବ ପ୍ରକଳ୍ପ ନିର୍ଦ୍ଦେଶକ ରାୟଗଡ଼ା ଜିଲା ନଗର ଉନ୍ନୟନ ସଂସ୍ଥାକୁ ପ୍ରଦାନ କରିଥିଲେ। ଏହାପରେ ଏହି ପ୍ରସ୍ତାବ ଜିଲାସ୍ତରରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଗତ ମାର୍ଚ୍ଚ ୭ରେ ପତ୍ର ସଂଖ୍ୟା ୧୫୩ ମାଧ୍ୟମରେ ପ୍ରସ୍ତାବ ଦିଆଗଲା। ସେହି ସମୟରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ନଗର ଉନ୍ନୟନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିବା ମଧ କହିଥିଲେ। ତେବେ ଏତେସବୁ ପରେ ମଧ ପଦ୍ମପୁରକୁ ଏନ୍ଏସି ମାନ୍ୟତା ନ ମିଳିବାରୁ ପଦ୍ମପୁର ଅଞ୍ଚଳରେ ଆନ୍ଦୋଳନ ଦାନା ବାନ୍ଧିଲାଣି, ଯାହାପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ମୁନିଗୁଡ଼ାକୁ ଏନ୍ଏସି ଘୋଷଣା ନ ହେଲେ ଆନ୍ଦୋଳନ

**ବୁଧବାର ମୁନିଗୁଡ଼ା ୧୨ ଘଣ୍ଟିଆ ବନ୍ଦ ଡାକରା**

ମୁନିଗୁଡା,୧୮।୮(ନନ୍ଦ କିଶୋର ପଟ୍ଟନାୟକ)


ବୈଠକରେ ଉପସ୍ଥିତ ପ୍ରଗତି ମଞ୍ଚ କର୍ମକର୍ତ୍ତା ଏବଂ ଜନପ୍ରତିନିଧି।

ରାଜ୍ୟ ସରକାର ଏବେ ୧୨ଟି ନୂତନ ଏନ୍ଏସି ଘୋଷଣା କରିଛନ୍ତି। ହେଲେ ରାୟଗଡ଼ା ଜିଲାର ମୁନିଗୁଡ଼ା ଏନ୍ଏସି ତାଲିକାରୁ ବାଦ୍ ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସୋମବାର ଅପରାହ୍ନରେ ସ୍ଥାନୀୟ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ମୁନିଗୁଡା ପ୍ରଗତି ମଞ୍ଚ ତରଫରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଗତିମଞ୍ଚର ସଭାପତିସିଏଚ୍. ଗଣେଶ୍ୱର ରାଓ ଓ ସମ୍ପାଦକ ସୀମାଞ୍ଚଳ ପଣ୍ଡାଙ୍କ ମିଳିତ ସଂଯୋଜନାରେ ମୁନିଗୁଡାର ସମସ୍ତ ରାଜନୈତିକ, ଧାର୍ମିକ, ସାମାଜିକ ଅନୁଷ୍ଠାନ, କ୍ଲବ୍ ଓ ବ୍ୟବସାୟୀ ସଂଘ, ବିଭିନ୍ନ ଯୁବଗୋଷ୍ଠୀ ଉକ୍ତ ବୈଠକରେ ଯୋଗଦେଇ ମୁନିଗୁଡାର ସ୍ୱାଭିମାନ ରକ୍ଷାକରି ସମସ୍ତଙ୍କୁ ଆଗକୁ ଆସି ଆଗାମୀ ଦିନରେ କ'ଣ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା କରିଥିଲେ । ଆମ ଅଞ୍ଚଳର ରାଜନୈତିକ ନେତୃତ୍ୱଙ୍କ ଆନ୍ତରିକତା ଅଭାବରୁ ଏପରି ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେପର୍ଯ୍ୟନ୍ତ ମୁନିଗୁଡ଼ାକୁ ଏନ୍ଏସି ଘୋଷଣା କରା ନ ଯିବ ସେପର୍ଯ୍ୟନ୍ତ ସହରବାସୀଙ୍କ ତରଫରୁ ଆନ୍ଦୋଳନ ଜାରି ରହିବ। ବୁଧବାର ମୁନିଗୁଡାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଦୋକାନ ବଜାର ଓ ଅଖଚକ ୧୨ ଘଣ୍ଟିଆ ବନ୍ଦ ରହିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସାମୂହିକ ଭାବେ ମତ ପ୍ରକାଶ ପାଇଥିଲା । ଏଥିସହ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ସେଠାରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଭାଜପା ରାଜ୍ୟ ସଭାପତିଙ୍କ ସହ ସମ୍ପୃକ୍ତ ବିଭାଗର ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ମୁନିଗୁଡା ପ୍ରଗତି ମଞ୍ଚର ସହସମ୍ପାଦକ ମନୋରଞ୍ଜନ ଦଳାଇ, ନନ୍ଦକିଶୋର ପଟ୍ଟନାୟକ, ବଣିକ ସଂଘ ସଭାପତି ଚିନ୍ତାମଣି ବେହେରା, ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥା, ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁନ୍ଦୁକା, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, କଂଗ୍ରେସ ବ୍ଲକ ସଭାପତି ନୀଳାମ୍ବର ବିଭାର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବ୍ରହ୍ମାନନ୍ଦ ଆଚାରୀ, ରାମକୃଷ୍ଣ ପଣ୍ଡା, ବୁଦ୍ଧିଜୀବୀ ତରଣୀ ଚୌଧୁରୀ, କେ. ସତ୍ୟନାରାୟଣ ରାଓ, ମୀନକେତନ ଷଡ଼ଙ୍ଗୀ, ମହମ୍ମଦ ଆୟୁବ, ଜାମି ମହେଶ, ବଳରାମ ନାୟକ, ବିଦ୍ୟାଧର ଦାସ, ଦେବେନ୍ଦ୍ର ବେହେରାଙ୍କ ସମେତ ମୁନିଗୁଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ସଂକ୍ଷେପରେ

### ବନ୍ଦ ରହିଲା ଅଙ୍ଗନୱାଡି, ସ୍କୁଲ

ନବରଙ୍ଗପୁର, ୧୮।୮(ସଦାଶିବ ପ୍ରହରାଜ)

ପ୍ରବଳ ବର୍ଷା ଆଶଙ୍କାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୧୮ତାରିଖ ସୋମବାର ନବରଙ୍ଗପୁର ଜିଲାର ସମସ୍ତ ଅଙ୍ଗନୱାଡି, ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ ରହିଥିଲା। ତଥାପି ସମସ୍ତ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀ ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିଜ ନିଜ ଅନୁଷ୍ଠାନରେ ଉପସ୍ଥିତ ଥିଲେ।

### ତାମିଲନାଡୁରୁ ଅଭିଯୁକ୍ତ ଗିରଫ

ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଡାବୁଗାଁ, ୧୮।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ବିବାହ ପ୍ରଲୋଭନ ଦେଖାଇ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଢୁମୁନୀଗୁଡ଼ାର ରାଜେନ୍ଦ୍ର ମାଝୀଙ୍କୁ ତାମିଲନାଡୁରୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ୨ ବର୍ଷ ତଳେ ରାଜେନ୍ଦ୍ରଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣଙ୍କ ଯୁବକଙ୍କୁ ବିବାହ ପାଇଁ ଜିଦ୍ କରି ନିଜ ପରିବାର ଲୋକଙ୍କୁ କହିଥିଲେ। ଏଥିରେ ପରିବାର ଲୋକେ ରାଜି ନ ହେବାରୁ ଜୁନ୍ ୧୬ ରାତିରେ ଯୁବକ ଜଣଙ୍କ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଜୁନ୍ ୧୮ ରାତିରେ ନାବାଳିକାଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୧୩୩/୨୫ ରେ ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ତାମିଲନାଡୁରୁ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ ମାମଲାର ତଦନ୍ତ କରୁଛନ୍ତି।

### କାନ୍ଥ ପଡି ବୃଦ୍ଧା ଆହତ

ପାପଡ଼ାହାଣ୍ଡି, ୧୮।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ଲହରା ସାହିରେ ସୋମବାର ସନ୍ଧ୍ୟାରେ କାନ୍ଥ ପଡ଼ି ବୃଦ୍ଧା କୁସୁମ ବିଧାଣୀ ଆହତ ହୋଇଛନ୍ତି। ସେ ଘରେ ଥିବା ସମୟରେ ଲଗାଣ ବର୍ଷା ଯୋଗୁ କାନ୍ଥ ଭାଙ୍ଗି ଯାଇଥିଲା। ଭଙ୍ଗା କାନ୍ଥ ତାଙ୍କ ଗୋଡ଼ ଓ ଛାତିରେ ମାଡ଼ ହୋଇଛି। ବର୍ତ୍ତମାନ ସେ ବାସନ୍ତୀ ବିଧାଣୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ତାଙ୍କର ମାନସିକ ଅବସ୍ଥା ଠିକ ନ ଥିବା ବେଳେ ପତ୍ର ବିକି ସେ ନିଜ ପେଟ ପୋଷନ୍ତି । ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁନଥିବା ଜଣାପଡ଼ିଛି। ତାଙ୍କର ପରିବାର ବୋଲି କେହି ନାହାନ୍ତି। ଦଦରା ଘର ଉପରେ



ପଲିଥିନ ଘୋଡ଼ାଇ ସେ ଏକାକୀ ରହୁଥିଲେ। ତାଙ୍କୁ ତୁରନ୍ତ ସରକାରି ସହାୟତା ପ୍ରଦାନ ଲାଗି ନିବେଦନ କରାଯାଇଛି।

# ଅନୁପସ୍ଥିତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ନବରଙ୍ଗପୁର ବିଧାୟକଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ

ନବରଙ୍ଗପୁର,୧୮।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସୋମବାର କୋଷାଗୁମୁଡ଼ା ବ୍ଲକ୍ ବିଞ୍ଜିଲି ପଞ୍ଚାୟତର ଟିକିରାକୁସୁମି, ଆଲୁପଦର, ଉକିଆପାଲି ପଞ୍ଚାୟତର ବରଗାଁ,ଉକିଆପାଲି ଆଦି ଗାଁକୁ ମାରାଥନ ଗସ୍ତ କରିଛନ୍ତି। ଏହି ସମୟରେ ସେ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କୈଫିୟତ ମାଗିବା ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଧାୟକ ଲଘୁଚାପଜନିତ ବର୍ଷାରେ ଭାଙ୍ଗିଯାଇଥିବା ଘର ବୁଲି ଦେଖିଲେ। ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ତତ୍‌କ୍ଷଣାତ୍ ପଦକ୍ଷେପ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦା କରିଥିଲେ। ପରେ ପଞ୍ଚାୟତ ସମିତି ବୈଠକ ଗୃହରେ ସମସ୍ତ ବିଭାଗକୁ ନେଇ ସମୀକ୍ଷା କରିଥିଲେ। ତୃଣମୂଳସ୍ତରରେ ଯାଇ ଜନସାଧାରଣଙ୍କ ସମସ୍ୟା ବୁଝି ତୁରନ୍ତ ସମାଧାନ କରିବାକୁ କହିଥିଲେ। ସମୀକ୍ଷା ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ, ତହସିଲଦାର ତୁଳା ରାମ ମୁଦୁଲି, ଗୋଷ୍ଠୀ ଚିକିତ୍ସାଧିକାରୀ ଆଦିତ୍ୟ ବେହେରା ଓ ପଞ୍ଚାୟତ ସମିତିର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।



ଆଲୁପଦର ଗାଁରେ ଭାଙ୍ଗିଯାଇଥିବା ଘରକୁ ବିଧାୟକ ଗୌରୀଶଙ୍କର ମାଝୀ ବୁଲି ଦେଖିଥିଲେ।

# ୯ ସ୍ୱର୍ଣ୍ଣ ସହ ୨୬ ପଦକ




କୋଚ୍‌ଙ୍କ ସହ ପଦକ ବିଜେତା ଖେଳାଳିମାନେ।

## ପେଞ୍ଚାକ ସିଲାଟ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ନବରଙ୍ଗପୁରକୁ ସଫଳତା

ନବରଙ୍ଗପୁର, ୧୮।୮(ସଦାଶିବ ପ୍ରହରାଜ)

ଝାରସୁଗୁଡ଼ାରେ ପେଞ୍ଚାକ ସିଲାଟ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଗଷ୍ଟ ୧୭ ଓ ୧୮ ୨ ଦିନ ଧରି ଅନୁଷ୍ଠିତ ହେଇଥିଲା । ନବରଙ୍ଗପୁର ଜିଲାର ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ଉତ୍ତମ ପ୍ରଦର୍ଶନ କରି ନବରଙ୍ଗପୁର ଜିଲା ୯ ସ୍ୱର୍ଣ୍ଣ ,୮ ରୌପ୍ୟ ଓ ୯ଟି କାଂସ୍ୟ ପଦକ ହାସଲ କରିଛି। ନବରଙ୍ଗପୁରରେ ଅନେକ ପ୍ରତିଭାବାନ ଖେଳାଳି ରହିଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ସହାୟତା, ସାହାଯ୍ୟ ଓ ସୁଯୋଗ ମିଳିଲେ ଆହୁରି ଆଗକୁ ବଢ଼ି ଉତ୍ତମ ପ୍ରଦର୍ଶନ କରିପାରନ୍ତେ ବୋଲି କ୍ରୀଡାବିତ୍‌ମାନେ କହିଛନ୍ତି । ଖେଳାଳିମାନଙ୍କୁ ଶିକ୍ଷକ ହରିଶ ଚନ୍ଦ୍ର ବେହେରା ପ୍ରଶିକ୍ଷଣ ଦେଇଥିଲେ।

# ପଞ୍ଜୀକୃତ ୨୫ ଅଭିଯୋଗରୁ ୨ଟିର ତୁରନ୍ତ ସମାଧାନ



ଜିଲପାଳ ଏକ ଅଭିଯୋଗପତ୍ର ଦେଖୁଛନ୍ତି।

ନବରଙ୍ଗପୁର,୧୮।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ତହସିଲଦାର ରିତୁ ସିଂଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୫ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୨ଟି ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିଲା।

# ୧୫ ଲକ୍ଷ ଠକେଇ ଅଭିଯୋଗରେ ବ୍ୟାଙ୍କ କର୍ମଚାରୀ ଗିରଫ

ରାଇଘର, ୧୮।୮
(କିରଣ କୁମାର ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘରରେ ଥିବା ଆଇସିଆଇସି ବ୍ୟାଙ୍କ କର୍ମଚାରୀ ହିତାଧିକାରୀ ନାମରେ ଋଣ କରି ତାହାକୁ ଠକି ନେଇଥିବା ଅଭିଯୋଗରେ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବ୍ୟାଙ୍କର ରିଲେସନ ମ୍ୟାନେଜର ହଳଧର ନାୟକ।

ସୂଚନାନୁଯାୟୀ, ରାଇଘର ବ୍ଲକ ଜୋଡଯୋଙ୍ଗା ଡିଏନ୍‌କେ ଗ୍ରାମର ସଞ୍ଜୟ ସାହା ନାମକ ଜଣେ ବ୍ୟାବସାୟୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ହଳଧର ଋଣ କରାଇଥିଲେ। ସଞ୍ଜୟ ଋଣ ହୋଇଥିବା ଜାଣିବା ପରେ ବ୍ୟାଙ୍କକୁ ଆସିଥିଲେ। ଋଣ ଦରକାର ନାହିଁ, ତାହାକୁ ବାତିଲ କରିବାକୁ ସେ କହିଥିଲେ। ହଳଧର ବାତିଲ କରିଦେବା କହି ତାଙ୍କୁ ପଠାଇ ଦେଇଥିଲେ। ଏକ ମାସ ପରେ ଋଣର ସୁଧ ଦେବା ପାଇଁ ମେସେଜ୍ ଆସିବା ପରେ ସଞ୍ଜୟ ପୁଣି ବ୍ୟାଙ୍କ କୁ ଆସିଥିଲେ। ହଳଧର କିଛି ଦିନ ମଧ୍ୟରେ ଟଙ୍କା ଫେରାଇ ଦେବାକୁ କହି ଏକ ଚୁକ୍ତିନାମା ଲେଖି ଦେଇଥିଲେ। ହଳଧର ଏହିପରି ଆଉ କିଛି ଲୋକଙ୍କଠାରୁ ଏହିପରି ଟଙ୍କା ନେଇଥିବା ଜାଣିବା ପରେ ସଞ୍ଜୟ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହଳଧର ନାୟକ ୧୫ ଲକ୍ଷ ଟଙ୍କା ଠକିନେଇଥିବା ସଞ୍ଜୟ ରାଇଘର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ. ୧୭୮ /୨୫ରେ ମାମଲା ରୁଜୁ କରି ସେକ୍ସନ ୩୧୮ (୨ ), ୩୧୮(୩ ), ୩୧୮ (୪ ) ଅନୁଯାୟୀ ହଳଧରଙ୍କୁ କୋର୍ଟ ଚଲାଣ କରିଛି। ରାଇଘର ଥାନାଧିକାରୀ, ଏସ୍‌ଆଇ ମେନକା ସା ତଦନ୍ତ କରୁଛନ୍ତି। ଏହି ପରି ଆଉ କିଛି ଅଭିଯୋଗ ଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି।

# ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ଝରିଗାଁ,୧୮।୮(କିଶୋର ଚନ୍ଦ୍ର ମଣ୍ଡଳ)

ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ସୋମବାର ନବରଙ୍ଗପୁର ଜିଲା ଝରିଗାଁ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଝରିଗାଁ ବ୍ଲକ୍ ତେଲନଦୀ ପଞ୍ଚାୟତ ଲମ୍ଫିଦୋରସ୍ଥିତ ଢେପଗୁଡ଼ା ଗ୍ରାମର ଶିବ ସାନ୍ତାଙ୍କ ସ୍ତ୍ରୀ ପୁଦେ ସାନ୍ତା(୬୦)। ପୋଲିସ ଅଭିଯୁକ୍ତ ଶିବ ସାନ୍ତା(୬୪)ଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ପ୍ରଦୀପ କୁମାର ଶବର ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ରବିବାର ସନ୍ଧ୍ୟାରୁ ଶିବ ଓ ପୁଦେଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଅତ୍ୟଧିକ ଗଣ୍ଡଗୋଳ ହେବାରୁ ତାଙ୍କ ପଡ଼ୋଶୀ ତପନ ସାନ୍ତା ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ। କିଛି ସମୟ ଶାନ୍ତ ରହିବା ପରେ ପୁଣି ରାତିରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସକାଳେ ପୁଦେଙ୍କ ମୃତଦେହ ଘର ଭିତରେ ପଡ଼ିଥିଲା। ଏହା ଦେଖି ତପନ ପୁଦେଙ୍କ ସାନଭାଇ ସନ୍ୟା ସାନ୍ତାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶିବଙ୍କ ମାଡ଼ରେ ପୁଦେଙ୍କ ମୃତ୍ୟୁ ହୋଇଥିବା ନେଇ ସନ୍ୟା ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶିବ ତାଙ୍କ ସ୍ତ୍ରୀ ପୁଦେଙ୍କୁ ବିନା କାରଣରେ ସବୁବେଳେ ମାଡ଼ ମାରୁଥିଲେ। ମାସେ ପୂର୍ବରୁ ମାଡ଼ମାରି ପୁଦେଙ୍କ ବାମଗୋଡ଼ ଭାଙ୍ଗି ଦେଇଥିଲେ। ଏନେଇ ଗାଁରେ ଏକ ବୈଠକ କରି ଶିବଙ୍କୁ ବୁଝାଶୁଝା ମଧ୍ୟ କରାଯାଇଥିଲା ବୋଲି ଉକ୍ତ ଏତଲାରେ ଉଲ୍ଲେଖ ରହିଛି। ଏତଲା ପରେ ଝରିଗାଁ ପୋଲିସ କେସ୍ ନମ୍ବର ୧୩୬/୨୦୨୫ରେ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳରୁ ଶିବଙ୍କୁ ଝରିଗାଁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରୀ ପ୍ରଦୀପ କୁମାର ଶବର କହିଛନ୍ତି। ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭକଲା ପ୍ରଶାସନ



ପ୍ରଶାସନିକ ଅଧିକାରୀମାନେ ୨ ପରିବାର ସହ ଆଲୋଚନା କରୁଛନ୍ତି।

## ତୁଟିଲା ୨ ପରିବାର ଜମି ବିବାଦ ମାମଲା

ଦଶମନ୍ତପୁର,୧୮।୮(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ଥାନା ଲକ୍ଷ୍ମୀପୁର ତହସିଲ ଅଧୀନ ତୁନପାର ପଞ୍ଚାୟତ ମାଳିଗାଁରେ ୫ ବର୍ଷ ଧରି ଲାଗି ରହିଥିବା ଜମି ବିବାଦକୁ ଦୀର୍ଘ ଘଣ୍ଟା ବୁଝାଶୁଝା ପରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ସୋମବାର ଆରମ୍ଭ କରାଯାଇଛି। ଏହି ଗ୍ରାମରେ ତୋରିଗୁଡ଼ା ମୌଜା ଅଧୀନରେ ଥିବା ମୋଟ ୧୫ ଏକର ୭୮ ଡେସିମିଲ ଜମିକୁ ନେଇ ୫ ବର୍ଷ ହେବ ୨ ପରିବାରଙ୍କ ମଧ୍ୟରେ ୨୦୨୦ରୁ ବିବାଦ ଲାଗି ରହିଥିଲା। ପୋଲିସ ପ୍ରଶାସନର ଚେଷ୍ଟାରେ ଏହାକୁ ସମାଧାନ କରାଯାଇଛି। ପୂର୍ବରୁ ତୋରିଗୁଡ଼ା ମୌଜାର ଖାତା ନଂ. ୨୪ ଜମି ପଟ୍ଟା ମୃତ ଘେନୁ ଘାସିଙ୍କ ସ୍ତ୍ରୀ ସେବତୀଙ୍କ ନାଁରେ ପଟ୍ଟା ଥିଲା। ସେବତୀ ପୂର୍ବରୁ ତାଙ୍କ ସୈତଙ୍କ ନାଁରେ ଗୋଟିଏ ପ୍ଲଟ୍ ଦାନ କରିଥିଲେ। ଅନ୍ୟ ଝିଅ ମାଗତିଙ୍କ ନାଁରେ ୪ ଖଣ୍ଡ ପ୍ଲଟ ପ୍ରଦାନ କରିଥିବା ପରିବାର ଲୋକଙ୍କ ସୂଚନା ଦେଇଛନ୍ତି। ସୈତଙ୍କ ପୁଅ ବିଦ୍ୟାସୂର୍ଯ୍ୟ ଓ ତାଙ୍କ ପୁତୁରା ପଦ୍ମନଙ୍କ ନାଁରେ ସ୍ଥାୟୀ ପଟ୍ଟା ହୋଇଯାଇଛି। ଆମକୁ ଜେଜେ ମାଁ ୪ ପ୍ଲଟ୍ ଦାନ କରିଛନ୍ତି ବୋଲି ବନମାଳୀ ବାଘ, ଗୋପୀ, ଗୋବିନ୍ଦ ଓ ଭୁବନ ପ୍ରମୁଖ କହିଛନ୍ତି। ଆମେ ୪ ଭାଇଙ୍କ ଜମିକୁ ବିଦ୍ୟାଙ୍କୁ କେମିତି ଦେବୁ ବୋଲି ଅଭିଯୋଗ କରିଛନ୍ତି। ୨୦୨୦ରେ ବିବାଦରେ ଥିବା ଏହି ଜମିକୁ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଲକ୍ଷ୍ମୀପୁର ତହସିଲ ପକ୍ଷରୁ ୨ ଥର ଜମି ଚିହ୍ନଟ କରି ସ୍ଥାୟୀ ପଟ୍ଟାକୁ ଆଧାରକରି ବିଦ୍ୟାଙ୍କୁ ହସ୍ତାନ୍ତର କରିଥିଲେ। ପଟ୍ଟାରେ ଥିବା ୧୧ ଏକର ଜମି ବନମାଳୀଙ୍କ ପରିବାର ଅକ୍ତିଆର କରିଛନ୍ତି ବୋଲି ବିଦ୍ୟା ଅଭିଯୋଗ କରିଛନ୍ତି। ପଟ୍ଟାରୁ ୩ ଏକର ୯୬ ସେଣ୍ଟ ବିଦ୍ୟା ଅକ୍ତିଆର କରିଛନ୍ତି ବୋଲି ବନମାଳୀଙ୍କ ପରିବାର ମଧ୍ୟ ଆକ୍ଷେପ କରୁଥିଲେ। ବନମାଳୀ ଓ ତାଙ୍କ ୪ ଭାଇଙ୍କ ମଧ୍ୟରେ ଜମି ବିବାଦ ଉଗ୍ରରୂପ ନେଇଥିବା ବେଳେ ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ଏଏସ୍‌ଆଇ ରବୀନ୍ଦ୍ର ବଡ଼କୁମାର, ତୁନପାର ଆର୍. କୈଳାସ ଗାଦବା, ଅମିନ ଗଣେଶ ମାଝୀ ଓ କୋରାପୁଟରୁ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ପହଞ୍ଚି ବୁଝାଶୁଝା କରିଥିଲେ। ଦୁଇ ପରିବାରକୁ ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ବୋଲି କହିବା ସହ ଉତ୍ତେଜନାକୁ ଆୟତ୍ତ କରିଥିଲେ।

# ଦେଶୀମଦ ଚାଲାଣ, ୨ ଗିରଫ

ଜୟପୁର, ୧୮।୮(ପବନ ପାଣିଗ୍ରାହୀ)

ଦେଶୀ ମଦ ଚଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାଣିପୁଟର କମଳା ପରଜା(୨୭) ଓ ବାର୍ଲାହାଣ୍ଡିର ଦୁର୍ଯ୍ୟୋଧନ ବିଷୋୟୀ(୨୯)। ସୁଚନା ଅନୁଯାୟୀ ରାଣିପୁଟ ଓ ବାର୍ଲାହାଣ୍ଡିରେ ଜୟପୁର ଅବକାରୀ ଥାନା ଚଢାଉ କରି ୧୫ ଲିଟର ଦେଶୀ ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।

# ସେପ୍ଟେମ୍ବର ୨୨ରେ ନବରାତ୍ରି ପାଇଁ ସଙ୍କଳ୍ପ

## ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ଉମରକୋଟ, ୧୮।୮(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଗୁଲିପାଟଣା ସାହିର କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ସୋମବାର ବାବା ବୈଦ୍ୟନାଥ ମନ୍ଦିରରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର କମିଟି ସଭାପତିଜୟଦେବପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଞ୍ଜୀବ ସାହୁ ଗତ ବର୍ଷର ସମସ୍ତ ଖର୍ଚ୍ଚ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଚଳିତ ବର୍ଷ ପାଇଁ ନୂତନ ପୂଜା କମିଟି ଗଠନ କରାଯାଇଥିଲା। ସଞ୍ଜୟ ସ୍ୱାଇଁ ସଭାପତି, ଲକ୍ଷ୍ମୀ ପୂଜାରୀ, ଗିରିଧାରୀ ମାଝୀ, କୁଶ ସାହୁ ଉପସଭାପତି, ଗଣେଶ ପ୍ରସାଦ ରଣା ସମ୍ପାଦକ, ସନ୍ତୋଷ ଶତପଥୀ, ପିଣ୍ଟୁ ମାଝୀ, ଅରୁଣ ପଟ୍ଟନାୟକ ସହ ସମ୍ପାଦକ ଓ କୋଷାଧକ୍ଷଭାବେ ସଞ୍ଜୀବ ସାହୁଙ୍କୁ ମନୋନୀତ କରାଯାଇଛି। ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ ୧୧ ଜଣିଆ କମିଟି ଚୟନ କରାଯାଇଛି। ଆସନ୍ତା ୨୮ ତାରିଖରେ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯିବ। ୨୨ ସେପ୍ଟେମ୍ବରରେ ନବରାତ୍ରି ପାଇଁ ସଂକଳ୍ପ କରାଯିବ ବୋଲି ସୂଚନା ମିଳିଛି। ପୂଜା ପାଇଁ ମେଢ଼, ବାଜା, ମହାଷ୍ଟମୀ ଭୋଗ, ବିସର୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତଭାବେ ସମ୍ପନ୍ନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଲକ୍ଷ୍ମୀ ତ୍ରିପାଠୀ ମାଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରିବେ। ଚଳିତ ବର୍ଷ ମଧ୍ୟ ରାବଣ ପୋଡି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଗୁଲୁ ସାହୁ, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଯତୀନ ପଣ୍ଡା, ରାମ ମଣିଆ, ଗଦା ବିଷୋୟୀ, ଶ୍ରୀନିବାସ ପଟ୍ଟନାୟକ, ସୀମା ସ୍ୱାଇଁ, ଅମିତ କର୍ମକାର, ନାଗେଶ ପଟ୍ଟନାୟକ, ତ୍ରିପତି ପଟ୍ଟନାୟକ, ମାନସ ସାହୁ, କୁନା ନାୟକ, ଟଙ୍କ ମାଝୀ, ସତ୍ୟରଞ୍ଜନ ଖୁଣ୍ଟିଆ, ଗୋପାଳ ରାଓ, ନାରାୟଣ ପାଣିଗ୍ରାହୀ, ଅଶୋକ ପାତ୍ର, ଦେବେନ୍ଦ୍ର ନାୟକ,ଘନ ନାୟକ, ଲିଙ୍ଗୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ନୂତନ କମିଟି ସଦସ୍ୟ ଓ ଅନ୍ୟମାନେ।

# କଳା, ଶିକ୍ଷା, କ୍ରୀଡ଼ାର ଉନ୍ନତିରେ ହିଁ ଛାତ୍ରର ଉନ୍ନତି

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ କଳା ଉତ୍ସବ

ନବରଙ୍ଗପୁର,୧୮।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନବରଙ୍ଗପୁରରେ ସୋମବାର ଜାତୀୟ ଏକତା ପର୍ବ ଅନ୍ତର୍ଗତ ସଙ୍କୁଳସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ସମେତ କୋରାପୁଟ, ସୁନାବେଡ଼ା, ମାଲକାନଗିରି,ରାୟଗଡ଼ା, ଗୁଣପୁର,ଗଜପତିସ୍ଥିତ ୭ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଯୋଗୀ ଭାଗନେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସଭାରେ ନବରଙ୍ଗପୁରସ୍ଥିତ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ନନ୍ଦକିଶୋର କୁମାର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳା, ଶିକ୍ଷା ଓ କ୍ରୀଡ଼ାର ମିଳିତ ଉନ୍ନତିରେ ହିଁ ଛାତ୍ରର ଉନ୍ନତି ବୋଲି ସେ କହିଥିଲେ। ଏ ଦିଗରେ କେନ୍ଦ୍ରୀୟ ବିଦ୍ୟାଳୟର ଭୂମିକାକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କଳା ଉତ୍ସବରେ ସାଂସ୍କୃତିକ ତଥା ଲୋକ ନୃତ୍ୟ, ସାଂସ୍କୃତିକ ତଥା ଲୋକ ସଙ୍ଗୀତ, ବାଦ୍ୟଯନ୍ତ୍ର, ଏଟର, ୩ଡି ଓ ୨ ଡି କଳାଚିତ୍ର, ପାରମ୍ପରିକ କାହାଣୀ କଥନ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସଙ୍ଗୀତ ଗୁରୁ ଶୃଙ୍କର ବାଲାଜୀ କିଶୋର ରୟ, ନୃତ୍ୟଗୁରୁ ଟି. ନିବେଦିତା, ଅଭିନେତା ହିମାଂଶୁ ରଞ୍ଜନ ମହାନ୍ତି ଏବଂ ନନ୍ଦାହାଣ୍ଡିସ୍ଥିତ ଆଦର୍ଶ ବିଦ୍ୟାଳୟର କଳା ଶିକ୍ଷକ ପବିତ୍ର ଦତ୍ତ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ହିତେଶ କୁମାର ବର୍ମା ଯୋଗଦେଇ କୋରାପୁଟ କ୍ଲଷ୍ଟରରୁ ଆଞ୍ଚଳିକ ସ୍ତରକୁ ଯାଉଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉଦ୍‌ଯାପନୀ ସଭାରେ ଜିଲା ସବ୍ ରେଜିଷ୍ଟ୍ରାର ମୀରା ନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କଳା ଉତ୍ସବର ଲକ୍ଷ୍ୟ ଆଉ ଏକ ଭାରତ ଶ୍ରେଷ୍ଠ ଭାରତ ପରିକଳ୍ପନାରେ କାର୍ଯ୍ୟକ୍ରମ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।




ପୁରସ୍କାର ପାଇଥିବା କୃତୀ ପ୍ରତିଯୋଗୀ।

# ବିଭିନ୍ନ ପୋଲ ଉପରେ ଜଳ ପ୍ରବାହିତ

ମାଲକାନଗିରି/କାଲିମେଲା, ୧୮।୮
(ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)

ଗତ ଦୁଇଦିନ ଧରି ମାଲକାନଗିରି ଜିଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବା ଯୋଗୁ ବିଭିନ୍ନ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଜିଲା ଏକପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଲଘୁଚାପ ପ୍ରଭାବ ଜିଲାକୁ ଥିବା ବେଳେ ରବିବାର ଅରେଞ୍ଜ ଓ ସୋମବାର ରେଡ୍ ସତର୍କତା ଜାରି କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ବର୍ଷା ଯୋଗୁ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ରବିବାର ସନ୍ଧ୍ୟାରୁ ସହରରେ ପ୍ରବଳ ବର୍ଷା ହେବା ଯୋଗୁ ମେଡିକାଲ ସମ୍ମୁଖ ୩୨୬ ନଂ. ଜାତୀୟ ରାଜପଥରେ ପାଣି ଜମି ବିଭିନ୍ନ ଦୋକାନରେ ପ୍ରବେଶ କରିଥିଲା। ସେହିପରି ପାତ୍ରଗୁଡା ସାହିରେ ମଧ୍ୟ ବହୁ ଲୋକଙ୍କ ଘର ଭିତରେ ଜଳ ପ୍ରବେଶ କରିଥିଲା। ସୋମବାର କାଲିମେଲା ବ୍ଲକ ଅନ୍ତର୍ଗତ ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୦, ଏମ୍‌ଭି ୯୬ ଆଦି ନଦୀ ପୋଲ ଉପରେ ୩ ରୁ ୪ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ନଦୀଗୁଡିକର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡି ଅଟକି ରହିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ନଦୀ କୂଳବର୍ତ୍ତୀ ଅଞ୍ଚଳ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ପ୍ରଭାବିତ ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତଙ୍କୁ ସତର୍କ କରାଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ମାଡକାମିଙ୍କ ସହ ଏକ ପ୍ରତିନିଧି ଦଳ ପୋଟେରୁ, କନ୍ୟାଶ୍ରମ ଓ କାଙ୍ଗୁରୁକୋଣ୍ଡା ପୋଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। କାଲିମେଲା ବିଡିଓ ପ୍ରଦୀପ କୁମାର କରଙ୍କ ସହ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଧାୟକ ମାଡକାମି କହିଛନ୍ତି, ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବ। ଜିଲା ଯୋଗାଣ ଅଧିକାରୀ ମଧ୍ୟ ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ ମହଜୁଦ ରଖିଥିବା ଜଣାପଡିଛି। ଯେଉଁ ଗ୍ରାମରେ ଅସ୍ଥାୟୀ ଆଶ୍ରୟସ୍ଥଳୀର ନାହିଁ ସେହି ଗ୍ରାମ ବିଦ୍ୟାଳୟରେ ଲୋକମାନଙ୍କୁ ରଖିବା ସୁବିଧା କରାଯାଇଛି। ସୋମାବର ରାତି ତମାମ ପ୍ରବଳରୁ ଅତି ପ୍ରବଳ ବର୍ଷା ସୂଚନା ରହିଛି।

ସୂଚନାଯୋଗ୍ୟ, ଏହି ସମସ୍ତ ପୋଲ ପାର୍ଶ୍ୱରେ ଉଚ୍ଚତମ ପୋଲ ନିର୍ମାଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜକୁ ୩ ବର୍ଷ ବିତିଯାଇଥିଲେ ମଧ୍ୟ ୫୦ ପ୍ରତିଶତ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଜିଲାବାସୀ ଦାବି କରିଛନ୍ତି।


ମାଲକାନଗିରି ବିଧାୟକ ନରସିଂହ ମାଡକାମି ଓ ଅନ୍ୟମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।


କୋଟେରୁ ନଦୀପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି ।

- ମାଲକାନଗିରି ଜିଲାରେ ଲଘୁଚାପ ବର୍ଷା
- ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

## ଟ୍ରକ୍ ଡ୍ରାଇଭର, ବସଯାତ୍ରୀଙ୍କୁ ଖାଦ୍ୟ ବଣ୍ଟନ


ଜିଲା ପ୍ରଶାସନ ପକ୍ଷରୁ ଡ୍ରାଇଭର ଏବଂ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି ।

ମାଲକାନଗିରି, ୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବର୍ଷା ଯୋଗୁ ବିଭିନ୍ନ ପୋଲ ଉପରେ ଜଳ ପ୍ରବାହିତ ହେଉଛି। ନଦୀର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଛି। ଫଳରେ ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀମାନେ ମଧ୍ୟ ଅଟକି ରହିଛନ୍ତି। ଏମାନଙ୍କୁ ଜିଲା ପ୍ରଶାସନ ତରଫରୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଶୁଖିଲା ଖାଦ୍ୟ ବଣ୍ଟନ କରା ଯାଇଛି। କାଲିମେଲା ବିଡିଓ ପ୍ରଦୀପ କୁମାର କର ପୋଟେରୁ ଓ କାଙ୍ଗୁରୁକୋଣ୍ଡା ପୋଲ ଉଭୟ ପାର୍ଶ୍ୱରେ ଥିବା ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଛନ୍ତି।


ପୋଟେରୁ ନଦୀପାର୍ଶ୍ୱରେ ଅଟକି ରହିଥିବା ଟ୍ରକ୍ ।

# ୧୩୩ ଅଭିଯୋଗ ଶୁଣିଲେ ଜିଲାପାଳ

**ଜନ ଅଭିଯୋଗ ଶୁଣାଣି**

ମାଥିଲି, ୧୮।୮ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍ ମହୁପଦର୍ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।୧୩୩ ଅଭିଯୋଗର ଶୁଣାଣି ହୋଇଥିଲା । ସେଥିରୁ ୮୬ ଟି ବ୍ୟକ୍ତିଗତ ରହିଥିବା ବେଳେ ୪୭ ଟି ସାମୁହିକ ଥିଲା। ଏଥିରୁ ୩୭ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୧୬ ପେନ୍‌ସନ, ୬ ଜଙ୍ଗଲ ଜମି ଏବଂ ୨୭ଟି ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ୧୩୩ ଅଭିଯୋଗ ମଧ୍ୟରୁ ୫ ଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରମୋଦ କୁମାର ବେହେରା, ସହାୟକ ଜିଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ରାଶନ୍ କାର୍ଡ, ପେନସନ୍ ଓ ଆବାସ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନ୍‌ଲାଇନ୍ ସେବା ଯୋଗାଇ ଦିଆଯାଇଥିଲା।


ଜିଲାପାଳ ଏବଂ ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

# ସମସ୍ୟାର ତୁରନ୍ତ ସମାଧାନ ନିର୍ଦ୍ଦେଶ

**ପଞ୍ଚାୟତସ୍ତରୀୟ ଜନଶୁଣାଣି**


ଲୋକେ ଅଧିକାରୀଙ୍କୁ ସମସ୍ୟା ଜଣାଉଛନ୍ତି।

ସେମିଳିଗୁଡା/ସୁନାବେଡା, ୧୮।୮
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଗୁଣ୍ଠାପୁଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଓ ମିଳିତ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲୁଇଓ) ହର ପ୍ରସାଦ ଦାସଙ୍କ ଅଧକ୍ଷତାରେ ମୋଟ ୬ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ରାସ୍ତାଘାଟ ସମସ୍ୟା, ୩ ନୂଆ ସିସି ଡ୍ରେନ ନିର୍ମାଣ, ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ମରାମତି, ଗୋଟିଏ ନୂଆ କମ୍ୟୁନିଟି ସେଣ୍ଟର ଓ ଗୋଟିଏ ମଶାଣି ଘାଟ ନିର୍ମାଣ ନେଇ ଅଭିଯୋଗ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଟି.ଶୁରଭି(ଏସଏସଓ) ପ୍ରମୋଦ ଖିଲ(ବିପିସି ପେଶା),ପିଇଓ ମିନୁଲତା ଦାସ, ଆରଆଇ ଆର.ସନ୍ଧ୍ୟା କୁମାରୀ, ସ୍ୱାସ୍ଥ୍ୟ ବିଭାଗ ସିଏଚଓ ଯଶ୍ୱିନ ମହାରଣା, ଆରଏଚ ସୁନୀଲ,କନିଷ୍ଠ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ, ଏଓ ଜ୍ୟୋସ୍ନା ନାୟକ, ଉଦ୍ୟାନ ବିଭାଗ ଅଧିକାରୀ ବିଶ୍ୱପ୍ରଭା ସ୍ୱାଇଁ, ଏଡିଓ ଶ୍ରୀନୁ, ସରପଞ୍ଚ ବଳଭଦ୍ର ବୋରା ଓ ସମିତିସଭ୍ୟ ପୂର୍ବ କୁଳଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ୩୦୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ନନ୍ଦପୁର/ପାଡୁଆ, ୧୮।୮
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ଥାନା ପୋଲିସ ଗୋଲୁର ଗ୍ରାମ ନିକଟରୁ ଏକ ଗାଡ଼ିରୁ ୩୦୦ କିଲୋ ଗଞ୍ଜେଇ ଜବତ କରି ୩ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୁଡ଼ା ଗ୍ରାମର ଶ୍ରୀଧର ଖରା(୪୦), ଧନ ହନ୍ତାଳ(୩୮) ଓ ମାଡ଼ୀପୁଟ ଗ୍ରାମର ନୀଳ ଖେମୁଣ୍ଡୁ(୨୫)। ସୂଚନା ଅନୁଯାୟୀ, ସୋମବାର ପାଡୁଆ ପୋଲିସ ବାଇଲଗୁଡ଼ା ଛକରୁ ଗୋଲୁର ଗାଁ ଯାଏ ଏକ ଗାଡ଼ିର ପିଛା କରିଥିଲା। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ପାଡୁଆ ଥାନାରେ ନଂ ୯୪/୨୫ରେ ମାମଲା ରୁଜୁ କରାଯାଇଛି। ଏସ୍‌ଆଇ ଦୀପକ ବାରିକ ତଦନ୍ତ କରୁଥିବା ଥାନାଧିକାରୀ ଅଶୋକ ବିଶୋଇ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ପୋଲିସ ଜେରା କରିବାରୁ ମାଲକାନଗିରି ଜାନବାଇ ଅଞ୍ଚଳରୁ ଗଞ୍ଜେଇ ଆଣି ଆନ୍ଧ୍ର ପେଦାବାଇଲି ଦେଇ ଆଣୁଥିବା ସେମାନେ ସ୍ୱୀକାର କରିଥିଲେ। ଚଢ଼ାଉରେ ଏସ୍‌ଆଇ ସୁରେନ୍ଦ୍ର କୁମାର ସେଠୀ, ଏଏସ୍‌ଆଇ ରାମ ମାଡକାମି, ପାଡୁଆ ଥାନାର ଆଇଆରବିଏନ ଯବାନ ସାମିଲ ରହିଥିଲେ। ୩ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୮।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ବଡଜିଉନାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଏଥିରେ ଏବିଡିଓ ମନୋଜ ନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ସଲପା ହାଇସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ମରାମତି,ଶ୍ମଶାନରେ ଗୃହ ନିର୍ମାଣ ଆଦି ଅଭିଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

କୁନ୍ଦୁରା, ୧୮।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ବାଗଦେରୀ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପି.ମନସ୍ୱିତାଙ୍କ ଅଧ୍ୟକ୍ଷତାରେ ୨୦ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୯ ଗୋଷ୍ଠୀଗତ ଓ ଗୋଟିଏ ବ୍ୟକ୍ତିଗତ ସମସ୍ୟା ଥିଲା। ଗୋଷ୍ଠୀଗତରେ ବାଗଦେରୀ ମଣ୍ଡିରେ ଖୋଳା ନିର୍ମାଣ ଓ ରାସ୍ତା କଂକ୍ରିଟ୍, ମରାମତି,କଲଭର୍ଟ ନିର୍ମାଣ,ଗାର୍ଡ଼ୱାଲ୍ ନିର୍ମାଣ ଓ ବ୍ୟକ୍ତିଗତରେ କଟି ଯାଇଥିବା ପେନସନ୍ ପାଇବା ଆଦି ସମସ୍ୟା ରହିଥିଲା। ବିଡିଓ ସମସ୍ତ ଅଭିଯୋଗ ଶୁଣିବା ପରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଅଭିଯୋଗଗୁଡ଼ିକରୁ ପ୍ରାୟ ସମାଧାନ ହୋଇଛି। ସମସ୍ତ ସମସ୍ୟାର ସମାଧାନ ଦିଗରେ ପ୍ରାଥମିକତା ଦିଆଯାଉଛି ବୋଲି ପିଇଓ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଶିବିରରେ ସରପଞ୍ଚ ମାନସୀ ସାନ୍ତା, ନାଏବ ସରପଞ୍ଚ ସାହେବ ଅମନାତ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଡିଓ ଜଗତ ସିଂ ମାଝୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, ୱାର୍ଡ଼ ସଭ୍ୟ,ପଞ୍ଚାୟତସ୍ତରୀୟ ସରକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପିଇଓ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗାଣ ସହାୟକ ନେତ୍ରାନନ୍ଦ ରାଉତ ସହଯୋଗ କରିଥିଲେ।


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ୧୫ ଫୁଟ ଖାଲକୁ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ଚାଳକ ଗୁରୁତର, ୩୧ ମେଟ୍ରିକ୍ ଟନ୍ ସିମେଣ୍ଟ ନଷ୍ଟ**

କୋରୁକୋଣ୍ଡା, ୧୮।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କାଲିମେଲାରୁ ବାଲିମେଲାକୁ ସଂଯୋଗ କରୁଥିବା ଗୋମ୍ପାକୋଣ୍ଡା କେନାଲର ମୁଖ୍ୟ ରାସ୍ତା ସିନ୍ଧିବାଟା ଗ୍ରାମଠାରୁ ପ୍ରାୟ ୨୦୦ ମିଟର ଦୂରରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ହାଇଦ୍ରାବାଦରୁ ଜୟପୁର ଆସୁଥିବା ଏକ ସିମେଣ୍ଟ ବୋଝଇ ଟ୍ରକ୍ (ନଂ.ସିଜି-୦୪-ଏମଏଚ-୦୮୨୫)ଭାରସାମ୍ୟ ହରାଇ ପ୍ରାୟ ୧୫ ଫୁଟ ଖାଲକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଚାଳକ ଟ୍ରକ୍ ଭିତରେ ଗୁରୁତର ହୋଇ ଫସି ରହିଥିଲେ। ଉକ୍ତ ରାସ୍ତାରେ ଯାଉଥିବା କେତେକ ଯାତ୍ରୀ ଓ ସ୍ଥାନୀୟ ଲୋକେ ଚାଳକଙ୍କୁ ବାହାରକରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟ ଲୋକେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମନୋହର ସାହୁ ଏବଂ ଏଏସ୍‌ଆଇ ସତଦଳ ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ଟ୍ରକ୍‌ଟି ଛତିଶଗଡ଼ ରାୟପୁର ଶିବନଗର ଅଞ୍ଚଳରେ ରହୁଥିବା ଲକ୍ଷ୍ମଣ ଯାଦବଙ୍କର ବୋଲି ଜଣାପଡିଛି। ତେବେ ଏହି ଟ୍ରକ୍‌ରେ ଥିବା ୩୧ ମେଟ୍ରିକ ଟନ୍ ତଥା ୬୨୦ ବସ୍ତା ସିମେଣ୍ଟ ପାଣିରେ ପଡି ନଷ୍ଟ ହୋଇଯାଇଛି। ଗାଡିର ସମ୍ମୁଖ ଏବଂ ବହୁ ଅଂଶ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ହାଇଦ୍ରାବାଦରୁ ୩ ଟି ଟ୍ରକ୍ ସିମେଣ୍ଟ ନେଇ ଜୟପୁର ଅଭିମୁଖେ ବାହାରି ଥିଲା। ଗତ ଦୁଇଦିନ ହେଲା ମାଲକାନଗିରିରେ ଲଗାଣ ବର୍ଷା ଯୋଗୁ ପଡିଆ,ମୋଟୁ, କାଲିମେଲା-ମାଲକାନଗିରିକୁ ସଂଯୋଗ କରୁଥିବା ଜାତୀୟ ରାଜପଥର ଥିବା ବିଭିନ୍ନ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଏହି ଟ୍ରକ୍ କାଲିମେଲାରୁ ଗୋମ୍ପାକୋଣ୍ଡା କେନାଲ ରାସ୍ତା ଦେଇ ଯାଉଥିବା ବେଳେ ରାସ୍ତାକଡ ମାଟି ଧସି ଯିବାରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି।


ଓଲଟି ପଡିଥିବା ଟ୍ରକ୍ ।

# ବର୍ଷା ମୁକାବିଲା ନେଇ ସଜାଗ ରହିବାକୁ ଅଧିକାରୀଙ୍କୁ ପରାମର୍ଶ


କୋରାପୁଟ ସହର ଦେଇ ବିଶାଖାପାଟଣା ଯାଇଥିବା ୨୬ ନଂ ଜାତୀୟ ରାଜପଥର ରେଲୱେ ଓଭର ବ୍ରିଜ ନିକଟରେ ୪ ଫୁଟ ପାଣି ଚାଲୁଛି ।

ଲମତାପୁଟ,୧୮।୮(ଭକ୍ତରାମ ବାଙ୍କିଆ)

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଲମତାପୁଟ ଜନଶୁଣାଣିରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ଜିଲାରେ ୟେଲୋ ଓ ରେଡ ଆଲର୍ଟ ଥିବାରୁ ଜନସାଧାରଣ,ଛାତ୍ରୀଛାତ୍ରଙ୍କୁ ଅସୁବିଧା ନ ହେବା ନେଇ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ବର୍ଷା ଶେଷ ହେବା ପରେ ଝାଡାବାନ୍ତି ନ ବ୍ୟାପିବା ନେଇ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଥିଲେ। ବର୍ଷାରେ ଗଛ ପଡ଼ି ରାସ୍ତାରେ ପଡିଲେ ଏହାକୁ ତୁରନ୍ତ କାଟି ଯାତାୟାତ ସ୍ୱାଭାବିକ କରିବାକୁ ଅଧିକାରୀଙ୍କୁ ଜିଲାପାଳ ମହାଜନ ସତର୍କ କରାଇଛନ୍ତି। ବର୍ଷାର ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ସେ କହିଛନ୍ତି।

## ଜିଲାରେ ୫୬୪.୬ ମିମି ବର୍ଷା

କୋରାପୁଟ,୧୮।୮(ଅମିତାଭ ବେହେରା)

କୋରାପୁଟ ଜିଲାରେ ସୋମବାର ପୂର୍ବାହ୍ନ ୧୦ଟା ସୁଧା ୫୬୪.୬ ମି.ମି ବର୍ଷା ହୋଇଥିବା ସୂଚନା ରହିଛି। କୋଟପାଡ଼ ବ୍ଲକରେ ସର୍ବାଧିକ ୧୩୩ ମିମି ବର୍ଷା ହୋଇଛି। ନାରାୟଣପାଟଣା ବ୍ଲକର ତଳଗୁମାଣ୍ଡି ଓ ଲକ୍ଷ୍ମୀପୁର ବ୍ଲକର କାକିରିଗୁମ୍ମା ନିକଟ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଧସି ରାସ୍ତା ଅବରୋଧ ହୋଇଥିଲା। ପ୍ରଶାସନ ପକ୍ଷରୁ ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରାଯାଇଥିଲା। କୋରାପୁଟ ସହରର ମାଇନିଂ କାର୍ଯ୍ୟାଳୟ ସମ୍ମୁଖ ୨୬ ନଂ ଜାତୀୟ ରାଜପଥ ଉପରେ ୪ ଫୁଟ ପାଣି ପ୍ରବାହିତ ହୋଇଥିବା ଜଣାପଡ଼ିଛି। ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ନାରାୟଣପାଟଣା ବ୍ଲକ୍‌ରେ ୫୮.୨ ମିମି ବର୍ଷା ହୋଇଛି। ବୋରିଗୁମ୍ମାରେ ୫୫.୪ ମିମି , ପଟ୍ଟାଙ୍ଗିରେ ୫୫.୨ ମିମି, ସେମିଳିଗୁଡାରେ ୩୪ ମିମି, କୋରାପୁଟରେ ୨୫ ମିମି,ଜୟପୁରରେ ୪୫.୮ ମିମି, ଲମତାପୁଟରେ ୩୬.୪ ମିମି. ଦଶମନ୍ତପୁରରେ ୨୦.୪ ମିମି,ବୈପାରିଗୁଡାରେ ୧୦ ମିମି ବର୍ଷା, ନନ୍ଦପୁରରେ ୮ ମିମି, ବନ୍ଧୁଗାଁରେ ୩୩ ମିମି, ଲକ୍ଷ୍ମୀପୁରରେ ୨୦.୪ ମିମି, କୁନ୍ଦୁରାରେ ୩୦.୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଏହି ବର୍ଷା ଯୋଗୁ ୧୪ ଘର ଭାଙ୍ଗିଥିବା ସୂଚନା ରହିଛି। କୋରାପୁଟ ସହର ଓ ବ୍ଲକ୍ ଅଞ୍ଚଳରେ ବର୍ଷା ଯୋଗୁ କୋରାପୁଟ ସହର ଦେଇ ବିଶାଖାପାଟଣା ଯାଇଥିବା ୨୬ ନଂ ଜାତୀୟ ରାଜପଥର ରେଲୱେ ଓଭର ବ୍ରିଜ ନିକଟରେ ସକାଳୁ ୪ ଫୁଟ ପାଣି ରାଜପଥରେ ପ୍ରବାହିତ ହେଉଥିବାରୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଯୋଗୁ ଜିଲାର କ୍ଷୟକ୍ଷତି ରିପୋର୍ଟ ଆସି ନ ଥିବା ଜିଲା ଜରୁରୀ ଅଧିକାରୀ ନିଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି।

## ବର୍ଷା ଯୋଗୁ ଆଜି ୨ ଟ୍ରେନ୍ ବାତିଲ

କୋରାପୁଟ,୧୮।୮(ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ବିଶାଖାପାଟଣା ରେଲୱେ ଡିଭିଜନ ପକ୍ଷରୁ ସୋମବାର ୪ ଯାତ୍ରୀବାହୀ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ମଙ୍ଗଳବାର ପାଇଁ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର ଓ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜରକୁ ବାତିଲ କରାଯାଇଥିବା ରେଲୱେ ପକ୍ଷରୁ କୁହାଯାଇଛି।

**ବଦଳିଲା ୪ ଯାତ୍ରୀବାହୀ ଟ୍ରେନ୍‌ର ଗତିପଥ**

ସୂଚନା ମୁତାବକ, ବିଶାଖାପାଟଣା–କିରଣ୍ଡୁଲ ରାତ୍ରିକାଳୀନ ଏକ୍ସପ୍ରେସ (ନଂ.୧୮୫୧୫) ସୋମବାର ଓ ମଙ୍ଗଳବାର ବିଶାଖାପାଟଣାରୁ ବାହାରି ଭାୟା କୋତାବାଲସା, ବିଜୟନଗର, ରାୟଗଡ଼ା ଏବଂ କୋରାପୁଟ ଦେଇ ଚଳାଚଳ କରିବାକୁ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। କିରଣ୍ଡୁଲ–ବିଶାଖାପାଟଣା ରାତ୍ରୀକାଳିନ ଏକ୍ସପ୍ରେସ(ନଂ.୧୮୫୧୬) କୋରାପୁଟ, ରାୟଗଡ଼ା, ବିଜୟନଗର ଓ କତାବାଲସା ଦେଇ ବିଶାଖାପାଟଣାକୁ ଚଳାଚଳ କରିବ। ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର ଟ୍ରେନ(ନଂ.୫୮୫୦୧) ଆରକୁଯାଏ ଚଳାଚଳ କରି ବିଶାଖାପାଟଣା ଫେରିଥିବା ଜଣାପଡ଼ିଛି। ସେହିପରି କିରଣ୍ଡୁଲ – ବିଶାଖାପାଟଣା ପାସେଞ୍ଜର ଟ୍ରେନ(ନଂ.୫୮୫୦୨) କିରଣ୍ଡୁଲଠାରୁ କୋରାପୁଟ ଆସି ପୁଣି କିରଣ୍ଡୁଲ ଫେରିଥିବା ଜଣାପଡ଼ିଛି।

## ପାହାଡ଼ରୁ ମାଟିଅତଡ଼ା ଧସି ତଳମିଟିଂ ରାସ୍ତା ଅବରୋଧ

ଲକ୍ଷ୍ମୀପୁର,୧୮।୮(ଅନନ୍ତ ପ୍ରସାଦ ନାୟକ)

ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ମାଟି ଅତଡ଼ା ଧସି କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ପଞ୍ଚାୟତର ତଳମିଟିଂ ପର୍ଯ୍ୟଟନସ୍ଥଳ ରାସ୍ତା ସୋମବାର ଅବରୋଧ ହୋଇଛି। ଯାତାୟାତ ଠପ୍ ହୋଇଥିଲା। କାକିରିଗୁମା ସାପ୍ତାହିକ ହାଟକୁ ଆସୁଥିବା ତଳମିଟିଂ, ଛତା ଆମ୍ବ, ପରଡି ଆମ୍ବ ଓ ସମଝା ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅତିଶୀଘ୍ର ରାସ୍ତା ମରାମତି କରିବାକୁ ଦାବି ହୋଇଛି। ପରେ ସ୍ଥାନୀୟ ତହସିଲଦାର ନୈବେଦ୍ୟ ଭୋଇଙ୍କ ଉପସ୍ଥିତିରେ ରାସ୍ତାରୁ ମାଟି ସଫା କରାଯାଇ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।


ରାସ୍ତାରେ ମାଟି ଧସେଇ ପଡ଼ିଛି।

## ବର୍ଷାରେ ଭାଙ୍ଗିଲା ୪ ଘର

ନନ୍ଦପୁର,୧୮।୮
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାରେ ଲଘୁଚାପ ଜନିତ ବର୍ଷା ପ୍ରଭାବରେ ନନ୍ଦପୁର ତହସିଲ ଅଞ୍ଚଳରେ ସୋମବାର ୪ ଘର ଭାଙ୍ଗିଥିବା ସୂଚନା ମିଳିଛି। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣାଙ୍କ ସୂଚନା ମୁତାବକ ତହସିଲ ଅନ୍ତର୍ଗତ ବିଲାପୁଟ ରାଜସ୍ୱ ମଣ୍ଡଳରେ ୩ ଓ ଖୂର୍ଜୀ ରାଜସ୍ୱ ମଣ୍ଡଳରେ ଗୋଟିଏ ଘର ଭାଙ୍ଗିଛି। ବିଲାପୁଟ ମଣ୍ଡଳର ଅତଣ୍ଡା ପଞ୍ଚାୟତର ବନୁର ଗ୍ରାମର ମାଟି ଘରର ଗୋଟିଏ ଲେଖାଏ କାନ୍ଥ ଭାଙ୍ଗିଛି। ଖୂର୍ଜୀ ମଣ୍ଡଳର ବଡ଼ପୁଟ ଗ୍ରାମର ଧନ ଦୋରାଙ୍କ ଘରର ଗୋଟିଏ ପାର୍ଶ୍ୱ ଭାଙ୍ଗି ଥିବା କହିଛନ୍ତି। ସମସ୍ତ ପରିବାରକୁ ରାଜସ୍ୱ ନୀରିକ୍ଷକମାନେ ତ୍ୱରିତ ସହାୟତା ସ୍ୱରୂପ ପଲିଥିନ ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। କ୍ଷୟକ୍ଷତି ଆକଳନ ପରେ ଘର ଭଙ୍ଗା ସହାୟତା ପ୍ରଦାନ ପ୍ରକ୍ରିୟା କରାଯିବ ବୋଲି ତହସିଲଦାର ମହାରଣା ସୂଚନା ଦେଇଛନ୍ତି। ମଙ୍ଗଳବାର ଜିଲାରେ ଅଧିକ ବର୍ଷା ହେବା ସୂଚନା ଥିବାରୁ ନନ୍ଦପୁର ତହସିଲ ପ୍ରଶାସନ ତତ୍ପର ଥିବା କହିଛନ୍ତି।


ଧନ ଦୋରାଙ୍କ ଭାଙ୍ଗିଥିବା ଘର।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ଜୟପୁର,୧୮।୮(ପବନ ପାଣିଗ୍ରାହୀ)

ଜୟପୁର ସଙ୍ଗମ କଲ୍ୟାଣମଣ୍ଡପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ କୋରାପୁଟ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନଙ୍କ ସଭାପତିତ୍ୱରେ ସଂଘର ଆଇନ ପରାମର୍ଶଦାତା ରମାକାନ୍ତ ରାଉଳ, ଉପଦେଷ୍ଟା ଗୋକୁଳି ପ୍ରଧାନ, ପି. ହରିଶ ରାଓ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ରଥ ଓ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜୟପୁର ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ। ସଭାପତି ଦେବୀ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଶିକ୍ଷକ ପଦୋନ୍ନତି, ବିନା ଓଟିଇଟିରେ ପଦୋନ୍ନତି, ମୌଳିକ ସୁବିଧା ସହ ୟୁଏସ୍ ଲାଗୁ କରିବା, ବିଇଓ ଏବଂ ଏବିଇଓ ପଦବୀ ପୂରଣ ଆଦି ୧୦ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ଜିଲା ଓ ବ୍ଲକ ସଂଘ ପୁନର୍ଗଠନର ନିଷ୍ପତ୍ତି ନିଆଯାଇଥିଲା । ଜିଲା ସଂଘର ଆଞ୍ଚଳିକ ସଂଯୋଜକ ନୟନ ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ। ସଭାରେ କୋରାପୁଟ ଜିଲାର ସମସ୍ତ ବ୍ଲକର ୧୬ ଶାଖାର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଜୟପୁର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ପୁରନ୍ଦର ନାୟକ, ମମତା ମହାପାତ୍ର, ଜ୍ୟୋତିରାଣୀ ପଣ୍ଡା, ସାଗର ତ୍ରିପାଠୀ ଓ ମନୋରଞ୍ଜନ ପଲାଇ ପ୍ରମୁଖ ସହଯୋଗ କରିଥିଲେ।

## ବସ୍ ଧକ୍କାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ


ଲୋକେ ୨୬ନଂ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ କରୁଛନ୍ତି।

ବୋରିଗୁମ୍ମା,୧୮।୮(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ଖୁଡ଼ିଗୁଡା ନିକଟରେ ଏକ ଘରୋଇ ବସ୍ ଧକ୍କାରେ କାମତା ଗ୍ରାମର ପୂର୍ବତନ ସରପଞ୍ଚ ନାରାୟଣ ଜାନିଙ୍କ ସୋମବାର ମୃତ୍ୟୁ ହୋଇଛି। କ୍ଷତିପୂରଣ ଦାବିରେ ତାଙ୍କ ସମ୍ପର୍କୀୟ ଓ ବୋରିଗୁମ୍ମା ରାଜମିସ୍ତ୍ରୀ ସଂଘ ଥାନା ସମ୍ମୁଖ ୨୬ ନଂ ଜାତୀୟ ରାଜପଥ ୫ ଘଣ୍ଟା ଧରି ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ନାରାୟଣ ଏବଂ ତାଙ୍କ ସାଙ୍ଗ ବାଇକ୍ ଯୋଗେ ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ଏକ ବସ୍ ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ନାରାୟଣ ଓ ତାଙ୍କ ସାଙ୍ଗ ଛିଟିକି ପଡ଼ିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ନାରାୟଣ ବର୍ତ୍ତମାନ ବୋରିଗୁମ୍ମା ରାଜ ମିସ୍ତ୍ରୀ ସଂଘର ସମ୍ପାଦକ ଥିଲେ।

**କ୍ଷତିପୂରଣ ଦାବିରେ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

କ୍ଷତିପୁରାଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିବାରୁ ବୋରିଗୁମ୍ମାରୁ ବିଶାଖାପାଟଣା, ନବରଙ୍ଗପୁର,କଳାହାଣ୍ଡି ଓ ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀଙ୍କୁ ବୋରିଗୁମ୍ମା ଅତିରିକ୍ତ ତହସିଲଦାର ସତୀଶ କୁମାର ବୋଇନି ଓ ପୋଲିସ ବୁଝାସୁଝା କରିବା ପରେ ସନ୍ଧ୍ୟା ୭ଟାରେ ଲୋକେ ରାସ୍ତାରୁ ହଟିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଖବର ଲେଖାଯିବା ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ କରାଯାଇ ନ ଥିବା ସୂଚନା ରହିଛି।

## ନିଟ୍ ପରୀକ୍ଷାରେ ଦଶମନ୍ତପୁରର ଚିନ୍ମୟୀଙ୍କ ସଫଳତା

ଦଶମନ୍ତପୁର,୧୮।୮(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଛଣାବାଡ଼ ପଞ୍ଚାୟତ ଝୋଡିପାଇ ଗ୍ରାମର ଗୋପାଳ ସାଉଁନ୍ତାଙ୍କ ଝିଅ ଚିନ୍ମୟୀ ସାଉଁନ୍ତା(ସୁନି) ଜାତୀୟ ସ୍ତରୀୟ ନିଟ୍ ପରୀକ୍ଷାରେ ରାଜ୍ୟ ସ୍ତରରେ ଏସ୍‌ଟି ର୍‌ୟାଙ୍କ ୧୧୬ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଡାକ୍ତର ପାଠ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଦଶମନ୍ତପୁର, ଲକ୍ଷ୍ମୀପୁର,ନାରାୟଣପାଟଣା ଓ ବନ୍ଧୁଗାଁର ପ୍ରଥମ ଆଦିବାସୀ ଛାତ୍ରୀ ଭାବେ ଡାକ୍ତର ପାଠ ପଢ଼ିବେ। ଚିନ୍ମୟୀ ଲକ୍ଷ୍ମୀପୁର ଶିଶୁ ମନ୍ଦିରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ଷଷ୍ଠରୁ ଦଶମ ଏକଲବ୍ୟ ମଡେଲ ସ୍କୁଲରେ ପଢ଼ିଥିଲେ। ଏହା ପରେ ରାୟଗଡ଼ା ଯୁପିଟର କଲେଜରେ ଯୁକ୍ତ ୨ ସମାପ୍ତ କରି ଭୁବନେଶ୍ୱର ଆକାଶ ଇନ୍‌ଷ୍ଟିଚ୍ୟୁଟରେ କୋଚିଂ ନେଇ ଜାତୀୟସ୍ତରୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କୁ ବିଭିନ୍ନ ସ୍ତରରୁ ଶୁଭେଚ୍ଛାର ସୁଅ ଛୁଟିଛି।


ଚିନ୍ମୟୀ ସାଉଁନ୍ତା।

## ୪୦ ସମସ୍ୟା ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

କୋରାପୁଟ/ଲମତାପୁଟ,୧୮।୮
(ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)

**ଜିଲାସ୍ତରୀୟ ଅଭିଯୋଗ ଶୁଣାଣି**

କୋରାପୁଟ ଜିଲା ଲମତାପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା,ଉପଜିଲାପାଳ ପ୍ରେମଲାଲ ହିଆଲ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ମାଛକୁଣ୍ଡ ତହସିଲଦାର ଦିବାକର ବାଘ, ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର.ଏନ୍. ମିଶ୍ର,ଖଣ୍ଡିଅ ବନ ବିଭାଗ ଅଧିକାରୀ ରାଜଶେଖର ରାଓ ଏବଂ ଲମତାପୁଟ ବ୍ଲକ୍ ଅଧ୍ୟକ୍ଷ ତାପସ କୁମାର ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ। ଲଗାଣ ବର୍ଷା ସତ୍ତ୍ୱେ ଜିଲାପାଳ ଯୋଗଦେଇ ୪୦ ଅଭିଯୋଗର ଶୁଣାଣି କରିଥିଲେ। ୧୯ ବ୍ୟକ୍ତିଗତ ଓ ୨୧ ସାମୁହିକ ଅଭିଯୋଗ ଗ୍ରହଣ କରି ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।


ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ବିଦ୍ୟୁତ୍, ମୋବାଇଲ ନେଟୱର୍କ ସମସ୍ୟା ସମାଧାନ ଦାବି

ନନ୍ଦପୁର,୧୮।୮(ତୁଷାର କାନ୍ତ ମହାନ୍ତି)

**ପଞ୍ଚାୟତସ୍ତରୀୟ ଜନଶୁଣାଣି**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ହିକିମପୁଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଲୋକେ ପଞ୍ଚାୟତରେ ବିଦ୍ୟୁତ୍ ସେବା ଓ ମୋବାଇଲ ନେଟୱର୍କ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ସଦର ମହକୁମାଠାରୁ ମାତ୍ର ୪ କି.ମି ଦୂରରେ ପଞ୍ଚାୟତ ଥିଲେ ମଧ ଦୈନିକ ୧୨ଥର ଲେଖାଏ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ମୋବାଇଲ ନେଟୱର୍କ ମଧ କାମ କରୁନାହିଁ। ଲୋକେ ହଇରାଣ ହେଉଥିବାରୁ ସମାଧାନ କରିବାକୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୮୦ ଦଶକର ପୁରୁଣା ଭଙ୍ଗା ଘରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଲୋକେ ଅନୁରୋଧ କରିଛନ୍ତି। ପଞ୍ଚାୟତରେ ଥିବା ୯ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ଅଧିକାଂଶ ଆଜବେଷ୍ଟସ ଛପର ଘରେ ଚାଲିଛି। ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଶୌଚାଳୟ ଓ ସୁରକ୍ଷା ପାଚେରୀ ନ ଥିବାରୁ ପ୍ରାକ୍ ଶିକ୍ଷାସ୍ଥଳ ଅସୁରକ୍ଷିତ ଥିବା ଅଭିଯୋଗ ହୋଇଥିଲା। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମିରେ ସୁଧାର କରାଯାଉ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ବିଡିଓ ଦୋରା ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୫ ଅଭିଯୋଗ ପଞ୍ଜୀକୃତ କରାଯାଇଥିବା କହିଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଶିବିରରେ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ, ସମସ୍ତ ୱାର୍ଡସଭ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସିଡିପିଓ ମିନତି ବାଲା ପଟ୍ଟନାୟକ ଓ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପିଇଓ କମଲ ରାଓ ସ୍ମିଥ ଶିବିର ପରିଚାଳନା କରିଥିଲେ।



ଶିବିରରେ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

## ସାର ଅଭାବ: ଲ୍ୟାମ୍ପସ ମୁଖ୍ୟ ଫାଟକରେ ତାଲା ପକାଇଲେ ଚାଷୀ

ପଟ୍ଟାଙ୍ଗି,୧୮।୮(ଶରତ କୁମାର ଧଳ)

ସାର ଅଭାବ ନେଇ କୋରାପୁଟ ଜିଲା ପଟ୍ଟାଙ୍ଗି ଲ୍ୟାମ୍ପସ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଚାଷୀ ତାଲା ପକାଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲ୍ୟାମ୍ପସ ଅଧୀନ ୧୧ ପଞ୍ଚାୟତର ଚାଷୀଙ୍କୁ ସାର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ଆବଶ୍ୟକ ତୁଳନାରେ କମ୍ ପରିମାଣର ସାର ଆସିଥିବାରୁ ଲଗାଣ ବର୍ଷା ସତ୍ତ୍ୱେ ଚାଷୀ କାର୍ଯ୍ୟାଳୟରେ ପହଞ୍ଚି ହଇରାଣ ହୋଇଥିଲେ। ସାର ନ ପାଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଲ୍ୟାମ୍ପସ କାର୍ଯ୍ୟାଳୟ କର୍ମଚାରୀଙ୍କୁ ହଟହଟା ହେବାକୁ ପଡ଼ିଥିଲା। ପରେ ଲ୍ୟାମ୍ପସ କାର୍ଯ୍ୟାଳୟ ପକ୍ଷରୁ କୋରାପୁଟ ଏଆରସିଏସ୍‌ଙ୍କ ମାଧ୍ୟମରେ ମାର୍କଫେଡ୍ କମ୍ପାନୀକୁ ୨ ହଜାର କୁଇଣ୍ଟାଲ ଯଥା ୪ ହଜାର ବସ୍ତା ୟୁରିଆ ସାର ଆବଶ୍ୟକତା ଥିବା ନେଇ ଚିଠି ମାଧ୍ୟମରେ ଜଣାଇଥିଲେ। କିନ୍ତୁ ଆବଶ୍ୟକ ଅନୁସାରେ କମ୍ପାନୀ ସାର ନ ପଠାଇ ମାତ୍ର ୩୫୦ ବସ୍ତା ୟୁରିଆ ପଠାଇଥିଲା। ସେଥିରେ ଲ୍ୟାମ୍ପସ କାର୍ଯ୍ୟାଳୟ ଅଧୀନରେ ୧୩ ହଜାର ରଣୀ ଚାଷୀ ରହିଥିବାରୁ କମ୍ପାନୀ ପଠାଇଥିବା ସାର କମ୍ ପରିମାଣର ରହିଛି। ଲ୍ୟାମ୍ପସ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ରଣୀ ଚାଷୀଙ୍କୁ ପ୍ରଥମେ ସାର ପ୍ରଦାନ କରିବା ନେଇ ନିର୍ଦ୍ଦେଶ ରହିଛି। ସାର ବଳିବା ପରେ ଅନ୍ୟ ଚାଷୀଙ୍କୁ ବିକ୍ରି ନିୟମ ରହିଛି। କିନ୍ତୁ କମ୍ ସାର ଆସିଥିବାରୁ ରଣୀ ଚାଷୀ ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ଚାଷୀ ଟଙ୍କା ଦେଇ କିଣୁଥିବାରୁ ଏପରି ସମସ୍ୟା ହୋଇଥିବା ପ୍ରକାଶ କରିଛନ୍ତି। ଏହି ଲ୍ୟାମ୍ପସ ଉପରେ କୋଟିଆ ପଞ୍ଚାୟତର ଚାଷୀମାନେ ନିର୍ଭର କରୁଛନ୍ତି। ସେମାନେ ମଧ ଲ୍ୟାମ୍ପସରେ ପହଞ୍ଚି ହଇରାଣ ହୋଇଥିବା କହିଛନ୍ତି। ଅନ୍ୟ ପଞ୍ଚାୟତ ଚାଷୀମାନେ ମଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହାପରେ ଛୁଟିରେ ଥିବା ଲ୍ୟାମ୍ପସ ପରିଚାଳକ ବିଏମ୍‌ଡିଟିପି ରାକେଶ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ଶୁକ୍ରବାର ମଧରେ ସମସ୍ତ ଚାଷୀଙ୍କୁ ସାର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଲୋକେ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଇଛନ୍ତି ।

ଏ ସମ୍ପର୍କରେ ଏମ୍‌ଡି ରାକେଶଙ୍କୁ ପଚାରିବାରୁ ସାର ଯୋଗାଉଥିବା କମ୍ପାନୀ ଆବଶ୍ୟକ ଅନୁଯାୟୀ ପଠେଇ ନ ପାରିଲେ ମଧ ଅତିକମ୍‌ରେ ୧ ହଜାର ୧୫ ଶହ ବସ୍ତା ପଠେଇଥିଲା। ଆମେ ଚାଷୀଙ୍କୁ ବୁଝାଶୁଝା କରି ଦେବାରେ କୌଣସି ଅସୁବିଧା ହେବ ନାହିଁ। ଏହିପରି ଅବ୍ୟବସ୍ଥା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଗାଡ଼ିଧୂଆଁ ଘରେ ପଶିବାରୁ ଛୁରି ଭୁସିଦେଲି

## ଯୁକ୍ତିତର୍କରୁ ବୃଦ୍ଧଙ୍କୁ ଛୁରାମାଡ଼ ଘଟଣା, ଜଙ୍ଗଲରୁ ଅଭିଯୁକ୍ତ ଗିରଫ

ଶେରଗଡ଼,୧୮।୮ (ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ମେଡିକାଲ ରୋଡ୍‌ରେ ଥିବା ସାହିରେ ସାମାନ୍ୟ ଯୁକ୍ତିତର୍କକୁ ନେଇ ନୀଳାଚଳ ମିଶ୍ର(୬୦)ଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ସୋମବାର ଶେରଗଡ଼ ପୋଲିସ ନିକଟସ୍ଥ ଜଙ୍ଗଲରୁ ଗିରଫ କରିଛି। ପୋଲିସ ଏନେଇ ବିଏନ୍‌ଏସ୍ ଦଫା. ୧୦୩(୧)(ହତ୍ୟା)ରେ ଏକ ମାମଲା(ନଂ.୩୪୮/୨୫) ରୁଜୁ କରି ଅଭିଯୁକ୍ତ ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ଜେଲ୍ ହାଜତକୁ ପଠାଯାଇଛି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ରଞ୍ଜନ ଏବଂ ମୃତକ ନୀଳାଚଳ ଦୁଇ ପଡ଼ୋଶୀ। ରଞ୍ଜନଙ୍କ ୨ଟି ଘର। ଗୋଟିଏ ଘରେ ସେ ଏକୁଟିଆ ରହୁଥିବାବେଳେ ଆଉ ଗୋଟିଏ ଘର ଜଣେ ମହିଳାଙ୍କୁ ଭଡ଼ା ଦେଇଛନ୍ତି। ସମ୍ପୃକ୍ତ ମହିଳା ତାଙ୍କ ସ୍କୁଟି ରଞ୍ଜନଙ୍କ ପିଣ୍ଡାରେ ରଖିଥିଲେ। ଦୀର୍ଘଦିନ ଧରି ଗାଡ଼ିଟି ସେଠାରେ ରହିବା ଯୋଗୁ ରବିବାର ଏହା ଷ୍ଟାର୍ଟ ହୋଇ ନ ଥିଲା। ପରେ ମହିଳା ଜଣକ ପଡ଼ୋଶୀ ନୀଳାଚଳଙ୍କ ପୁଅ ଆଲୋକଙ୍କୁ ଗାଡିଟି ଷ୍ଟାର୍ଟ କରିଦେବାକୁ ଡାକିଥିଲେ। ଆଲୋକ ଗାଡ଼ି ଷ୍ଟାର୍ଟ କରି କିଛି ସମୟ ରଖିଥିଲେ। ଫଳରେ ଗାଡ଼ିର ଧୂଆଁ ରଞ୍ଜନଙ୍କ ଘର ଭିତରେ ପଶିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ରଞ୍ଜନ ପିଣ୍ଡାକୁ ଆସି ଆଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟି ଶୁଣି ଆଲୋକଙ୍କ ବାପା ନୀଳାଚଳ ଘଟଣାସ୍ଥଳକୁ ଆସିଥିଲେ। ପରେ ରଞ୍ଜନ ଓ ନୀଳାଚଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ଘର ଭିତରୁ ଏକ ଛୁରି ଆଣି ନୀଳାଚଳଙ୍କ ପେଟକୁ ଭୁସି ଦେଇଥିଲେ। ନୀଳାଚଳଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଶେରଗଡ଼ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ରଞ୍ଜନ ଘର ଚାବି ପକାଇ ଫେରାର ହୋଇଯାଇଥିଲେ। ନୀଳାଚଳଙ୍କ ପରିବାର ଲୋକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ରଞ୍ଜନ ତାଙ୍କ ଘର ନିକଟ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା। ପୋଲିସ ପଚରାଉଚରା କରିବାବେଳେ ଗାଡ଼ିଧୂଆଁ ଘରେ ପଶିବାରୁ ନୀଳାଚଳଙ୍କୁ ଛୁରି ଭୁସିଦେଲେ ବୋଲି ସେ କହିଛନ୍ତି। ଉଭୟ ପରିବାର ମଧ୍ୟରେ ସବୁବେଳେ ତିକ୍ତତା ଲାଗିରହି ଏପରି ଘଟଣା ଘଟିଛି ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ କହିଛନ୍ତି।


ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ପୋଲିସ ନେଉଛି।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ

## ୨ ବହୁତଳ କୋଠା, ୨ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ଠାବ

- ନଗଦ ୧.୨୫ ଲକ୍ଷ ଜବତ, ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧.୯୭ ଲକ୍ଷ
- ଘନିଷ୍ଠ ସହଯୋଗୀଙ୍କ ନାଁରେ ଥିବା ଲକରକୁ ଚଳାଉଛନ୍ତି ସୁରେନ୍ଦ୍ର

ଭୁବନେଶ୍ୱର,୧୮।୮ (ସତ୍ୟଜିତ୍ ରାଉତ)

ଅନୁଗୋଳ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ସୁରେନ୍ଦ୍ରଙ୍କ ଭୁବନେଶ୍ୱର, ସୁନ୍ଦରଗଡ, ରାଉରକେଲା, ଅନୁଗୋଳ ଓ ଗଞ୍ଜାମର ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ସୁରେନ୍ଦ୍ରଙ୍କ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାନ୍ଧାଲି ଗ୍ରାମସ୍ଥିତ ପୈତୃକ ଘର, ଅଲଡି ଗାଁସ୍ଥିତ ଶ୍ୱଶୁର ଘର, ଅନୁଗୋଳସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଯାଞ୍ଚବେଳେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବାବେଳେ ବହୁମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ଚାଲିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ସୁରେନ୍ଦ୍ରଙ୍କ ସୁନ୍ଦରଗଡ ଟାଉନସ୍ଥିତ ୪୨୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଓ ରାଉରକେଲା ଗୋପବନ୍ଧୁ ନଗରସ୍ଥିତ ଏମ୍/୨୦ ଛେଣ୍ଟରେ ୩୫୦୦ ବର୍ଗଫୁଟରେ ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ତାଙ୍କର ଭୁବନେଶ୍ୱର ଘାଟିକିଆସ୍ଥିତ ଆପାର୍ଟମେଣ୍ଟରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ଆଉ ଏକ ୨ ବିଏଚ୍‌କେ ଫ୍ଲାଟ୍ ଥିବା ଜଣାପଡିଛି। ଏଥିସହ ସୁରେନ୍ଦ୍ରଙ୍କ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏଥିମଧ୍ୟରୁ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ଓ ସୁନ୍ଦରଗଡ ଏବଂ ରାଉରକେଲାରେ ଗୋଟିଏ ଲେଖାଏ ପ୍ଲଟ୍ ରହିଛି। ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ପ୍ଲଟ୍, କୋଠା ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ସେହିପରି ସୁରେନ୍ଦ୍ରଙ୍କ ଘରୁ ନଗଦ ୧.୨୫ ଲକ୍ଷ ଟଙ୍କା ମିଳିଥିବା ବେଳେ ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧ ଲକ୍ଷ ୯୭ ହଜାର ୩୪୦ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଦୁଇଟି ଚାରିଚକିଆ ଯାନ ଓ ୧୭.୪୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ ହୋଇଛି। ତେବେ ଭୁବନେଶ୍ୱର ଘାଟିକିଆସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖାରେ ସୁରେନ୍ଦ୍ର ଏକ ଲକର ଚଳାଉଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଏହି ଲକରଟି ସୁରେନ୍ଦ୍ରଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ ନାଁରେ ଥିବା ବେଳେ ଏହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଯାଞ୍ଚ ଜାରି ରହିଥିବା ବେଳେ ସୁରେନ୍ଦ୍ରଙ୍କୁ ଭିଜିଲାନ୍ସ ଅଟକ ରଖି ପଚରାଉଚରା କରୁଛି।


ସୁରେନ୍ଦ୍ର ବେହେରା


ଠାବ ହୋଇଥିବା ସୁନ୍ଦରଗଡ ଟାଉନସ୍ଥିତ ଏକ କୋଠା।

# ସମୀରଙ୍କ ଜାମିନ ଆବେଦନ ପୁଣି ଖାରଜ

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

## ୩ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ବାଲେଶ୍ୱର,୧୮।୮ (ବାଞ୍ଛାନିଧି ଦେ)



ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁଙ୍କ ଜାମିନ ପୁଣି ଖାରଜ ହୋଇଛି। ବାଲେଶ୍ୱର ଜିଲା ଓ ଦୌରାଜଜ୍ ସୋମବାର ଜାମିନ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଛନ୍ତି। ଅପରପକ୍ଷରେ ସମୀରଙ୍କୁ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ସିଏଫ୍‌ଏସ୍ ଆଣ୍ଡ ସିଡବ୍ଲୁ ଡିଏସ୍‌ପି ତଥା ମାମଲାର ତଦନ୍ତକାରୀ ଅଧିକାରୀ ଇମାନ୍ କଲ୍ୟାଣ ନାୟକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହି ଆବେଦନକୁ ମଞ୍ଜୁର କରିବା ସହ ସମୀରଙ୍କୁ ସୋମବାରଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀ ଅଭିଯୁକ୍ତ ସମୀରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି।

ଉଲ୍ଲେଖଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏଚ୍‌ଓଡି ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସମୀରଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ୍ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଜାମିନ ଆବେଦନର ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା।

# ଝିଅଙ୍କୁ ସାବତ ବାପାଙ୍କ ବଳାତ୍କାର ଅଭିଯୋଗ

ପାଲଲହଡ଼ା,୧୮।୮ (ଦିବ୍ୟଜ୍ୟୋତି ଦାଶ)

୧୨ ବର୍ଷୀୟା ନାବାଳିକା ଝିଅକୁ ସାବତ ବାପା ବଳାତ୍କାର କରିଥିବା ସୋମବାର ଅନୁଗୋଳ ଜିଲା ପାଲଲହଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦେବଗଡ଼ ଜିଲାର ଜଣେ ମହିଳା ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦ୍ୱିତୀୟ ବିବାହ କରିଥିବାବେଳେ ପୂର୍ବରୁ ମହିଳାଙ୍କର ଗୋଟିଏ ଝିଅ ରହିଛି। ତେବେ ଦ୍ୱିତୀୟ ବିବାହ ପରେ ସମ୍ପୃକ୍ତା ନାବାଳିକାଙ୍କୁ ପାଲଲହଡ଼ା ଉପଖଣ୍ଡର ଏକ କନ୍ୟାଶ୍ରମରେ ପଢ଼ିବା ପାଇଁ ଛଡ଼ାଯାଇଥିଲା। ଗତ ୧୫ ତାରିଖରେ ସାବତ ବାପା ଉକ୍ତ କନ୍ୟାଶ୍ରମରେ ପହଞ୍ଚି ଆଇଙ୍କ ଦେହ ଖରାପ କହି ସାବତ ଝିଅକୁ ସାଙ୍ଗରେ ନେଇଯିବା ସହ ଘରେ ବଳାତ୍କାର କରିଥିଲେ। ୧୬ ତାରିଖରେ ଝିଅକୁ ଆଣି ସ୍କୁଲରେ ଛାଡ଼ି ଦେଇଥିଲେ। ତେବେ ସୋମବାର ମା' ସହ ସାବତ ବାପା କନ୍ୟାଶ୍ରମରେ ପହଞ୍ଚି ଝିଅକୁ ନେବା ପାଇଁ ଉଦ୍ୟମ କରିବା ବେଳେ ଝିଅ ସମସ୍ତ ଘଟଣା ମା'ଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ମାମୁ ଘର ପକ୍ଷରୁ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ ଜରାଯାଇଥିଲା। ପୋଲିସ ସାବତ ବାପାଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ଘଟଣା ଲହୁଣିପଡ଼ା ଥାନା ଅଞ୍ଚଳରେ ଘଟିଥିବାରୁ ପାଲଲହଡ଼ା ଥାନାରେ ଶୂନ୍ୟ ଏତଲା ରୁଜୁ କରାଯାଇ ସମ୍ପୃକ୍ତ ଥାନାକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରାଯିବ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

# ଡାକବଙ୍ଗଳା ଚୌକିଦାରଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

## ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ



ରାଜଗାଙ୍ଗପୁର,୧୮।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଡାକବଙ୍ଗଳାରେ କାର୍ଯ୍ୟରତ ଜଣେ ଚୌକିଦାରଙ୍କୁ ସୋମବାର ଦିନ ଦ୍ୱିପ୍ରହରରେ ଗଳାକାଟି ହତ୍ୟା କରାଯାଇଛି। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସୁଖରାମ ଓରାମ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡ଼ଖଣ୍ଡ ଜିଲା ଲୋହରଡେଗାର ଟୋଟୋ ଗ୍ରାମରେ ବୋଲି ଜଣାପଡିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ୪୩୧/୨୫ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ବିଜୟ ଦାସ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ କଣ୍ଟିଆମୁରା ଗ୍ରାମର ଚୌକିଦାର ମଙ୍ଗଲୁ କିଷାନ ଡାକବଙ୍ଗଳା ପଛପଟେ ଥିବାବେଳେ ସୁଖରାମ ସେଠାରେ ପହଞ୍ଚିଥିଲେ। ହଠାତ୍ ଏକ କଟୁରି ସାହାଯ୍ୟରେ ତାଙ୍କ ବେକ, ମୁଣ୍ଡ ଓ ହାତକୁ ଚୋଟ ମାରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନାଟକୀୟ ଢଙ୍ଗରେ ସୁଖରାମ ହାତରେ କଟୁରି ଧରି ଘଟଣା ସ୍ଥଳରେ ବୁଲିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରି ତାଙ୍କ ହାତରୁ କୁଟୁରି ନେଇ କାବୁ କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


କାନାରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate — କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ

**ସଂଶୋଧନ ପତ୍ର**

ତା.୧୨.୦୮.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି"ରେ ଦର୍ଶିତ ଇ-ନିଲାମ ତାରିଖ "ତା.୨୭.୦୮.୨୦୨୫" ପରିବର୍ତ୍ତେ "୨୬.୦୮.୨୦୨୫" ଏବଂ ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଓ ସୁନା ଅଳଙ୍କାର ଯାଞ୍ଚ କରିବାର ତାରିଖ "ତା.୨୬.୦୮.୨୦୨୫" ପରିବର୍ତ୍ତେ "୨୫.୦୮.୨୦୨୫" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୧୮.୦୮.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

**ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. ସିଓଏମ୍/୧୮/ଏନ୍‌ଏଫ୍‌ଆର/ଇ-ଅକ୍ସନ୍ କାଟାଲଗ/ଅଗଷ୍ଟ/୨୫ ତାରିଖ: ୧୮।୦୮।୨୦୨୫

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ମଣ୍ଡଳରେ ବିଜ୍ଞାପନ ପରିସମ୍ପତ୍ତି ବର୍ଗଗୁଡ଼ିକ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି । ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ କରାଯାଇଛି । ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: ● କ୍ର.ସଂ.: ୧; ବର୍ଗ: ବିଜ୍ଞାପନ; କାଟାଲଗ୍ ନଂ.: ଏଡିଭିଟି-ସିକେପି-ଏୟୁଜି-୨୫; ନିଲାମ ତାରିଖ: ୨୫।୦୮।୨୦୨୫; ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା; ନିଲାମ ବନ୍ଦ ହେବା ସମୟ: ୧୩.୦୦ ଘଟିକା । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ କରାଯାଇଛି । ଯାହା https:/www.ireps.gov.in/websiteରେ ଅଧିସୂଚିତ ହୋଇଛି ।

(PR-533) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ — ହର୍ଷର ସହ ଆମେ ସେବାରତ

**FAKIR MOHAN UNIVERSITY**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OHEPEE/CoE/01/2025/6287 Date : 18.08.2025

**Advertisement for the Post of Research Associate (01)**

Applications are invited in the prescribed format from eligible candidates for **one number of Research Associate** under project mode for the Centre of Excellence for **"Bioresource Management and Energy Conservation Material Development"** of FM University under Odisha State Higher Education Council, BBSR. The application completed in all respect with necessary documents should reach to the **Registrar, FM University, Vyasa Vihar, Balasore-756089** on or before **01.09.2025 (5.00 PM)**. For details please visit the University website www.fmuniversity.nic.in.

Sd./- (Registrar)

**Corrigendum Notice**
**OFFICE OF THE DG & IG OF POLICE, DHURWA, RANCHI-834004**

With reference to advertisement ID- 348095 under PR No. - 358730 / (Police) 2025-26 regarding **Poly Carbonate Lathi – 450 Nos.** Tender No – 11 / 2025-26 by Police Headquarters following modification have been made:-

1. The last date for submission of Tender Document is amended as 25.08.2025 by 16:00 hrs.
2. Opening of the tender paper is amended as 29.08.2025 by 12:00 hrs.
3. Other terms and conditions remain unchanged.

I.G. of Police (Provision), Jharkhand, Ranchi.
PR 359766 Police (25-26)_D

**BIRMAHARAJPUR COLLEGE, BIRMAHARAJPUR**
**DIST. : SUBARNAPUR**
**QUOTATION CALL NOTICE**

Notice No. : 104 Date : 18.08.2025

Sealed tender/quotations are invited from intending registered manufacturers/Firms/Suppliers having PAN/GST registration with IT clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting and internet facilities through Regd. Post/Speed Post or by hand to the office on or before 26.8.2025 by 5 P.M. The suppliers are required to be in readiness to supply the materials within a short notice. The undersigned reserves the right to cancel part or whole of the tender/quotations without assigning any reason thereof.
For detailed list and specification of the items and conditions visit our website www.bmpurcollege.ac.in

Sd./- Principal-cum-Secretary
Birmaharajpur College, Dist-Subarnapur

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 18.08.2025

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Supply & Installation of Air Conditioner and their accessories across PAN TPSODL locations. | TPSODL/OT/ 2025-26/ 2500001043 | 50,000/- | 5,000 | 29.08.2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)

Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation, Repairs and Civil & Electrical Works at NDDB Office and Quarters, Salt Lake, Kolkata, West Bengal NDDB/HO/Purchase/45/25-26/ET/45 [CIVIL-KOLKATA] | 700 Lakh/ 11 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11/0.433 KV sub-station at OBPI-Berhampur, Odisha NDDB/HO/Purchase/46/25-26/ET/46 [SUBSTATION-OBPI] | 167 Lakh/ 06 Months | 19.08.25 09.09.25 | 09.09.25 15:00 hrs. 09.09.25 15:30 hrs. |
| II | 1 No. X 2 TPH HSD fired boiler with accessories at OBPI-Berhampur, Odisha NDDB/HO/Purchase/47/25-26/ET/47 [BOILER-OBPI] | 148 Lakh/ 06 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| III | Milking Parlour, TMR, Headlock & allied Dairy Farm Equipment at CoE-BBBRC, Bhildi, Banaskantha, Gujarat NDDB/HO/Purchase/48/25-26/ET/48 [MILKING-BANAS] | 900 Lakh/ 05 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| IV | Landscaping Works at CoE-BBBRC, Bhildi, Banaskantha, Gujarat NDDB/HO/Purchase/49/25-26/ET/49 [LANDSCAPE-BANAS] | 200 Lakh/ 04 Months | 21.08.25 11.09.25 | 11.09.25 15:00 hrs. 11.09.25 15:30 hrs. |
| V | Modular Partitions and Allied MEP works for Main QC lab at Mohali Dairy, Punjab NDDB/HO/Purchase/50/25-26/ET/50 [LAB-MOHALI] | 180 Lakh/ 04 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001.**
**NB: Any corrigendum/modification etc. will be posted only on these websites.**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/SD/O/SITC/2500001048 Date. 19.08.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Supply & Installation of Office Furniture under Various Circles of TPWODL.**

Interested bidders are to submit Tender Participation Fee and Authorization Letter through email on or before **28th August 2025, 15:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

**JHARIA REHABILITATION AND DEVELOPMENT AUTHORITY, DHANBAD**
**e-Procurement Notice**
**Tender Reference No: JRDA/CIVIL/25-26/10/514**
**Date: 24.07.2025**

| | | |
|---|---|---|
| 1. | Name of Work | Strengthening of road and Laying Pavers Blocks at Phase 1 at Belgoria, Dhanbad |
| 2. | Estimated Cost | Rs. 3,32,55,276.00 |
| 3. | EMD | Rs. 3,32,600.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 04 months |
| 6. | Date/Time from which bid is available for online bidding | 14.08.2025 at 03:00 PM |
| 7. | Last Date/Time for on-line submission of bids | 06.09.2025 at 5:00 PM |
| 8. | Date and Time of Bid Opening | 08.09.2025 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More,Golf Ground Road, Hirapur, Dhanbad -826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhand tenders.gov.in

PR 359711 Rural Development(25-26).D
Head of Department (Civil), JRDA, Dhanbad

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/AMC/VEHICLE/KUR/489, ତା.11.08.2025ରିଖ

କାର୍ଯ୍ୟର ନାମ : 33 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର ପରିସମ୍ପତ୍ତି (Assets)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ଦୂରସଂଚାର) / ନିୟନ୍ତ୍ରଣ / ଖୋର୍ଦ୍ଧା ରୋଡ୍, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ) / ଦକ୍ଷିଣ / ଖୋର୍ଦ୍ଧା ରୋଡ୍, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ) / ପୁରୀର ପ୍ରଭାରୀଙ୍କ ଅଧିନରେ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ତିନି ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ : ₹ 58,41,000.00, EMD : ₹ 1,16,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ବିଡ୍ ଆରମ୍ଭ ହେବା ତାରିଖ : ତା.19.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.09.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-486/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/57, ତା.11.08.2025ରିଖ

(1) ଟେଣ୍ଡର ସଂ. e-tenderNorthKUR-205-2025, ତା.08.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କେନ୍ଦୁଝରଗଡ଼ ଅଧୀନସ୍ଥ ସୀତାବିଞ୍ଜି-ଜରୋଲି ସେକ୍ସନରେ କି.ମି. 16.298 ଠାରୁ 90.350 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 153.06 ଲକ୍ଷ, EMD : ₹ 2,26,500/-

(2) ଟେଣ୍ଡର ସଂ. e-TenderNorthKUR-203-2025, ତା.08.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଯାଜପୁର-କେନ୍ଦୁଝର ରୋଡ୍ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍-କେନାପୁର ଷ୍ଟେସନ ମଧ୍ୟରେ କି.ମି. 334.74 ଠାରୁ 353.80 ପର୍ଯ୍ୟନ୍ତ ଏବଂ J-D ଲାଇନରେ କି.ମି. 180.00 ଠାରୁ 147.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 169.95 ଲକ୍ଷ, EMD : ₹ 2,35,000/-

(3) ଟେଣ୍ଡର ସଂ. e-TenderNorthKUR-202-2025, ତା.08.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଭଦ୍ରକ ଅଧୀନସ୍ଥ ଭଦ୍ରକ-ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେସନ ମଧ୍ୟରେ କି.ମି. 287.47 ଠାରୁ 334.74 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 190.51 ଲକ୍ଷ, EMD : ₹ 2,45,300/-

(4) ଟେଣ୍ଡର ସଂ. e-TenderNorthKUR-204-2025, ତା.08.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ହରିଚନ୍ଦନପୁର ଅଧୀନସ୍ଥ ସୀତାବିଞ୍ଜି-ଟମକା ସେକ୍ସନରେ କି.ମି. 90.350 ଠାରୁ 151.200 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 122.78 ଲକ୍ଷ, EMD : ₹ 2,11,400/-

(5) ଟେଣ୍ଡର ସଂ. eTender-hq-kur-201-2025, ତା.07.08.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ଠାରେ ଗୋଟିଏ ନୂଆ ସମନ୍ୱିତ (Combined) କ୍ରିଡ ଲବିର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 347.68 ଲକ୍ଷ, EMD : ₹ 3,23,900/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-484/Q/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ପାଦନ-ବିକ୍ରୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ

## ଓଏମ୍‌ସି ଏମ୍‌ଡିଙ୍କ ଦ୍ୱାରା କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର,୧୮।୮ (ଅଭୟ ଦାଶ)



ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁଧାଂଶୁ ମୋହନ ସାମଲ ସୋମବାର ଯାଜପୁର ଜିଲାସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମ୍‌ସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଓଏମ୍‌ସିର ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି), କ୍ୱାରି ଡି ଆଣ୍ଡ ଏଫ୍, ଷ୍ଟକ୍‌ୟାର୍ଡ, କ୍ରୋମ୍ ଓର୍ ବେନିଫିସିଏଶନ୍ ପ୍ଲାଣ୍ଟ (ସିଓବିପି) ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରାହକ ଭାବେ ବ୍ୟବହୃତ ଟିଲିଙ୍ଗ୍ ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ। ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଓଏମ୍‌ସିରୁ ଉତ୍ପନ୍ନ ହେଉଥିବା ଖଣିଜ ପଦାର୍ଥଗୁଡ଼ିକ କିଭଳି ନିଜର ଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ମଧ୍ୟ ସାମଲ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିବା ପାଇଁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏପରିକି ଓଏମ୍‌ସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତ୍ୱର ସହକାରେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ସାମଲ ଓଏମ୍‌ସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷକରି ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ(ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତଞ୍ଜଳିକୁ ଏଇଓ ଟାୟାର-୨ ପ୍ରମାଣପତ୍ର



ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ପତଞ୍ଜଳି ଫୁଡ୍ସ ଲିମିଟେଡ୍ ବ୍ୟବସାୟିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶ୍ୱ କଷ୍ଟମ୍ସ ଅର୍ଗାନାଇଜେଶନ(ଡବ୍ଲୁସିଓ) ଏବଂ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଭାରତୀୟ କଷ୍ଟମ୍ସ ବିଭାଗ ପତଞ୍ଜଳିକୁ ସ୍ୱୀକୃତିପ୍ରାପ୍ତ ଅର୍ଥନୈତିକ(ଏଇଓ) ଟାୟାର-୨ ପ୍ରମାଣପତ୍ର ପ୍ରଦାନ କରିଛି। ଏହି ପ୍ରମାଣପତ୍ର ବୈଶ୍ୱିକ ବ୍ୟବସାୟରେ ସଚ୍ଚୋଟତା, ପାରଦର୍ଶିତା ଏବଂ ଯୋଗାଣ ସୁରକ୍ଷାର ଉଚ୍ଚତମ ମାନଦଣ୍ଡର ପ୍ରତୀକ। ଭାରତର ଶୀର୍ଷସ୍ଥାନରେ ଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେବଳ ମୁଷ୍ଟିମେୟ କମ୍ପାନୀ ଏହି ମାନ୍ୟତା ହାସଲ କରିଛନ୍ତି, ଏବଂ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଏହା ଏକ ବିରଳ ସମ୍ମାନ। ଏହି ପ୍ରମାଣପତ୍ର ପତଞ୍ଜଳିକୁ ଡ୍ୟୁଟି ଡିଫର୍ଡ ପେମେଣ୍ଟ, ବ୍ୟାଙ୍କ ଗ୍ୟାରେଣ୍ଟି ଛାଡ଼, ଡାଇରେକ୍ଟ ପୋର୍ଟ ଡେଲିଭରି(ଡିପିଡି), ୨୪x୭ କ୍ଲିୟରାନ୍ସ ସୁବିଧା ସମେତ ୨୮ରୁ ଅଧିକ ଅନ୍ତର୍ଜାତୀୟ ବ୍ୟବସାୟିକ ଲାଭ ପ୍ରଦାନ କରିବ। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ବିଶ୍ୱସନୀୟତା, ପ୍ରାମାଣିକତା, ଗୁଣବତ୍ତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଦିନ ନୂଆ ଇତିହାସ ରଚୁଛି। ଏହି ପ୍ରମାଣପତ୍ର ଆମର ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ଆହୁରି ମଜଭୁତ କରୁଛି। ଏହା ଆମର ତପସ୍ୟା, ଗୁଣବତ୍ତା ଓ ସଚ୍ଚୋଟତାର ପରିଚୟ। ଆମେ ପ୍ରତିଜ୍ଞା କରୁଛୁ ଯେ 'ସ୍ୱଦେଶୀରୁ ସ୍ୱାଭିମାନ'ର ଏହି ପଥରେ ଆହୁରି ଦ୍ରୁତଗତିରେ ଆଗେଇ ଚାଲିବୁ ଏବଂ 'ମେକ୍ ଇନ୍ ଇଣ୍ଡିଆ'କୁ ବୈଶ୍ୱିକ ଶୀର୍ଷସ୍ଥାନରେ ପହଞ୍ଚାଇବୁ। ଅନ୍ୟପଟେ ଆଚାର୍ଯ୍ୟ ବାଲ୍‌କୃଷ୍ଣ କହିଛନ୍ତି, ଏହି ସମ୍ମାନ ଭାରତୀୟ ସଂସ୍କୃତି, ଆୟୁର୍ବେଦ ଓ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବାରେ ସହାୟକ ହେବ। ଆମେ ସଂକଳ୍ପ ନେଉଛୁ ଯେ ପତଞ୍ଜଳିକୁ ବିଶ୍ୱର ଶୀର୍ଷ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ମଧ୍ୟରେ ପ୍ରତିଷ୍ଠା କରିବୁ ଏବଂ ଭାରତର ରପ୍ତାନିକୁ ଶିଖରରେ ପହଞ୍ଚାଇବୁ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୮

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କେଏଚ୍‌ଏସ୍‌ଏସ୍)ର ୨୨ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଅଭିଭାଷଣ କ୍ରମରେ ଯୁବପିଢ଼ିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ, ତେବେ ପ୍ରଥମେ ନିଜର ଅହଙ୍କାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ନେଇ ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟକଳାପ, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ମାର୍ଗଦର୍ଶନକୁ ପାଥେୟକରି ଲକ୍ଷ୍ୟପଥରେ ଆଗେଇଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ପ୍ରଦାନ କରିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ଆପ୍ ଆଏ ବାହାର ଆଏ' କାର୍ଯ୍ୟକ୍ରମ ପରିବେଷଣ ପରେ ସଭା ସାଙ୍ଗ ହୋଇଥିଲା।

# ବିର୍ଲା ଓପସର ନୂତନ ଅଭିଯାନ

ଭୁବନେଶ୍ୱର,୧୮।୮

ବିର୍ଲା ଓପସ ପେଣ୍ଟ୍ସର ନୂତନ ଅଭିଯାନ(କ୍ୟାମ୍ପେନ୍) 'ବିର୍‌ଲା ଓପସ ଆସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ନୂଆ ଟେଲିଭିଜନ କମର୍ସିଆଲ(ଟିଭିସି) ଏକ ନିୟୋଜିତ ଶୈଳୀରେ ସ୍ୱତନ୍ତ୍ର 'ବିର୍ଲା ଓପସ ଆସ୍ୟୁରାନ୍ସ' ପ୍ରସ୍ତାବକୁ ଆଲୋକପାତ କରିଛି, ଯେଉଁଠାରେ ବିର୍ଲା ଓପସ ପେଣ୍ଟ୍ସ ସମ୍ପୂର୍ଣ୍ଣ ମାଗଣାରେ ପୁନର୍ବାର ପେଣ୍ଟିଂ କରିବାର ପ୍ରତିଶ୍ରୁତି ଦେଉଛି। ଏହାର ୧ ବର୍ଷର ରି-ପେଂଟିଙ୍ଗ୍ ୱାରେଣ୍ଟିକୁ ସମସ୍ତ ପ୍ରକାରର ସମ୍ଭାବ୍ୟ ଜଳବାୟୁ ସ୍ଥିତିକୁ କଭର କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି। ସେହିଭଳି କମ୍ପାନୀର ଏହି ବିଜ୍ଞାପନ କ୍ୟାମ୍ପେନ୍‌ରେ ବ୍ରାଣ୍ଡ ଆମ୍ବାସାଡର ବିକି କୌଶଲ ଓ ରଶ୍ମିକା ମନ୍ଦାନା ଅଭିନୟ କରିଛନ୍ତି। ଏହି ଟିଭିସି କ୍ୟାମ୍ପେନ୍‌ରେ ରଣବୀର ସୋରେ, ମୁରଲୀ ଶର୍ମା, ସୀମା ପାୱା ଓ ଜାବେଦ ଜାଫ୍‌ରିଙ୍କ ଭଳି ପ୍ରତିଭାବାନ୍ କଳାକାରମାନେ ଭିନ୍ନ ଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ୍ ମାଧ୍ୟମରେ ବିର୍ଲା ଓପସ ପେଂଟ୍‌ସ ଆଡ୍‌ଭାନ୍ସଡ ପ୍ରଡକ୍ଟଗୁଡିକ ସହ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟ୍ସର ସିଇଓ ରକ୍ଷିତ ହରଗଭେ କହିଛନ୍ତି, ଆମର ବିର୍ଲା ଓପସ ଆସ୍ୟୁରାନ୍ସ ପଦକ୍ଷେପ ଆମ ଉତ୍ପାଦଗୁଡିକର କାର୍ଯ୍ୟଦକ୍ଷତା ଓ ଚମତ୍କାର ଗୁଣବତ୍ତା ସହ ଗଭୀର ଭାବେ ଜଡ଼ିତ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି।

ବିର୍ଲା ଓପସ ଆସ୍ୟୁରାନ୍ସ ହେଉଛି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାର ଆମର ଏକ ମାଧ୍ୟମ। ଏହା ପ୍ରକୃତରେ ଏକ ଉପଭୋକ୍ତା-କେନ୍ଦ୍ରିତ ବ୍ରାଣ୍ଡରେ ପରିଣତ ହେବା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି।

ସେହିଭଳି ବିର୍ଲା ଓପସ ପେଂଟ୍‌ସର ମାର୍କେଟିଂ ହେଡ୍ ଇନ୍ଦରପ୍ରୀତ ସିଂହ କହିଛନ୍ତି, ଏହି ଫିଲ୍ମ ହାସ୍ୟରସ ଓ ନିଶ୍ଚିତତା ମଧ୍ୟରେ ଏକ ଉପଯୁକ୍ତ ସନ୍ତୁଳନ ସୃଷ୍ଟି କରିଥିବା ବେଳେ ବିକି ଓ ରଶ୍ମିକା ଭିନ୍ନ ଭିନ୍ନ ଲୁକ୍ ଓ ପରିସ୍ଥିତିରେ ସେମାନଙ୍କ ଆକର୍ଷଣକୁ ସାମିଲ କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୮।୮

କ୍ରମାଗତ ଭାବେ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୭୬(୬୭୬.୦୯) ପଏଣ୍ଟ ବୃଦ୍ଧି ଘଟି ୮୧,୨୭୪ (୮୧,୨୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୬ (୨୪୫.୬୫) ପଏଣ୍ଟ ବଢ଼ି ୨୪,୮୭୭ (୨୪,୮୭୬.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।

# କେ୧୩ ଟର୍ବୋ ସିରିଜ୍

ଭୁବନେଶ୍ୱର,୧୮।୮

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କେ୧୩ ଟର୍ବୋ ସିରିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅନ୍ତର୍ଭୁକ୍ତ ରହିଛି। ଏହା ଏକ ବିଲ୍ଟ-ଇନ୍ କୁଲିଂ ଫ୍ୟାନ୍ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ୍, ଯାହା ସ୍ମାର୍ଟଫୋନ୍ ଥର୍ମାଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ସେହିଭଳି ଏହା ଏକ ଆଡ୍‌ଭାନ୍ସଡ ଆକ୍ଟିଭ ଓ ପାସିଭ ଥର୍ମାଲ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୮୦ ୱାଟ୍ ସୁପରଭିଓସି ଫାଷ୍ଟ ଚାର୍ଜିଙ୍ଗ୍ ସହ ଏକ ବୃହତ୍ ୭୦୦୦ ମେଗା ଆମ୍ପିୟର ବ୍ୟାଟେରି, ୧୨୦ଏଚ୍‌ଜେଡ୍‌ଆଇ-ଫ୍ରେଣ୍ଡଲି ଇ-ସ୍ପୋର୍ଟସ ଲେଭଲ ଫ୍ଲାଟ ସ୍କ୍ରିନ ସହ ସୁସଜ୍ଜିତ କେ୧୩ ଟର୍ବୋ ସିରିଜ୍ ସବୁଠାରୁ ଚାହିଦାପୂର୍ଣ୍ଣ ସ୍ଥିତିରେ ମଧ୍ୟ ସ୍ଥାୟୀ, ଉଚ୍ଚ-କାର୍ଯ୍ୟଦକ୍ଷତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏହାକୁ ଆଜିର ଗତିଶୀଳ ଓ କାର୍ଯ୍ୟଦକ୍ଷତା-ଚାଳିତ ଯୁବପିଢ଼ିଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, ନିଜର ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପ୍‌ସେଟ୍, ଉନ୍ନତ ହାଇ-ରିଫ୍ରେଶ୍ ଡିସ୍‌ପ୍ଲେ ଓ ବୃହତ୍ କ୍ଷମତାର ବ୍ୟାଟେରିଗୁଡ଼ିକ ସହିତ କେ୧୩ ଟର୍ବୋ ସିରିଜ୍‌ର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା 'ଓଭରପାୱାର୍ଡ' ପର୍‌ଫର୍ମାନ୍ସ ପ୍ରଦାନ କରୁଛନ୍ତି।

# Classified Everyday

0674-2580101, 9692975378



## REAL ESTATE

### SALE

A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452. D-76482

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492. D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Duplex sale with gated Society near AIIms Hospital, Bhubaneswar-9777433701. D-1614




Newly open health benefits SPA by expert therapist Contact 9114559830. D-1661

Newly open Jyoti Spa positively heath benefits (Expert therapist). Contact- 8458067955. D-76933

## AFFIDAVIT

By virtue of an affidavit sworn before Executive Magistrate, Cuttack Sadar, dated 14th August 2025, I, Sasanka Sekhar Singh, Address: Village- Panchakahania, P.O.- Mangalpur, P.S.- Sadar, Dist.- Dhenkanal, PIN- 759015 declare that I have changed the name of my daughter from Saesha Shreeyali Singh to Saesha Shreeyali. Henceforth, she shall be known as Saesha Shreeyali for all purposes.
Sasanka Sekhar Singh
D-1685

I, Vishal Agrawal, aged about 29 years, S/o- Umesh Chandra Agrawal (Father), Geeta Devi Agrawal (Mother), resident of Chetani Bhawan Niladri Vihar, near Jeewan Dhara Nursing Home, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha declare by this affidavit No.- 1851, dtd. 18.08.2025, that now onwards I shall be known as VISHAL AGARWAL and my father onwards shall be known as Umesh Chandra Agarwal and my mother onwards shall be known as Geeta Devi Agarwal for all future purposes. D-1686

By virtue of an affidavit sworn before the Executive Magistrate, Golamunda, date 24.06.25, I Alekha Tandi, R/o. Village/ P.O.- Sanchergaon, P.S.- Kegaon, Dist.- Kalahandi declare that I have changed my son's name from Kapileswar Tandi to Amlan Tandi. Henceforth, he shall be known as Amlan Tandi for all purpose.
Alekha Tandi
D-1681

By virtue of an affidavit sworn before the Executive Magistrate, Boudh, No.- 1137, date 12.08.25, I, Chittaranjan Samal, R/o. Village/ P.O.- Sarasara, P.S./ Dist.- Boudh, Odisha, PIN- 762026 declare that I have changed my daughter's name from Pragyna Samal to Prangya Samal. Henceforth, she shall be known as Prangya Samal for all purpose.
Chittaranjan Samal
D-1682

By virtue of an affidavit sworn before Executive Magistrate, Kanas, dated- 12.08.2025, I Titikshya Baliyarsingh D/o- Swapna Rani Baliyarsingh, Vill.- Dochhian, P.O.- Adal, P.S.- Gadisagoda, Dist.- Puri, Odisha, PIN- 752019, declare that i have changed my name from Diptikshya Baliyarsingh to Titikshya Baliyarsingh. Henceforth, i shall be known as Titikshya Baliyarsingh for all purposes.
Titikshya Baliyarsingh.
D-1687


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

Letter No.- 1641, dt 18.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍.କେସ୍ ନମ୍ବର ୧୦୮୦/୨୦୨୩

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଧନେଶ୍ୱର ପାତ୍ର .... ବାଦୀ

ବନାମ

ଲଳିତ ମୋହନ ପାତ୍ର ଓରଫ ମହାପାତ୍ର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ. ୧. ଲଳିତ ମୋହନ ପାତ୍ର ଓରଫ ମହାପାତ୍ର, ପିତା-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୨. କନକ ପାତ୍ର, ସ୍ୱାମୀ-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୩. ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ମୋହନ ଛୋଟରାୟ, ୪. ଭାସ୍କର ଜେନା, ପିତା- ବାଞ୍ଛାନିଧି ଜେନା, ୫. ଛବି ଡିଆଁବାଘ, ପିତା- କୁଳମଣି ଡିଆଁବାଘ, ୬. ରମେଶ ଚନ୍ଦ୍ର ସାହୁ, ୭. ସୁରେଶ ସାହୁ, ୮. ସୁବାଷ ସାହୁ, ୯. ସନ୍ତୋଷ ସାହୁ, ୧୦. ପ୍ରଭାସିନୀ ସାହୁ, ୧୧. ଲଳିତା ସାହୁ, କ୍ରମିକ ସଂଖ୍ୟା ୬ ରୁ ୧୧ ପିତା- ସ୍ୱର୍ଗତ ସୁବଳ ସାହୁ, ୧୨. ଅହଲିକ୍ ସାହୁ, ସ୍ୱାମୀ- ସ୍ୱର୍ଗତ ସୁବଳ ସାହୁ, ୧୩. ହରେକୃଷ୍ଣ ସାହୁ, ପିତା- ଅପର୍ତ୍ତି ସାହୁ, ୧୪. ପୁଷ୍ପଲତା ରଥ, ପିତା- ରବୀନ୍ଦ୍ର ରଥ ପ୍ରତିବାଦୀ ନଂ.- ୧ ରୁ ୧୪ଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୦।୧୦।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭାଲୁଙ୍କା

ସାବକ

ଖାତା ନମ୍ବର-୯, ପ୍ଲଟ୍ ନମ୍ବର- ୩୩, କିସମ- ଶାରଦ-୩, ରକବା- ଏ୦.୨୪୫ଡେସିମିଲରୁ ଏ୦.୦୩୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ପ୍ଲଟ୍ ନମ୍ବର- ୩୨, ରକବା- ଏ୦.୫୫୦ଡେସିମିଲରୁ ଏ୦.୦୫୭ଡେସିମିଲ

ହାଲ୍

ଖାତା ନମ୍ବର- ୨୧୧, ପ୍ଲଟ୍ ନମ୍ବର- ୩୭, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୧.୨୩୯୦ଡେସିମିଲରୁ ଏ.୦.୦୯୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍ ପୂର୍ବ-ଉପ ପ୍ଲଟ୍ ନମ୍ବର ୨୧୫, ପଶ୍ଚିମ- ଉପ ପ୍ଲଟ୍ ନମ୍ବର ୨୧୮, ଉତ୍ତର- ରାସ୍ତା, ଦକ୍ଷିଣ- ଉପ ପ୍ଲଟ୍ ନମ୍ବର ୨୧୦ ଏବଂ ୨୧୧।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୮୩

ଫ୍ୟାଶନ

# ଆକର୍ଷଣୀୟ ପେଣ୍ଡେଣ୍ଟ

ମହିଳାମାନେ ନିଜର ସୁନ୍ଦରତା ବଢ଼ାଇବା ପାଇଁ କେତେ କ'ଣ ଚେଷ୍ଟା କରିଥାନ୍ତି । ଏମିତିରେ ଯଦି ଆପଣ ଡେଲି ୱେ଼ରରେ ପେଣ୍ଡେଣ୍ଟ ପିନ୍ଧିବା ପାଇଁ ଚାହୁଁଥାନ୍ତି, ତେବେ ଆପଣଙ୍କୁ ଚିନ୍ତାକରିବାର ନାହିଁ । ଆଜି ଆପଣଙ୍କୁ କିଛି ଏପରି ଲକେଟ୍ ଡିଜାଇନ ବିଷୟରେ ସୂଚନା ଦେବୁ ଯାହା ଡେଲିୱେ଼ରରେ ସାମିଲ ମଧ୍ୟ କରିପାରିବେ...

**ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟ**



ଯଦି ଆପଣ ଡେଲି ୱେ଼ରରେ ପିନ୍ଧିବା ପାଇଁ ପେଣ୍ଡେଣ୍ଟ ଖୋଜୁଛନ୍ତି ତେବେ ଆପଣଙ୍କ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଆପଣ ଏହି ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ। ଏହିପରି ପେଣ୍ଡେଣ୍ଟ ଆପଣଙ୍କ ବେକକୁ ସୁନ୍ଦର ଦେଖାଯିବ। ଏହା ଆପଣଙ୍କ ଲୁକ୍‌କୁ ଡିଫରେଣ୍ଟ ଏଲିଗାଣ୍ଟ ଟଚ୍ ଦେବାରେ ସାହାଯ୍ୟ କରିଥାଏ।

**ଲିଫ୍ ଡିଜାଇନ ପେଣ୍ଡେଣ୍ଟ**

ନିଜର ସୁନ୍ଦରତାକୁ ବଢ଼ାଇବାରେ ଲିଫ୍ ଡିଜାଇନ୍‌ର ପେଣ୍ଡେଣ୍ଟ ସବୁ ଆଉଟ୍ ଫିଟ୍ ସହିତ ଭଲ ମାନିଥାଏ। ଏହି ପେଣ୍ଡେଣ୍ଟ ଆପଣଙ୍କୁ ରୟାଲ ଲୁକ୍ ଦେବାରେ ସାହାଯ୍ୟ କରିଥାଏ। ଏହାକୁ ଆପଣ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବି କିଣିପାରିବେ।

**ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ**

ଯଦି ଆପଣ କର୍ମଜୀବୀ କିମ୍ବା କଲେଜରେ ପଢୁଥିବା ଝିଅ ହୋଇଥିବେ, ତେବେ ପ୍ରତିଦିନ କ'ଣ ପିନ୍ଧିବେ ସେଥିପାଇଁ ଚିନ୍ତା ନ କରି ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ ପିନ୍ଧିପାରିବେ। ଏହାକୁ ଆପଣ କୌଣସି ବି ଆଉଟ୍‌ଫିଟ୍ ସହ ମଧ୍ୟ ପିନ୍ଧିପାରିବେ। ଏପରି ପେଣ୍ଡେଣ୍ଟ ଆପଣଙ୍କ ସୁନ୍ଦରତାକୁ ଆହୁରି ବଢ଼ାଇ ଦେବା ସହ ରୟାଲ ଲୁକ୍ ମଧ୍ୟ ଦେଇଥାଏ।

**ଏଲ୍‌ଡର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟ**

ଆପଣ ଚାହିଁଲେ ନିଜ ସୁନ୍ଦରତା ବଢ଼ାଇବାକୁ ଡେଲି ୱେ଼ରରେ ଏହିପରି ସୁନ୍ଦର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ। ଏହି ପେଣ୍ଡେଣ୍ଟ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ ଗର୍ଜିୟସ୍ ଲୁକ୍ ଦେବାରେ ସାହାଯ୍ୟ କରିଥାଏ। ଏହାକୁ ଆପଣ କୌଣସି ବି ଆଉଟ ଫିଟ୍ ସହ ମଧ୍ୟ ପିନ୍ଧିପାରିବେ।

# ଝିଟିପିଟି କବଳରୁ କିପରି ରକ୍ଷା ପାଇବେ



**ପୁଦିନା**

ପୁଦିନାର ବାସ୍ନା କେବଳ ଆପଣଙ୍କ ବଗିଚାକୁ ମହକାଇବା ସହ ଘରକୁ ମଧ୍ୟ କରିଥାଏ। ପୁଦିନାରେ ଥିବା ମିଣ୍ଟ ଫ୍ଲେବର ଝିଟିପିଟିଙ୍କୁ ଆକର୍ଷିତ କରି ନ ଥାଏ। ଯଦି ଆପଣ ଆକୁ ବାଲ୍‌କୋନିରେ ଲଗାଇ ଦେଉଛନ୍ତି ତେବେ ଏମାନଙ୍କୁ ଘର ପାଖାପାଖି ଦେଖିବାକୁ ମିଳିବେ ନାହିଁ।

**ତୁଳସୀ**

ତୁଳସୀ ପତ୍ରରେ ଥିବା ମିଥାଇଲ୍ ସିନାମେଟ୍ ଏବଂ ଲିନାଲୁଲ ଭଳି ଝିଟିପିଟି ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଏହାର କଡ଼ା ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

**ଲାଭେଣ୍ଡର**

ଲାଭେଣ୍ଡର ବୃକ୍ଷ ନିଜର ସୁଗନ୍ଧ ପାଇଁ ବେଶ୍ ଜଣାଶୁଣା। ଏହାର ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରେ। ଏହା ସୁନ୍ଦର ବାଇଗଣୀ ରଙ୍ଗର ଫୁଲ ଆଣ୍ଟିସେପ୍ଟିକ୍ ସୁଗନ୍ଧ ତାଙ୍କୁ ଜମା ବି ପସନ୍ଦ ଆସେନାହିଁ।

**ଲେମନ ଗ୍ରାସ୍**

ଲେମନ ଗ୍ରାସ୍ ଏକ ବିଶେଷ ପ୍ରକାର ବୃକ୍ଷ। ଯାହାକୁ ଆପଣ ଘର ଭିତରେ ଏବଂ ବାହାରେ ବି ରଖିପାରିବେ। ଏହାର ଖଟାମିଠା ବାସ୍ନା ଝିଟିପିଟିଙ୍କୁ ଜମା ବି ପସନ୍ଦ ଆସେନାହିଁ। ଏହାକୁ ଘର ଭିତରେ କିମ୍ବା ବାଲ୍‌କୋନିରେ ଲଗାଇବା ଦ୍ୱାରା ଝିଟିପିଟିଙ୍କୁ ଦୂରକରିବାରେ ସାହାଯ୍ୟ କରେ।

**ଗେଣ୍ଡୁ ଫୁଲ**

ଗେଣ୍ଡୁ ଫୁଲ ଏବଂ ପତ୍ରର କଡ଼ା ବାସ୍ନା ଦ୍ୱାରା ଝିଟିପିଟି ତା' ଆଖପାଖକୁ ଆସି ନ ଥାଏ। ଗେଣ୍ଡୁ ଫୁଲର ବାସ୍ନାରେ ଝିଟିପିଟି ପାଖ ମାଡ଼ି ନ ଥାଏ।

# ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ



ଷ୍ଟ୍ରେସ୍ ବା ଚାପ ଏପରି ଏକ ସାଇଲେଣ୍ଟ କିଲର, ଯାହା କେତେବେଳେ ଆମ ଶରୀରରେ ପ୍ରବେଶ କରିଥାଏ, ତାହା ଆମକୁ ସହଜରେ ଜଣାପଡ଼ି ନ ଥାଏ । ଏହା ଧୀରେ ଧୀରେ କେବଳ ଆମ ଶରୀରକୁ ନୁହେଁ ଜୀବନଶୈଳୀକୁ ବି ପ୍ରଭାବିତ କରିଥାଏ । ଏଥିପାଇଁ ସମୟ ଥାଉ ଥାଉ ସଚେତନ ହେବା ନିହାତି ଆବଶ୍ୟକ...

**ବୁଝନ୍ତୁ ଷ୍ଟ୍ରେସ୍‌କୁ :** ଆଜିର ବ୍ୟସ୍ତବହୁଳ ଜୀବନରେ ଷ୍ଟ୍ରେସ୍ ହେବା ସାମାନ୍ୟ କଥା। କିନ୍ତୁ ଏହି ଅନୁଭବ ସେତେବେଳେ ହୁଏ ଯେତେବେଳେ ଆମେ କୌଣସି ପରିସ୍ଥିତିରେ ସହଜରେ ବାହାରିପାରି ନ ଥାଉ। ଧୀରେ ଧୀରେ ଏହି ପରିସ୍ଥିତି ବୋଝ ପରି ମନେହୁଏ ଏବଂ ପରିସ୍ଥିତି ମଧ୍ୟ ଏପରି ହୋଇଯାଏ ଯେ ସେଥିରୁ ବାହାରି ମଧ୍ୟ ହୁଏନାହିଁ। ଏପରି ପରିସ୍ଥିତିରେ ଏଡ୍ରେନାଲାଇନ ନାମକ ହର୍‌ମୋନ ସମ୍ପୂର୍ଣ୍ଣ ଶରୀରରେ ପ୍ରବେଶକରି ଦୌଡ଼ିବାକୁ ଲାଗିଥାଏ। ପରିମାଣ ସ୍ୱରୂପ ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ିଯାଇଥାଏ। ଝାଳ ବୋହିବାକୁ ଲାଗିଥାଏ, ସମ୍ପୂର୍ଣ୍ଣ ଶରୀରରେ ଲୋମ ଟାଙ୍କୁରି ଉଠେ। ଆମ ଭାଷାରେ କହିବାକୁ ହେଲେ ଷ୍ଟ୍ରେସ୍ ଏକ ମାନସିକ ବିକାର। ଯେତେବେଳେ କୌଣସି ନକାରାତ୍ମକ ବିଚାର ଆମ ମନ ଭିତରେ ଘର କରି ବସେ ଏହା ଆମର ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଇଥାଏ। ଫଳରେ ଆମ ମସ୍ତିଷ୍କ ଠିକ୍ ଭାବେ କାମ କରିବା ସ୍ଥିତିରେ ରହି ନ ଥାଏ। ପୁଣି କୌଣସି ଖୁସି ମାହୋଲ ଭିତରେ ରହିଲେ ସୁଦ୍ଧା ଖୁସି ଲାଗେନାହିଁ। ଏହି ସ୍ଥିତିକୁ ଷ୍ଟ୍ରେସ୍ କୁହାଯାଏ। କେତେକେ କିଛି କଥାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ରହିଯାଆନ୍ତି।

**ଷ୍ଟ୍ରେସ୍‌ର କାରଣ:** ପାର୍ଟନରଠାରୁ ବ୍ରେକ୍‌ଅପ୍, ପାର୍ଟନରଙ୍କ ନିଧନ ହେବା, ଏକୁଟିଆପଣ, ଚାକିରି କାରଣ ଏବଂ ଚାକିରି ବଦଳାଇବା କାରଣରୁ, ବେରୋଜଗାର ଏବଂ ଫାଇନାନ୍ସିଆଲ ସମସ୍ୟା, ପରିବାରଠାରୁ ଦୂରରେ ରହିବା, ପିଲା ପାଠପଢ଼ା ପାଇଁ ଘରେ ରହୁ ନ ଥିଲେ, ଛାଡ଼ପତ୍ର କାରଣରୁ ପରିବାର ଭାଙ୍ଗିଯାଏ। ସ୍ୱାସ୍ଥ୍ୟ ସମସ୍ୟା, ଖରାପ ଅଭ୍ୟାସର ଶିକାର ହେବା, ଯେମିତିକି ନିଶାଦ୍ରବ୍ୟର ସେବନ କରିବା, ହିଂସା ଏବଂ ଖରାପ ବ୍ୟବହାରର ଶିକାର ହେବା। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ମାଂଶପେଶୀରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଝାଡ଼ା ଏବଂ କୋଷ୍ଠକାଠିନ୍ୟ ସମସ୍ୟା, ମୁଣ୍ଡ ବୁଲାଇଦେବା, କେବେକେବେ ବିଳିବିଳି ହେବା, ଚିନ୍ତା ଏବଂ ଚିଡ଼୍‌ଚିଡ଼ି ହେବା, ଅଧିକ ଥକ୍କା ଅନୁଭବ କରିବା, ଅଧିକ ନିଦ ଲାଗିବା କିମ୍ବା ନିଦ ନ ହେବା, ଆତ୍ମବିଶ୍ୱାସ କମ୍ ହେବା, ଏକାଗ୍ରତା କମ୍ ଅନୁଭବ କରିବା, ନିଜ ପସନ୍ଦର ଜିନିଷରୁ ଦୂରେଇ ରହିବା, ସ୍ମରଣଶକ୍ତି କମିଯିବା, ଭୁଲିଯିବାର ସମସ୍ୟା, କମ୍ କଥା ହେବା ଏବଂ ଅଧିକାଂଶ ସମୟ ଚୁପ୍ ରହିବା, ବ୍ୟବହାରରେ ପରିବର୍ତ୍ତନ ଆସିବା, ଯେମିତି ଖୁସି ହେବା କଥାରେ ରାଗ ଆସିବା ଆଦି।







## ନିଜକୁ ଷ୍ଟ୍ରେସ୍‌ରୁ ଦୂରେଇ ରଖିବାକୁ ହେଲେ...

**ପର୍ଯ୍ୟାପ୍ତ ପରିମାଣରେ ଶୁଅନ୍ତୁ:** ଉତ୍ତମ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ପାଇଁ ଅତିକମ୍‌ରେ ୭-୮ଘଣ୍ଟା ନିହାତି ଶୋଇବା ଆବଶ୍ୟକ। ଯଦି ରାତିରେ ୭-୮ଘଣ୍ଟା ନିଦ୍ରାରେ ଶୋଉନାହାନ୍ତି ତେବେ ଆପଣ କୌଣସି କଥାକୁ ନେଇ ଷ୍ଟ୍ରେସ୍‌ରେ ଅଛନ୍ତି। କମ୍ ନିଦ୍ରା ଆପଣଙ୍କ ମୁଡ୍, ମେଣ୍ଟାଲ ହେଲ୍‌ଥ, ଏନର୍ଜି ଲେଭଲ ଏବଂ ଫିଜିକାଲ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ଯଦି ଆପଣ ଷ୍ଟ୍ରେସ୍‌ରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ ପର୍ଯ୍ୟାପ୍ତ ମାତ୍ରାରେ ଶୁଅନ୍ତୁ।

**ରିଲାକ୍ସିଂ ଟେକ୍‌ନିକ୍ ଶିଖନ୍ତୁ:** ନିଜ ଡେଲି ରୁଟିନ୍‌ରେ ଧ୍ୟାନ, ଯୋଗ, ପ୍ରୋଗ୍ରେସିଭ୍ ମସଲ୍ସ ରିଲାକ୍‌ସେସନ, ଏକ୍ସରସାଇଜ୍‌କୁ ଗୁରୁତ୍ୱ ଦିଅନ୍ତୁ। ନିଜର ଧ୍ୟାନ ଭଲ ଜିନିଷରେ ଦିଅନ୍ତୁ। ଯାଉସାଉ ବେକାର ଜିନିଷରେ ମନ ଆଦୌ ଦିଅନ୍ତୁ ନାହିଁ। ବେକାର ଜିନିଷରେ ମନ ନ ଦେଇ କିଛି ନୂଆ ଶିଖନ୍ତୁ, ରିଲାକ୍‌ସେସନ କରନ୍ତୁ। ନିଜ ସ୍କିଲ୍ ଉପରେ କାମ କରନ୍ତୁ। ଯେତେବେଳେ ଆପଣ ନିଜ ପସନ୍ଦର କାମ କରୁଛନ୍ତି ନିଜକୁ ଆକ୍ଟିଭ୍ ଏବଂ ମନକୁ ଶାନ୍ତ ରଖନ୍ତୁ, ଫଳରେ ଚିନ୍ତା କମ୍ ଆସିଥାଏ।

**ଡାଏଟ୍ ବଦଳାନ୍ତୁ:** ଆମର ଖାଦ୍ୟ ଖାଇବା, ପିଇବା ଏବଂ ମସ୍ତିଷ୍କର ଆପସ ମଧ୍ୟରେ ବହୁତ ଭଲ ସମ୍ବନ୍ଧ ରହିଛି। ଆମେ ଯେତେବେଳେ ଜଙ୍କ୍ ଏବଂ ପ୍ୟାକେଜ୍ ଫୁଡ୍ ଖାଇଥାଉ, ତା'ର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପକାଇଥାଏ। ମସ୍ତିଷ୍କର ସକ୍ରିୟତା କମ୍ ହେବାକୁ ଲାଗିଥାଏ। ଏଥିପାଇଁ ଶରୀର ସହ ସକ୍ରିୟତା କମ୍ ଦେଖିବାକୁ ମିଳିଥାଏ। ଏଥିପାଇଁ ଶରୀର ସହ ମସ୍ତିଷ୍କକୁ ଆକ୍ଟିଭ୍ ରଖିବାକୁ ହେଲେ ଶୁଦ୍ଧ, ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଡାଏଟ୍‌ରେ ସବୁଜ ପନିପରିବା, ପ୍ରତିଦିନ ସିଜନ୍ ଅନୁଯାୟୀ ଫଳ ଖାଆନ୍ତୁ। ଫଳରେ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିପାରିବେ।

ଅନ୍ୟଠାରୁ ସାହାଯ୍ୟ ନେବାକୁ ଲାଜ କରନ୍ତୁ ନାହିଁ। ହୀନଭାବନା କାରଣରୁ କେତେକେ ସାହାଯ୍ୟ ନେବାକୁ କୁଣ୍ଠାବୋଧ କରିଥାନ୍ତି। ସେ କାହା ସହ ନିଜର ଭାବନାକୁ ଶେୟାର କରନ୍ତି ନାହିଁ। କିନ୍ତୁ ଯଦି କୌଣସି ସମସ୍ୟା ଅଛି ନିଜ ସାଙ୍ଗସାଥୀ, ପାର୍ଟନର ଏବଂ ପରିବାର ଲୋକଙ୍କ ସହ ଶେୟାର କରନ୍ତୁ। ଫଳରେ ଆପଣଙ୍କ ଚିନ୍ତା କିଛି ମାତ୍ରାରେ କମିଯିବ। ନିମ୍ନୋକ୍ତ କେତୋଟି ଉପାୟ ଦ୍ୱାରା ଆପଣ ନିଜକୁ ଚିନ୍ତାମୁକ୍ତ କରିପାରିବେ।

★ ଦିନରେ ୧୦ମିନିଟ୍ ଏକାନ୍ତ ରୁହନ୍ତୁ ଏବଂ ବିଚାର ମନ୍ଥନ କରନ୍ତୁ। ରିଲାକ୍ସ କରୁଥିବା ଗୀତ ଶୁଣନ୍ତୁ। ଫନି ଫିଲ୍ମ ଦେଖନ୍ତୁ, ୱାକ୍, ଯୋଗ କ୍ଲାସ୍, ସାଲ୍‌ସା କ୍ଲାସ୍ ଏବଂ ଜିମ୍ ଯାନ୍ତୁ। ପସନ୍ଦର ବହି ପଢ଼ନ୍ତୁ, ଆବଶ୍ୟକସ୍ଥଳେ କାହାକୁ ସାହାଯ୍ୟ କରନ୍ତୁ, ନିଜ ଲୋକଙ୍କ ଲାଗି କିଛି ଫିଲିଂ ଲେଖି ତାଙ୍କୁ ପଠାନ୍ତୁ।
★ ଡ୍ରଇଁ ଏବଂ ପେଣ୍ଟିଂ କରନ୍ତୁ, କବିତା କିମ୍ବା ଗପ ଲେଖନ୍ତୁ। ମୋବାଇଲ ସୁଇଚ୍ ଅଫ୍ କରି ଦିଅନ୍ତୁ ଏବଂ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଫ୍ରେଣ୍ଡ ଏବଂ ଫ୍ୟାମିଲି ସହ ସିନେମା ଦେଖିବାକୁ ଯାଆନ୍ତୁ।
★ ନିଜ ରୁମ୍‌ରେ ଲାଉଡ୍ ମ୍ୟୁଜିକ୍‌ରେ ଚଲାଇ ଡ୍ୟାନ୍ସ କରନ୍ତୁ।
★ ପାହାଡ଼, ବିଚ୍ ଆଦି ସ୍ଥାନକୁ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଆନ୍ତୁ। ନିଜ ଲୋକଙ୍କ ସହିତ ଲଞ୍ଚରେ ଯାଆନ୍ତୁ, ତାଙ୍କ ପାଇଁ ଛୁଟିଦିନରେ ଲଞ୍ଚ ହୋଷ୍ଟ କରନ୍ତୁ।
★ ଗାର୍ଡେନିଂ, ସାଇକେଲିଂ ବାଇକ୍ ରାଇଡିଂ, ସୁଇମିଂ କିମ୍ବା କୌଣସି ବି ସ୍ପୋର୍ଟ୍ସ ଖେଳନ୍ତୁ।
★ ଉଇଣ୍ଡୋ ଶପିଂ କରନ୍ତୁ, ଚିହ୍ନାଜଣା ଲୋକଙ୍କୁ ଫୋନ୍‌କରି କଥାବାର୍ତ୍ତା ହୁଅନ୍ତୁ।
★ ରୋଷେଇ କରନ୍ତୁ, ଅସଜଡ଼ା ହୋଇଥିବା ଆଲମିରାକୁ ସାଇଜ୍ କରି ଜିନିଷ ରଖନ୍ତୁ। କେବଳ ୧୦ ମିନିଟ୍ ଷ୍ଟ୍ରେଚିଂ କରନ୍ତୁ।
★ ଆପଣଙ୍କ ପୁରୁଣା ଆଲବମ୍ ଏବଂ ଫଟୋକୁ ଦେଖି ନିଜର ସ୍ମୃତିକୁ ସାଉଣ୍ଟନ୍ତୁ।

ସୌନ୍ଦର୍ଯ୍ୟ

ଢିଲା ହୋଇଯାଇଥିବା ସ୍କିନ୍‌କୁ ଟାଇଟ୍ କରିବା ସହ ସ୍କିନ୍ ୟଙ୍ଗ୍ ଏବଂ ଆକର୍ଷକ ଦେଖାଯିବା ବି ଆବଶ୍ୟକ। ନଡ଼ିଆତେଲ, ବାଦାମ ତେଲ ଏବଂ ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ ଏବଂ ଟାଇଟ୍ କରିବାରେ ସାହାଯ୍ୟ କରେ। ମୁଲତାନୀ ମାଟି ଏବଂ ଗୋଲାପ ଜଳ, ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଟାଇଟ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ...



# ଢିଲା ସ୍କିନ୍‌କୁ ଟାଇଟ୍ କରିବାକୁ ହେଲେ...

**ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍**

ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଗ୍ଲୋଇଂ କରିବାରେ ସାହାଯ୍ୟକରେ। ମୁଲତାନୀ ମାଟି ତ୍ୱଚାର ଭିତରୁ ସଫାକରିଥାଏ ଏବଂ ଗୋଲାପ ଜଳ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ।

ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ମୁଲତାନୀ ମାଟିରେ ଗୋଲାପ ଜଳ ମିଶାଇ ଏକ ପେଷ୍ଟ ବନାନ୍ତୁ ଏବଂ ଏହାକୁ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ।

**ଦହି ଏବଂ ମହୁ ଫେସ୍‌ପ୍ୟାକ୍**

ଦହି ଏବଂ ମହୁ ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ଦହିରେ ଲାକ୍‌ଟିକ୍ ଏସିଡ୍ ରହିଛି ଯାହା ତ୍ୱଚାକୁ ଏକ୍ସଫୋଲିଏଟ୍ କରିଥାଏ। ମହୁ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ଦହି ଏବଂ ମହୁକୁ ଭଲ ଭାବେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଫଳରେ ଆପଣଙ୍କ ତ୍ୱଚା ସଫା ଦେଖାଯିବା ସହ ଟାଇଟ୍ ମଧ୍ୟ ହୋଇଥାଏ।

**ଆଳୁ ଫେସ୍‌ପ୍ୟାକ୍**

ଆଳୁର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ କରିବାରେ ସାହାଯ୍ୟ କରିଥାଏ। ଆଳୁରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ତ୍ୱଚାକୁ ଟାଇଟ୍ ଏବଂ ଚମକଦାର କରିଥାଏ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆଳୁକୁ ଚକଟି ଚକଟି ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ମୁହଁକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ।

**ବେସନ ଏବଂ ଦହି**

ବେସନ ଏବଂ ଦହି ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ବେସନ ତ୍ୱଚାକୁ ଭିତରୁ ସଫା କରିଥାଏ ଏବଂ ଦହି ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ବେସନ ଏବଂ ଦହି ମିଶାଇ ପେଷ୍ଟକରି ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଥଣ୍ଡାପାଣିରେ ମୁହଁକୁ ଧୋଇଦିଅନ୍ତୁ। ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ।



ଖାଦ୍ୟରୁଚି

# ସୁଜି ପଟାଟୋ ସ୍ନାକ୍ସ



**ଆବଶ୍ୟକ ସାମଗ୍ରୀ**

ଚିଲି ଫ୍ଲେକ୍ସ ୧ ଚାମଚ, ଧନିଆପତ୍ର ୨ ଚାମଚ, ସୁଜି, କର୍ନଫ୍ଲୋର, କଦୁକସ୍ ହୋଇଥିବା ଆଳୁ ୨ଟି, ଆବଶ୍ୟକ ଅନୁଯାୟୀ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କଡ଼େଇରେ କିଛି ପାଣି ନେଇ ବସାନ୍ତୁ। ଏହି ପାଣିରେ ଚିଲି ଫ୍ଲେକ୍ସ ଏବଂ ଧନିଆପତ୍ର ପକାନ୍ତୁ ,ଏହାପରେ ସେଥିରେ ସୁଜି ପକାନ୍ତୁ। ସୁଜି ପକାଇ ତାକୁ ଭଲଭାବେ ଗୋଳାନ୍ତୁ। ଏହାର ପାଣି ଅଂଶ କମିଗଲା ପରେ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ସୁଜି ଥଣ୍ଡା ହୋଇଗଲା ପରେ ଏଥିରେ କଦୁକସ୍ ହୋଇଥିବା ଆଳୁ ଏବଂ କର୍ନଫ୍ଲୋର ପକାଇ ଭଲଭାବେ ଚକଟି ରଖନ୍ତୁ। ଏବେ ଏହି ଚକଟାକୁ ଲମ୍ବା ଆକାରରେ ରଖି ତାକୁ ଛୁରୀ ସାହାଯ୍ୟରେ ଛୋଟ ଛୋଟ କାଟି ଦିଅନ୍ତୁ। ଏବେ ଏହାକୁ ଟିକେ ହାତରେ ଚାପି ସ୍କୋୟାର ସେପ୍ ଦେଇ ଏବଂ କଣ୍ଟା ଚାମଚ (ଫର୍କ୍) ପକାଇ ଏକ ସେପ୍ ଦିଅନ୍ତୁ। ବର୍ତ୍ତମାନ ଗରମ ହୋଇଥିବା ତେଲରେ ଏହାକୁ ଛାଣନ୍ତୁ। ଏବେ ଏହାକୁ ଟମାଟୋ ସସ୍‌ରେ ଲଗାଇ ଖାଆନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୯/୨୦୨୫ Bhubaneswar, Tuesday, August 19/ 2025

# ଏନ୍‌ଏସ୍‌ଏଫ୍ ନେତୃତ୍ୱ ଲାଗି ଯୋଗ୍ୟତା ନିୟମରେ କୋହଳ

## ନୂଆ ସ୍ପୋର୍ଟ୍ସ ବିଲ୍‌ରେ ସଂଶୋଧନ

ନୂଆଦିଲ୍ଲୀ,୧୮।୮(ପି.ଟି.)

ଜାତୀୟ ଫେଡେରେଶନରେ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ପଦବୀ ଲାଗି ଆଶାୟୀଙ୍କୁ ଏକ୍‌ଜିକ୍ୟୁଟିଭ କମିଟିରେ ଅତିକମ୍‌ରେ ଥରେ କାର୍ଯ୍ୟକାଳ ପୂରଣ କରିଥିବା ଦରକାର। ପୂର୍ବରୁ ଏହି ମୁଖ୍ୟ ୩ ପଦବୀ ଲାଗି ଯୋଗ୍ୟ ହେବା ପାଇଁ ଦୁଇ ଥର ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ନେତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ପରିବର୍ତ୍ତନ କରାଯାଇଛି।

ଗତ ସପ୍ତାହରେ ସଂସଦରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏବେ ରାଷ୍ଟ୍ରପତିଙ୍କ ମଞ୍ଜୁରୀର ଅପେକ୍ଷାରେ ରହିଛି। ଏହାପରେ ଆନୁଷ୍ଠାନିକ ଭାବେ ଏହା ଆଇନରେ ପରିଣତ ହେବ। ଏଥିରେ ଯେକୌଣସି ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍‌ଏସ୍)ର ସଭାପତି, ସମ୍ପାଦକ ଓ କୋଷାଧକ୍ଷ ପଦବୀ ଲାଗି ନିର୍ବାଚନରେ ଆଶାୟୀ ହେବା ପାଇଁ ପୂର୍ବରୁ ଦିଆଯାଇଥିବା ମାନଦଣ୍ଡରେ ସଂଶୋଧନ ଦ୍ୱାରା କୋହଳ କରାଯାଇଛି। ଫେଡେରେଶନର ମୁଖ୍ୟ ୩ ପଦବୀ ପାଇଁ ଆଶାୟୀ ହେବା ଲାଗି ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ ଦୁଇ ଥର କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ବିଭାଗୀୟ ଅଂଶୀଦାରଙ୍କ ସହ ଆଲୋଚନା ପରେ ସଂଶୋଧନ ମାଧ୍ୟମରେ ମାନଦଣ୍ଡକୁ ହ୍ରାସ କରାଯାଇ ଅତିକମ୍‌ରେ ଥରେ କାର୍ଯ୍ୟକାଳରେ ସୀମିତ ରଖାଯାଇଛି। ଏ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଫେଡେରେଶନର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସର୍ବନିମ୍ନ କାର୍ଯ୍ୟକାଳକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଥ୍‌ଲେଟ୍‌ଙ୍କ ପ୍ରତିନିଧି ଓ ଛୋଟ ଫେଡେରେଶନ୍ସ ସମେତ ଅନେକ ଅଂଶୀଦାରଙ୍କ ସହ ଆଲୋଚନା ପରେ ପୂର୍ବରୁ ଥିବା ମାନଦଣ୍ଡ ଯୁବ ପ୍ରଶାସକଙ୍କ ସୁଯୋଗକୁ ସୀମିତ କରୁଥିବା ଜଣାପଡ଼ିଥିଲା। କିଛି ଘଟଣାରେ ପ୍ରତିଭାବାନ ପ୍ରଶାସକ ଓ ପୂର୍ବତନ ଆଥ୍‌ଲେଟ୍ସଙ୍କ ନିକଟରେ ପ୍ରଶାସନିକ ଦକ୍ଷତା ଥିବା ସତ୍ତ୍ୱେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନ ଥିଲେ। କାରଣ ସେମାନେ ଏକ୍‌ଜିକ୍ୟୁଟିଭ କମିଟିରେ ଥରେ ହେଲେ ବି କାର୍ଯ୍ୟକାଳ ପୂରଣ କରି ନ ଥିଲେ। କିନ୍ତୁ ଏହି ସଂଶୋଧନ ଯୋଗୁ ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ଲିଡରଙ୍କୁ ଅଧିକ ସୁଯୋଗ ମିଳିବ।

# ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

## ଜାତୀୟ ଜୁନିୟର ହକି

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ପଞ୍ଜାବର ଜଳନ୍ଧରଠାରେ ଚାଲିଥିବା ୧୫ଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଡିଭିଜନ-ଏ'ରେ ପୂର୍ବଦିନ କର୍ଣ୍ଣାଟକକୁ ୨-୧ରେ ହରାଇଥିବା ଓଡ଼ିଶା ସୋମବାର ଆନ୍ଧ୍ର ପ୍ରଦେଶକୁ ୧୦-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ ୧୨ ଓ ୪୪, ବିଲକନ ଓରାମ ୨୪ ଓ ୩୫, ଦୀପକ ପ୍ରଧାନ ୨୭ ଓ ୫୭, କରନ ଲାକ୍ରା ୫୬ ଓ ୫୯ତମ ମିନିଟରେ ୨ଟି ଲେଖାଏ ଏବଂ ପ୍ରତାପ ଟପ୍ପୋ ଓ ଯୋଜିନ ମିଞ୍ଜ ୬୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଡିଭିଜନ୍-ଏ'ର ଅନ୍ୟ ମ୍ୟାଚ ଗୁଡ଼ିକରେ ମଣିପୁର ୫-୧ରେ ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିୟୁକୁ, ଝାଡ଼ଖଣ୍ଡ ୫-୩ରେ ମହାରାଷ୍ଟ୍ରକୁ ହରାଇଥିବାବେଳେ ମଧ୍ୟ ପ୍ରଦେଶ ଓ ତାମିଲନାଡୁ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଏଥିସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସ୍ପଷ୍ଟ ହୋଇଯାଇଛି। ଓଡ଼ିଶା ସମେତ ପଞ୍ଜାବ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ମଣିପୁର ଓ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୦ ତାରିଖରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।



ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଓଡ଼ିଶା ଦଳ।

# ଖେଳାଳିଙ୍କୁ ଛାଡ଼ିବାକୁ ମନା କଲା ମୋହନ ବାଗାନ

କୋଲକାତା,୧୮।୮(ପି.ଟି.): ଚଳିତ ଜାତୀୟ ଫୁଟ୍‌ବଲ କ୍ୟାମ୍ପ ପାଇଁ ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ମୋହନ ବାଗାନ ସୋମବାର ଖେଳାଳି ଛାଡ଼ିବାକୁ ମନା କରିଛି। ଫିଫା ୱିଣ୍ଡୋ ବାହାରେ ଖେଳାଳିଙ୍କୁ ଛାଡ଼ିବା ବାଧ୍ୟତାମୂଳକ ନୁହେଁ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏଥିସହିତ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଇଞ୍ଜୁରି କ୍ଷେତ୍ରରେ ଖେଳାଳିଙ୍କୁ ଅବହେଳା କରୁଥିବା ଅଭିଯୋଗ କରାଯାଇଛି। ଆସନ୍ତା ମାସରେ ହେବାକୁ ଥିବା କାଫା ନେଶନ୍ସ କପ୍ ଲାଗି ଗତ ୧୫ ତାରିଖଠାରୁ ବେଙ୍ଗାଲୁରୁରେ ସିନିୟର ଭାରତୀୟ ଦଳ ତା'ର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି। ଏହି କ୍ୟାମ୍ପ ଲାଗି ୩୫ ଖେଳାଳିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ମୋହନ ବାଗାନରେ ସାମିଲ ଥିବା ୭ ଖେଳାଳି ସମେତ ମୋଟ ୧୩ ଖେଳାଳି ଏପର୍ଯ୍ୟନ୍ତ ଯୋଗ ଦେଇ ନାହାନ୍ତି। ପ୍ରାଥମିକ ଭାବେ ସେମାନେ ଡୁରାଣ୍ଡ କପ୍ କାରଣରୁ ଅନୁପସ୍ଥିତ ଥିବା କୁହାଯାଇଥିଲା। କିନ୍ତୁ କ୍ୱାର୍ଟର ଫାଇନାଲରେ ଇଷ୍ଟ ବେଙ୍ଗଲଠାରୁ ୨-୧ ଗୋଲରେ ପରାଜିତ ହେବା ପରେ ବି ମୋହନ ବାଗାନ ଖେଳାଳି ଛାଡ଼ିବାକୁ ମନା କରିଛି। ଇଞ୍ଜୁରି କ୍ଷେତ୍ରରେ କୌଣସି କ୍ଷତିପୂରଣ ମିଳୁ ନ ଥିବାରୁ ଆମେ ଏହି କ୍ୟାମ୍ପ ଲାଗି କୌଣସି ଖେଳାଳିଙ୍କୁ ଛାଡୁ ନାହୁଁ ବୋଲି କ୍ଲବର ଜଣେ ଅଧିକାରୀ କହିଛନ୍ତି।



ଜାତୀୟ ସବ୍ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟ ପରେ ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସି (ଏନ୍‌ସିଓଇ)ରେ ଆଡଭାନ୍ସଡ ଟ୍ରେନିଂ ପାଇଁ ସୁଯୋଗ ପାଇଛନ୍ତି ଓଡ଼ିଶାର ଲିଖିତ କୁମାର ବିଶ୍ୱାଳ।

# ଝାରସୁଗୁଡ଼ା ଚାମ୍ପିୟନ

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ): ପେନ୍‌ଚାକ ସିଲାଟ ଆସୋସିଏଶନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ୨ ଦିନିଆ ରାଜ୍ୟସ୍ତରୀୟ ଜନିୟର ଓ ସବ୍‌ଜୁନିୟର ପେନ୍‌ଚାକ ସିଲାଟ ପ୍ରତିଯୋଗିତା ଝାରସୁଗୁଡା ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଚାମ୍ପିୟନ ହୋଇଥିବାବେଳେ ସୁନ୍ଦରଗଡ଼ ରନରଅପ୍ ଏବଂ ଖୋର୍ଦ୍ଧା ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାକୁ ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ା କ୍ରିକେଟ ଆସୋସିଏଶନ ସମ୍ପାଦକ ପ୍ରଯୋଲ୍ ପଟେଲ, ଓଡ଼ିଶା ପେନଚାକ୍ ସିଲାଟ ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଇଣ୍ଡିଆନ ପେନ୍‌ଚାକ ସିଲାଟ ଫେଡେରେଶନ ପ୍ରତିନିଧି ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜିଲାରୁ ୩୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଥିଲେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ ଓ କ୍ୟାପ୍‌ଟେନ ମାନସ ଆଚାର୍ଯ୍ୟ। ପେନ୍‌ଚାକ ସିଲାଟ୍ ଆସୋସିଏଶନ୍ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ

## ଦୁଲିପ ଟ୍ରଫି

■ ଆକାଶ ଦୀପ୍, ଇଶାନ କିଶନ ଖେଳିବେନି

କୋଲକାତା, ୧୮।୮ (ପି.ଟି.)

ଭାରତ ପେସ୍ ବୋଲର ଆକାଶ ଦୀପ୍ ଓ ପୂର୍ବାଞ୍ଚଳ ଅଧିନାୟକ ତଥା ଉଇକେଟକିପର ବ୍ୟାଟର ଇଶନ କିଶନ ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି କ୍ରିକେଟ ମ୍ୟାଚ ଖେଳିବେନି। କିଶନଙ୍କ ଅନୁପସ୍ଥିତିରେ ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ଏବଂ ଆସାମ ଅଲରାଉଣ୍ଡର ରିୟାନ ପରାଗଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ସିଜନ ଆରମ୍ଭ ଦୁଲିପ ଟ୍ରଫି ମ୍ୟାଚଗୁଡ଼ିକ ଅଗଷ୍ଟ ୨୮ରୁ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଖେଳାଯିବ। ଆକାଶ ଏପର୍ଯ୍ୟନ୍ତ ପିଠି ଇଞ୍ଜୁରିରୁ ମୁକ୍ତ ହୋଇ ନାହାନ୍ତି। ଏହି କାରଣରୁ ସେ ନିକଟରେ ଇଂଲଣ୍ଡ ଟୁର୍ ବେଳେ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ନ ଥିଲେ। ଏହି ୨୮ ବର୍ଷୀୟ ଖେଳାଳିଙ୍କ ସ୍ଥାନରେ ପୂର୍ବାଞ୍ଚଳ ଦଳରେ ବିହାରର ମୁକ୍ତାର ହୁସେନଙ୍କୁ ନିଆଯାଇଛି। ବେଙ୍ଗଲ ପେସ୍ ବୋଲର ଆକାଶ ଇଂଲଣ୍ଡ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ୧୩ ଉଇକେଟ ନେଇଥିଲେ। ତନ୍ମଧ୍ୟରେ ବର୍ମିଂହାମ୍‌ରେ ତାଙ୍କ ୧୦ ଉଇକେଟ ସଫଳତା ଅନ୍ୟତମ। ଓଭାଲଠାରେ ସେ ଆହୁରି ମଧ୍ୟ ତାଙ୍କ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଡାକ୍ତରୀ ପରାମର୍ଶ ଯୋଗୁ ସେ ଉପଲବ୍ଧ ହେବେ ନାହିଁ।


ଅଭିମନ୍ୟୁ ଈଶ୍ୱରନ

## ସାଫ୍ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ): ଭୁଟାନରେ ଚଳିତ ମାସ ୨୦ ତାରିଖରୁ ୧୭ ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ଘୋଷିତ ୨୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ ସ୍ଥାନ ପାଇଛନ୍ତି। ଭାରତ ୨୦ରେ ନେପାଳ, ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶକୁ ଭେଟିବ। ରିତୁଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଖେଳାଳିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ

## ପେରୁ ପାରା ବ୍ୟାଡ୍‌ମିଣ୍ଟନ


ପଦକ ସହ ଦୀପ ରଞ୍ଜନ ବିଷୋୟୀ ଓ ଶୁଭ୍ରଜିତ ମହାରଣା।

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ (ଲେଭଲ-୨) ପାରା ବାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ମନୋଜ ସରକାରଙ୍କୁ ସାଥିକରି ଦୀପ ରଞ୍ଜନ ବିଷୋୟୀ ପୁରୁଷ ଡବଲ୍ସ ଏସଏଲ୍‌୩-ଏସୟୁ୪ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଏହି ଯୋଡ଼ି ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୨-୨୦, ୨୧-୧୧ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ୪ରେ ଦୀପ୍ ରଞ୍ଜନ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ସେ ବ୍ରାଜିଲର ଆର. ଓଲିଭିଆଙ୍କଠାରୁ ୪-୨୧, ୨୩-୨୧ ଓ ୧୫-୨୧ରେ ପରାସ୍ତ ହୋଇଛନ୍ତି। ସେହିପରି ଶୁଭ୍ରଜିତ ମହାରଣା ଅନ୍ୟତମ ଭାରତୀୟ ଖେଳାଳି ଅରୱାଜ ଅନସାରିଙ୍କୁ ପାର୍ଟନର କରି ପୁରୁଷ ଡବଲ୍ସ ଏସଏଲ୩-ଏସଏଲ୪ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଯୋଡ଼ି ସେମିଫାଇନାଲରେ ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କଠାରୁ ୧୪-୨୧, ୧୩-୨୧ରେ ହାରି ଯାଇଛନ୍ତି।

# ଡୋପ୍ ଜାଲରେ ଟ୍ରିପଲ ଜମ୍ପର ଶିନା ଭାର୍କେ

ନୂଆଦିଲ୍ଲୀ, ୧୮।୮ (ପି.ଟି.)


ଶିନା ଭାର୍କେ

ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି(ନାଡା) ଟ୍ରିପଲ ଜମ୍ପର ଶିନା ଭାର୍କେଙ୍କୁ ସସ୍‌ପେଣ୍ଡ କରିଛି। ଶିନା ଜାତୀୟସ୍ତରରେ ଅନେକ ପଦକ ଜିତିଛନ୍ତି। ଅନ୍ତର୍ଜାତୀୟସ୍ତରରେ ମଧ୍ୟ ସେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୩୨ବର୍ଷୀୟା ଆଥ୍‌ଲେଟ ୨୦୨୩ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ମଧ୍ୟ ଭାଗ ନେଇଛନ୍ତି। କେରଳର ଭାର୍କେ ଚଳିତବର୍ଷ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ରୌପ୍ୟ ପଦକ ଏବଂ ଏହାପରେ ଫେଡେରେଶନ କପ୍‌ରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୮ରେ ସେ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଏଥିରୁ ସୂଚିତ ହେଉଛି ଯେ, ଆଥଲେଟିକ୍ସରେ ଡୋପିଙ୍ଗ ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରି ନାହିଁ। ଅଗଷ୍ଟ ୧୧ରେ ବିଭିନ୍ନ କ୍ରୀଡ଼ାର କେତେଜଣ ଆଥ୍‌ଲେଟଙ୍କୁ ନାଡା ୩ବର୍ଷ ଲେଖାଏଁ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ସେମାନଙ୍କ ମଧ୍ୟରେ ଜାତୀୟ କ୍ରୀଡ଼ା ଡିସ୍କସ୍ ଥ୍ରୋୟର ଗଗନଦୀପ ସିଂ ଅନ୍ୟତମ ଥିଲେ। ଏମାନେ ସମସ୍ତେ ସେମାନଙ୍କ ବିରୋଧରେ ଆଗତ ଅଭିଯୋଗକୁ ୨୦ଦିନ ମଧ୍ୟରେ ମାନି ନେଇଥିଲେ। ସର୍ଭିସେସ୍‌ରୁ ପ୍ରତିନିଧିତ୍ୱ କରିଥିବା ଗଗନଦୀପ ଫେବୃଆରୀ ୧୨ରେ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ଶ୍ରେଷ୍ଠ ଥ୍ରୋ ୫୫.୦୧ ମିଟର ସହ ପୁରୁଷ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଟେଷ୍ଟୋଷ୍ଟେରନ ମେଟାବଲିଟିଜ ପାଇଁ ତାଙ୍କର ପଜିଟିଭ ଆସିବାରୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ପ୍ରକାଶିତ ୨୦୨୩ ବର୍ଷର ଟେଷ୍ଟିଂ ଫିଗର ଅନୁସାରେ ନିଷିଦ୍ଧ ପଦାର୍ଥ ପାଇଁ ୫୬୦୬ ସାମ୍ପଲରୁ ପ୍ରତିକୂଳ ବିଶ୍ଳେଷଣାତ୍ମକ ଫଳାଫଳ ସଂଖ୍ୟା ହେଉଛି ୨୧୪। ତନ୍ମଧ୍ୟରେ ଭାରତର ପଜିଟିଭ ହାର ହେଉଛି ୩.୮ ପ୍ରତିଶତ। ଭାରତର ପଜିଟିଭ ହାର ଚାଇନା, ୟୁଏସ୍‌ଏ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆଠାରୁ ଯଥେଷ୍ଟ ଅଧିକ। ଏହି ସବୁ ଦେଶଗୁଡ଼ିକରେ ପଜିଟିଭ ହାର ଏକ ପ୍ରତିଶତ କିମ୍ବା ତା'ଠାରୁ କମ୍। ୱାଡା ପାଖରେ ରହିଥିବା ତଥ୍ୟ ଅନୁସାରେ ଭାରତରେ ୧୨୨୩ ସାମ୍ପଲ ମଧ୍ୟରେ ପଜିଟିଭଙ୍କ ସଂଖ୍ୟା ୬୧ ରହିଛି।

# ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା, ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓସ୍‌ଜା ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଇ ଆସୁଥିବା କ୍ରୀଡ଼ା ଖବରଦାତା ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀରେ ସଦସ୍ୟମାନେ ଶ୍ରଦ୍ଧାସୁମନ ଜଣାଇବା ସହ ସ୍ମୃତି ଚାରଣ କରିଥିଲେ। ଏହାପରେ କ୍ରୀଡ଼ା ଖବରଦାତାଙ୍କ ମଧ୍ୟରେ ସୌଖୀନ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ହୋଇଥିଲା। ବନ୍ଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ବାହୁକୁସ୍ତିର ୭୫ କେଜିରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ ନନ୍ଦ, ରଞ୍ଜନ ରାୟ ଏବଂ ୭୫ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଞ୍ଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ସମୀକ୍ଷା ପଟ୍ଟନାୟକ, ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓସ୍‌ଜାର ସଦସ୍ୟବୃନ୍ଦ।

# ଏଆଇଏଫ୍‌ଏଫ୍-ଏଫ୍‌ଏସ୍‌ଡିଏଲ୍ ବିବାଦର ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.): ଆସନ୍ତା ୨୨ ତାରିଖରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଚାଲିଥିବା ବିବାଦର ସମ୍ପର୍କୀତ ମାମଲାର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହୋଇଛନ୍ତି। ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ)କୁ ନେଇ ଲାଗି ରହିଥିବା ବିବାଦ କାରଣରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୧ କ୍ଲବର ଚୁକ୍ତିର ରିନେୱାଲ କରାଯାଇ ନାହିଁ। ପୂର୍ବରୁ ଉକ୍ତ ୧୧ ଆଇଏସ୍‌ଏଲ୍ କ୍ଲବଗୁଡ଼ିକ ଏଆଇଏଫ୍‌ଏଫ୍‌କୁ ଚେତାବନୀ ଦେଇଥିଲେ ଯେ, ଯଦି ଶୀର୍ଷ ସ୍ତରୀୟ ଘରୋଇ ପ୍ରତିଯୋଗିତାକୁ ନେଇ ଲାଗି ରହିଥିବା ବିବାଦର ଶୀଘ୍ର ସମାଧାନ କରା ନ ଯାଏ, ତେବେ ସେମାନେ ସମ୍ପୂର୍ଣ୍ଣ ଅଚଳ ହୋଇପାରନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ